RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

NITIDIN
# ନିତିଦିନ

www.nitidin.com
twitter.com/nitidintoday
facebook.com/nitidintoday

FRIDAY
26 JUNE 2026
ଶୁକ୍ରବାର
୨୬ ଜୁନ୍ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 12 • ISSUE 26 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୨ • ସଂଖ୍ୟା ୨୬ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

## କମର୍ସିଆଲ୍ ଏଲ୍‌ପିଜି ଯୋଗାଣ କଟକଣାମୁକ୍ତ



**ନୂଆଦିଲ୍ଲୀ, ୨୫।୬/ଏଜେନ୍ସି:**

ଶିଳ୍ପ ଏବଂ ବାଣିଜ୍ୟ କ୍ଷେତ୍ରର ଏଲ୍‌ପିଜି ଗ୍ରାହକଙ୍କ ପାଇଁ ସରକାରଙ୍କ ତରଫରୁ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯାଇଛି । ସମସ୍ତ ଅଞ୍ଚଳରେ ଏହି ଗ୍ରାହକମାନଙ୍କୁ ଏଲ୍‌ପିଜି ସିଲିଣ୍ଡର ଯୋଗାଣ ଉପରେ ଲାଗିଥିବା ସମସ୍ତ କଟକଣାକୁ ଗୁରୁବାର ଠାରୁ ହଟାଇ ଦିଆଯାଇଛି । ପଶ୍ଚିମ ଏସିଆ ସଙ୍କଟ ପୂର୍ବରୁ ଯେଉଁଭଳି ଯୋଗାଣ ହେଉଥିଲା, ଏଲ୍‌ପିଜି ଯୋଗାଣକୁ ପୁଣି ସେହି ସ୍ତରକୁ ବୃଦ୍ଧି କରାଯାଇଛି । ଏହା ଶିଳ୍ପ ଏବଂ ବ୍ୟବସାୟ ପାଇଁ ବହୁତ ସହାୟକ ହେବ । ପ୍ରକାଶ, ପଶ୍ଚିମ ଏସିଆ ସଙ୍କଟ ସମୟରେ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯାଇଥିବା ସାମୂହିକ ଏଲ୍‌ପିଜି ଯୋଗାଣ ମଧ୍ୟ ଏବେ ୫୦% ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ▶▶ ୫

## ବଢ଼ିଲା ପାସ୍‌ପୋର୍ଟ ଫି'

### ଜୁଲାଇ ୧ରୁ ସଂଶୋଧିତ ଦର ଲାଗୁ



**ନୂଆଦିଲ୍ଲୀ,୨୫।୬/ଏଜେନ୍ସି:**

ପାସପୋର୍ଟ ନାଗରିକତାର ପ୍ରମାଣ ନୁହେଁ ବୋଲି ବୁଧବାର କହିଥିବା କେନ୍ଦ୍ର ସରକାର ଗୁରୁବାର ଏହାର ଆବେଦନ ଫି'କୁ ବୃଦ୍ଧି କରି ଦେଇଛନ୍ତି । ୧୪ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ କେନ୍ଦ୍ର ସରକାର ପାସପୋର୍ଟ ଫି' ବୃଦ୍ଧି କରିଛନ୍ତି । ସାଧାରଣ ପାସପୋର୍ଟ ପାଇଁ ଏଣିକି ୨୫୦୦ ଟଙ୍କା ଓ ତତ୍କାଳ ପାସପୋର୍ଟ ପାଇଁ ୫୦୦୦ ଟଙ୍କା ଦେବାକୁ ପଡ଼ିବ । ଏହି ▶▶ ୫

### ପୀତବାସ ପଣ୍ଡା ହତ୍ୟା ମାମଲା

## ଫାଇନାଲ୍ ଚାର୍ଜସିଟ୍ ଦାଖଲ



**ବ୍ରହ୍ମପୁର,୨୫।୬/ଏନ୍‌ଏନ୍‌ଏସ୍:**

ବ୍ରହ୍ମପୁରର ବହୁ ଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ପୁଲିସ ୩୯୬ ପୃଷ୍ଠାର ଫାଇନାଲ୍ ଚାର୍ଜସିଟ୍ ଦାଖଲ କରିଛି । ପୂର୍ବରୁ ପୁଲିସ ୩୦ ହଜାର ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଥିଲା । ତେବେ ଫାଇନାଲ ଚାର୍ଜସିଟ୍ ଦାଖଲ ସହ ପୁଲିସ ମାମଲାର ପରିସମାପ୍ତି ଘଟାଇଛି । କୋର୍ଟ ଆଗାମୀ ୪ ତାରିଖରେ ପରବର୍ତ୍ତୀ ଶୁଣାଣି କରିବାକୁ ଦିନ ଧାର୍ଯ୍ୟ କରିଛନ୍ତି । ଫାଇନାଲ ଫାଇନାଲ ଚାର୍ଜସିଟ୍ ସହ ପୁଲିସ ▶▶ ୫

## ୩ଙ୍କୁ ବାନ୍ଧିଲା ଭିଜିଲାନ୍ସ

**ଭୁବନେଶ୍ୱର,୨୫।୬/ଏନ୍‌ଏନ୍‌ଏସ୍:**

ପ୍ରତି ପଞ୍ଚାୟତରେ ଏଲ୍‌ଇଡି ଷ୍ଟ୍ରୀଟ୍ ଲାଇଟ୍ ଲଗାଇବାରେ ବ୍ୟାପକ ଦୁର୍ନୀତି ଓ ସରକାରୀ ଅର୍ଥ ହରିଲୁଟ୍ ମାମଲାରେ ରାଜ୍ୟ ଭିଜିଲାନ୍ସ ଗୁରୁବାର ୩ଜଣ ଠିକାଦାରଙ୍କୁ ଗିରଫ କରିଛି । ବୁଧବାର ଭିଜିଲାନ୍ସର ୨୪ଟି ଟିମ୍ ଏକକାଳୀନ କେନ୍ଦୁଝର, ନୟାଗଡ଼ ଓ ଯାଜପୁର ଜିଲ୍ଲାର ୫୦ଟି ସ୍ଥାନରେ ଚଢ଼ଉ କରିଥିଲା । ଭିଜିଲାନ୍ସ ଏହି ମାମଲାରେ ଅଧିକ ଲୋକଙ୍କୁ ଗିରଫ କରିବାର ଆଶଙ୍କା ରହିଛି । ଭିଜିଲାନ୍ସ ପକ୍ଷରୁ ଜାରି ସୂଚନା ଅନୁସାରେ, ପଞ୍ଚମ ରାଜ୍ୟ ଅର୍ଥ ଆୟୋଗଙ୍କ ▶▶ ୫

**ଷ୍ଟ୍ରୀଟ୍ ଲାଇଟ୍ କେଲେଙ୍କାରୀ**

## ଗୁଳିମାଡ଼ରେ ବ୍ୟବସାୟୀ ମୃତ

### ୮ ଖୋକା ଜବତ୍

**ବାଲେଶ୍ୱର,୨୫।୬/ଏନ୍‌ଏନ୍‌ଏସ୍:**

ଗୁଳି, ହତ୍ୟା, ରକ୍ତପାତ । ଦିନଦ୍ୱିପ୍ରହରକୁ ଖାତିର ନାହିଁ କି ପୁଲିସ ଡରକୁ ପରୱା ନାହିଁ । ରାଜରାସ୍ତାରେ ଫୁଟୁଛି ଗୁଳି, ରାତି ଅଧରେ ହେଉଛି ନିର୍ମମ ହତ୍ୟା । ଭୁବନେଶ୍ୱରରୁ ପୁରୀ, ପୁଣି ପୁରୀରୁ ବାଲେଶ୍ୱର । ରାଜ୍ୟକୁ ଥରାଇ ଦେଉଛି ବେଲଗାମ୍ ଅପରାଧୀଙ୍କ ଆତଙ୍କ । ଏହାରି ଭିତରେ ଆଜି ବାଲେଶ୍ୱରକୁ ଥରହର କରିପକାଇଛି ଅଭିଯୁକ୍ତଙ୍କ ରକ୍ତରଞ୍ଜିତ କାଣ୍ଡ ।ବାଲେଶ୍ୱର ସହରସ୍ଥିତ ସହଦେବଖୁଣ୍ଟା ଥାନା ଅଧୀନ ଅରଡ଼ ବଜାରରେ ଗୁରୁବାର ▶▶ ୫

## ୩୯ ସେକେଣ୍ଡ୍‌ରେ ୨ ଶକ୍ତିଶାଳୀ ଭୂକମ୍ପ

# ଭେନେଜୁଏଲା ଛାରଖାର

**କାରାକାସ୍(ଭେନେଜୁଏଲା), ୨୫।୬/ଏଜେନ୍ସି:**

ଭେନେଜୁଏଲାରେ ୩୯ ସେକେଣ୍ଡ ମଧ୍ୟରେ ଦୁଇଟି ଶକ୍ତିଶାଳୀ ଭୂକମ୍ପ ଯୋଗୁଁ ବଡ଼ ବିପର୍ଯ୍ୟୟ ଘଟିଛି । ଦକ୍ଷିଣ ଆମେରିକୀୟ ଦେଶ ଭେନେଜୁଏଲାରେ ଭାରତୀୟ ସମୟ ଗୁରୁବାର ଭୋର୍ ୩.୩୪ ଏବଂ ୩.୩୫ ତଥା ସ୍ଥାନୀୟ ସମୟ ବୁଧବାର ସନ୍ଧ୍ୟା ୬.୦୪ ମିନିଟ୍‌ରେ ୭.୨ ଏବଂ ୬.୦୫ ମିନିଟ୍‌ରେ ୭.୫ ତୀବ୍ରତାର ଦୁଇଟି ଝଟ୍‌କା ଆସିଥିଲା । ଏହି ଦୁଇଟି ଶକ୍ତିଶାଳୀ ଭୂକମ୍ପ ଯୋଗୁ ଅନେକ ବଡ଼ ବଡ଼ ବିଲ୍ଡିଂ ମାଟିରେ ମିଶିଯାଇଥିବା ବେଳେ ମୃତ୍ୟୁ ସଂଖ୍ୟା ୨୦୦ ଅତିକ୍ରମ କରିଛି । ସେହିପରି ବର୍ତ୍ତମାନ ସୁଦ୍ଧା ଆହତଙ୍କ ସଂଖ୍ୟା ମଧ୍ୟ ୧୪୦୦ରେ ପହଞ୍ଚିଥିବା ସୂଚନା ମିଳିଛି । ଗୋଟିଏ ପଟେ ଉଦ୍ଧାର କାର୍ଯ୍ୟ ଚାଲିଥିବା ବେଳେ ଚାରିଆଡେ କୁଢ଼ କୁଢ଼ ଶବ ପଡ଼ି ରହିଥିବାର ଦୃଶ୍ୟ ଅତ୍ୟନ୍ତ ଦୁଃଖଦ ପରିସ୍ଥିତି ସୃଷ୍ଟି କରିଛି । ସ୍ଥାନୀୟ ଲୋକେ ପ୍ରତିକ୍ରିୟାରେ କହିଛନ୍ତି ଯେ ଭୂକମ୍ପ ପରେ ପ୍ରାୟ ୬୦ ସେକେଣ୍ଡ ପର୍ଯ୍ୟନ୍ତ ସହର ଥରିବା ଜାରି ରହିଥିଲା । ଏହା ସହିତ ୨୦ଟି ଆଫ୍ଟର ଶକ୍ (ଭୂକମ୍ପ ପରବର୍ତ୍ତୀ ଝଟକା) ମଧ୍ୟ ଅନୁଭୂତ ହୋଇଛି । ଅନ୍ୟପକ୍ଷେ ଆମେରିକା ଜିଓଲଜିକାଲ୍ ସର୍ଭେ (ୟୁଏସ୍‌ଜିଏସ୍) ଅନୁଯାୟୀ, ଏହି ଭୂକମ୍ପ ଯୋଗୁଁ ୧୦ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହେବାର ଯଥେଷ୍ଟ ଆଶଙ୍କା ରହିଛି ।



ୟୁଏସ୍‌ଜିଏସ୍ ଦର୍ଶାଇଛି ଯେ, ଏହା ଏକ ବିରଳ ଭୂକମ୍ପ ପ୍ରକ୍ରିୟା ଥିଲା, ଯାହାକୁ ବିଜ୍ଞାନ ଭାଷାରେ ସେସମିକ୍ ଡବଲେଟ୍ କୁହାଯାଏ । ଏହାର ଅର୍ଥ ପ୍ରାୟ ସମାନ ତୀବ୍ରତାର ଦୁଇଟି ବଡ଼ ଭୂକମ୍ପ ଖୁବ୍ କମ୍ ସମୟ ବ୍ୟବଧାନରେ (ଏଠାରେ ମାତ୍ର ୩୯ ସେକେଣ୍ଡ ମଧ୍ୟରେ) ଏକାଠି ଆସିବା । ଭେନେଜୁଏଲା ଏଭଳି ଏକ ପ୍ରାକୃତିକ ବିପର୍ଯ୍ୟୟର ଶିକାର ହୋଇଛି, ଯେତେବେଳେ କି ସମଗ୍ର ଦେଶ ଜାତୀୟ ଛୁଟି ପାଳନ କରୁଛି । ୧୮୨୧ ମସିହାରେ ସ୍ପେନ୍ ବିରୁଦ୍ଧରେ ସ୍ୱାଧୀନତା ସଂଗ୍ରାମର ଐତିହାସିକ ବିଜୟର ବାର୍ଷିକୀ ଅବସରରେ ସ୍କୁଲ-କଲେଜ ଏବଂ ସମସ୍ତ ସରକାରୀ ତଥା ବେସରକାରୀ କାର୍ଯ୍ୟାଳୟଗୁଡ଼ିକ ▶▶ ୫

- ୧୨୬ ବର୍ଷ ମଧ୍ୟରେ ଦେଶର ସବୁଠାରୁ ଶକ୍ତିଶାଳୀ ଭୂକମ୍ପ
- ଥରିଲା ବ୍ରାଜିଲ୍ ଓ କଲମ୍ବିଆ ମାଟି, ଚାରିଆଡ଼େ ହାହାକାର
- ମୃତ୍ୟୁସଂଖ୍ୟା ୨୦୦ ପାର୍, ୧୪୦୦ରୁ ଅଧିକ ଆହତ
- ଅନେକ ଭଗ୍ନାବଶେଷ ତଳେ ଦବି ରହିଥିବା ଆଶଙ୍କା
- ଜରୁରୀ ପରିସ୍ଥିତି ଘୋଷଣା କଲେ କାର୍ଯ୍ୟକାରୀ ରାଷ୍ଟ୍ରପତି
- ଆମେରିକା, ୟୁଏନ୍ ସହ ଭାରତ ବି ବଢ଼ାଇଲା ସହାୟତାର ହାତ

## ବିଜେଡିରେ ସୁଜାତାଙ୍କ ଏଣ୍ଟ୍ରି

**ଭୁବନେଶ୍ୱର,୨୫।୬/ଏନ୍‌ଏନ୍‌ଏସ୍:**

ସସ୍‌ପେନ୍ସ ଉଠିଲା । ସବୁ କଳ୍ପନା ଜଳ୍ପନା ଓ ବିବାଦର ଅନ୍ତ ଘଟାଇ ଶେଷରେ ବିଜେଡିରେ ଏଣ୍ଟ୍ରି କରିଛନ୍ତି ସୁଜାତା ରାଉତ । ଗୁରୁବାର ବିଧିବଦ୍ଧ ଭାବେ ଶଙ୍ଖ ଭବନରେ ସୁଜାତାଙ୍କୁ ଦଳରେ ସାମିଲ କରାଇଛନ୍ତି ସୁପ୍ରିମୋ ନବୀନ ପଟ୍ଟନାୟକ । ଆଇଏଏସ୍ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇଥିବା ସୁଜାତା ବିଜେଡିରେ

**ବିଜେଡି ଆସନ୍ତା ନିର୍ବାଚନ ମୋ ନେତୃତ୍ୱରେ ହିଁ ଲଢ଼ିବ: ନବୀନ**

**ଦଳ ଓ ରାଜ୍ୟ ପାଇଁ କାର୍ଯ୍ୟ କରିବି : ସୁଜାତା**



ରାଜନୈତିକ କ୍ୟାରିୟର ଆରମ୍ଭ କରିଛନ୍ତି । ତେବେ ତାଙ୍କର ଦୀର୍ଘ ପ୍ରଶାସନିକ ଅଭିଜ୍ଞତା ଦଳର ସଂଗଠନକୁ ମଜଭୁତ କରିବାରେ ସହାୟକ ହେବ । ଦଳକୁ ତୃଣମୂଳ ସ୍ତରରେ ଅଧିକ ଶକ୍ତିଶାଳୀ କରିବ ବୋଲି ନବୀନ ପଟ୍ଟନାୟକ ମତ ପ୍ରକାଶ କରିଛନ୍ତି । ଏହାସହ ସୁଜାତା ତାଙ୍କ ଉତ୍ତରାଧିକାରୀ ନୁହଁନ୍ତି । ଜଣେ ସାଧାରଣ କର୍ମୀ ଭାବେ ସେ ଦଳରେ ଯୋଗ ଦେଇଛନ୍ତି ବୋଲି ସ୍ପଷ୍ଟ କରିବା ସହ ବିଜେଡି ଆସନ୍ତା ନିର୍ବାଚନ ମୋ ନେତୃତ୍ୱରେ ହିଁ ଲଢ଼ିବ ବୋଲି ନବୀନ କହିଛନ୍ତି ।ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଉତ୍ତରୀୟ ଦେଇ ସୁଜାତା ରାଉତଙ୍କୁ ଦଳରେ ସାମିଲ କରିଥିଲେ । ଏହି ଅବସରରେ ସୁଜାତା ରାଉତ କହିଥିଲେ, ନବୀନ ପଟ୍ଟନାୟକ ମୋର ପ୍ରେରଣାର ଉତ୍ସ । ଜଣେ ପ୍ରଶାସନିକ ଅଧିକାରୀ ଭାବେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦୀର୍ଘ ୨୪ ବର୍ଷ ଧରି କାର୍ଯ୍ୟ କରିଛି । ଆଗାମୀ ଦିନରେ ତାଙ୍କ ନେତୃତ୍ୱରେ ରାଜ୍ୟର ସେବା କରିବା ପାଇଁ ବିଜୁ ଜନତା ଦଳରେ ଯୋଗ ଦେଇଛି । ପ୍ରଭୁ ▶▶ ୫

### ୨୦୨୩ ଓ ୨୦୨୪ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଘୋଷିତ

## ପୁଷ୍କରା, ମାଇଁ ସୁଇଟ୍ ହାଉସ୍ ୱାଇଫ୍, ଆଶ୍ରମ ଶ୍ରେଷ୍ଠ ଫିଲ୍ମ



**୨୦୨୩ ପାଇଁ ହରିହର ମହାପାତ୍ର, ୨୦୨୪ ପାଇଁ ବାବୁସାନ ଶ୍ରେଷ୍ଠ ଅଭିନେତା**

**ପୁରସ୍କାର ସମସ୍ତ କଳାକାରମାନଙ୍କୁ ପ୍ରୋତ୍ସାହିତ କରିବ: ସଂସ୍କୃତି ମନ୍ତ୍ରୀ**

**ଭୁବନେଶ୍ୱର,୨୫।୬/ଏନ୍‌ଏନ୍‌ଏସ୍:**

୨୦୨୩ ଓ ୨୦୨୪ ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା କରାଯାଇଛି । ୨୦୨୩ ପାଇଁ 'ପୁଷ୍କରା' ଓ 'ମାଇଁ ସୁଇଟ୍ ହାଉସ୍ ୱାଇଫ୍' ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି । 'ପୁଷ୍କରା'ର ଅଭିନେତ୍ରୀ ସୁପ୍ରିୟା ୨୦୨୩ର ଶ୍ରେଷ୍ଠ ଅଭିନେତ୍ରୀ ହୋଇଛନ୍ତି । 'ମାଇଁ ସୁଇଟ୍ ହାଉସ୍ ୱାଇଫ୍' ପାଇଁ ନୈନା ଦାସ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ ଓ ହରିହର ମହାପାତ୍ର ୨୦୨୩ର ଶ୍ରେଷ୍ଠ ଅଭିନେତା ହୋଇଛନ୍ତି । ୨୦୨୪ ପାଇଁ 'ଆଶ୍ରମ' ଶ୍ରେଷ୍ଠ ଚଳଚ୍ଚିତ୍ର ହୋଇଥିବା ବେଳେ 'ପାବାର' ଚଳଚ୍ଚିତ୍ର ପାଇଁ ବାବୁସାନ୍ ଶ୍ରେଷ୍ଠ ଅଭିନେତା ହୋଇଛନ୍ତି । ଗୁରୁବାର ଏହି ଘୋଷଣା କରିଛନ୍ତି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ।

ଭୁବନେଶ୍ୱର ସ୍ଥିତ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବର୍ଷ ୨୦୨୩ ଏବଂ ୨୦୨୪ ପାଇଁ ଯଥାକ୍ରମେ ୩୫ତମ ଓ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମସ୍ତ ବିଜେତା ମାନଙ୍କ ନାମ ଘୋଷଣା କରିଛନ୍ତି । ଜୁନ୍ ୨୬ ତାରିଖରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ସମାରୋହ ଅନୁଷ୍ଠିତ ହେବ । ୨୦୨୩ ପାଇଁ ମିଳିତ ଭାବେ 'ପୁଷ୍କରା' ଓ 'ମାଇଁ ସୁଇଟ୍ ହାଉସ ୱାଇଫ୍' ଏବଂ ୨୦୨୪ ପାଇଁ 'ଆଶ୍ରମ'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯିବ । ୨୦୨୩ ପାଇଁ ହରିହର ମହାପାତ୍ର ଏବଂ ୨୦୨୪ ପାଇଁ ବାବୁସାନଙ୍କୁ ଶ୍ରେଷ୍ଠ ମୁଖ୍ୟ ଅଭିନେତା, ୨୦୨୩ ପାଇଁ ମିଳିତ ଭାବେ ନୈନା ଦାଶ ତିୱାରୀ ଓ ସୁପ୍ରିୟା ନାୟକ ଏବଂ ୨୦୨୪ ପାଇଁ ଦେବଯାନୀ ଦେଘୁରିଆଙ୍କୁ ଶ୍ରେଷ୍ଠ ମୁଖ୍ୟ ଅଭିନେତ୍ରୀ, ୨୦୨୩ ପାଇଁ ପିନାକୀ ସିଂ ଓ ଶିଶିର କୁମାର ସାହୁ ଏବଂ ୨୦୨୪ ପାଇଁ ଅଶୋକ ପତିଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ପ୍ରଦାନ କରାଯିବ । ୨୦୨୩ ପାଇଁ ୩୧ଟି ବର୍ଗ ଏବଂ ୨୦୨୪ ପାଇଁ ୩୧ଟି ବର୍ଗରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯିବ । ଚଳଚ୍ଚିତ୍ର ଜଗତରେ ଜୀବନବ୍ୟାପୀ ସାଧନା ପାଇଁ ସର୍ବୋଚ୍ଚ ପୁରସ୍କାର ମୋହନ ସୁନ୍ଦର ଦେବ ଗୋସ୍ୱାମୀ ପୁରସ୍କାର ସମେତ ବିଭିନ୍ନ ବର୍ଗରେ ଶ୍ରେଷ୍ଠ ବିବେଚିତ ହୋଇଥିବା ପ୍ରତିଭାମାନଙ୍କୁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯିବ । ୨୦୨୩ ପାଇଁ ଶ୍ୟାମଳେନ୍ଦୁ ▶▶ ୫



## ଚନ୍ଦ୍ରିକା ମୃତ୍ୟୁ ଘଟଣା, ଜେଲ୍ ଫେରିଲେ ଭୀମସେନ

**କଟକ,୨୫।୬/ଏନ୍ଏନ୍ଏସ୍:** ବହୁ ଚର୍ଚ୍ଚିତ ମୟୂରଭଞ୍ଜର ମେଡିକାଲ୍ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ୍‌ଙ୍କ ମୃତ୍ୟୁ ଘଟଣାରେ ତାଙ୍କ ପ୍ରେମିକ ତଥା ଓଏସ ଭୀମସେନ ଟୁଡୁଙ୍କୁ କମିଶନ୍‌ରେଟ ପୁଲିସ ଜେରା କରିଛି। ତାଙ୍କୁ ୪୮ ଘଣ୍ଟିଆ ରିମାଣ୍ଡ୍‌ରେ ଆଣି ବାରଙ୍ଗ ପୁଲିସ ଜେରା କରି ରିମାଣ୍ଡରେ ଆଣିବାର ୨୪ ଘଣ୍ଟାରେ କୋର୍ଟରେ ହାଜର କରିଥିଲା। ଏହାପରେ ପରେ ଭୀମସେନଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସୂଚନଯୋଗ୍ୟ ଗତକାଲି ପୂର୍ବାହ୍ନ ୧୧ଟାରେ ଭୀମସେନଙ୍କୁ ବାରଙ୍ଗ ଥାନାରୁ ନେଇ ପ୍ରଥମେ ବାରଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ମେଡିକାଲରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହା ପରେ କୋର୍ଟରେ ହାଜର କରାଇବା ପରେ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଭୀମସେନଙ୍କୁ ଗିରଫ କରିବା ପରେ ପୁଲିସକୁ ଜେରା କରିବାକୁ ପ୍ରଜାପ୍ତ ସମୟ ମିଳି ନଥିଲା। ସେଭଳି କିଛି ସଫଳତା ପୁଲିସକୁ ମିଳିନଥିବା ବେଳେ ଅଳ୍ପ କେତେକ ଗରୁତ୍ୱପୂର୍ଣ୍ଣ ତଥ୍ୟ ହାତେଇବାରେ ପୁଲିସ ସକ୍ଷମ ହୋଇଥିବା ଜଣାପଡ଼ିଛି। ପୁଲିସ ୩ ଦିନିଆ ରିମାଣ୍ଡ୍ ପାଇଁ କୋର୍ଟରେ ଆବେଦନ କରିଥିଲା। ମାତ୍ର କୋର୍ଟ ଦୁଇ ଦିନ ଅର୍ଥାତ ୪୮ ଘଣ୍ଟା ରିମାଣ୍ଡ୍ ଦେଇଥିଲେ। ତେବେ ପୁଲିସ ୨୪ ଘଣ୍ଟା ମଧ୍ୟରେ ଭୀମସେନଙ୍କୁ ଚନ୍ଦ୍ରିକା ସହିତ ସମ୍ପର୍କକୁ ନେଇ ପ୍ରଶ୍ନ ପଚାରିଥିଲା। ଭୀମସେନ୍ ମାପିଚୁପି ଉତର ଦେଇଥିଲା ବୋଲି ଜଣାପଡ଼ିଛି।

## ହସ ଓ ସକାରାତ୍ମକତାର ପାଠଶାଳା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ: ଇନ୍ଦ୍ରେଶ ଉପାଧ୍ୟାୟ

**କଟକ,୨୫।୬/ଏନ୍ଏନ୍ଏସ୍:** ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ହେଉଛି ଏପରି ଏକ ଶିକ୍ଷାନୁଷ୍ଠାନ, ଯେଉଁଠି ବିଦ୍ୟାର୍ଥୀଙ୍କୁ ତ୍ୱଚାର ଯତ୍ନ ନେବାକୁ କୌଣସି କସମେଟିକ୍ସ ବ୍ୟବହାର କରିବାକୁ ପଡୁନାହିଁ। କାରଣ ସେମାନଙ୍କୁ ଖୁସି ରହିବା ଏବଂ ହସିବାର କଳା ଶିକ୍ଷା ଦିଆଯାଉଛି। ବିଶ୍ୱବିଦ୍ୟାଳୟର ସକାରାତ୍ମକ ଆଭା ସେମାନଙ୍କ ମୁହଁର ଚମକକୁ ଦ୍ୱିଗୁଣିତ କରୁଛି। ଯଦି ମୁଁ ଭବିଷ୍ୟତରେ କେବେ ବୃନ୍ଦାବନରେ କିଛି ବି ଶିକ୍ଷାନୁଷ୍ଠାନ ନିର୍ମାଣ କରେ, ତେବେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟଠାରୁ ପ୍ରେରଣାପ୍ରାପ୍ତ ବୋଲି କହିବାକୁ ଆଦୌ କୁଣ୍ଠା ପ୍ରକାଶ କରିବି ନାହିଁ। ଗୁରୁବାର ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟକୁ ଆସିଥିବା କଥାବାଚକ ଇନ୍ଦ୍ରେଶ ଉପାଧ୍ୟାୟ କିଛି ଏହିଭଳି କହି ବିଶ୍ୱବିଦ୍ୟାଳୟ ପ୍ରଶଂସାରେ ଶତମୁଖ ହୋଇ ଉଠିଛନ୍ତି।




କଟକରେ ପ୍ରାୟ ଏକ ସପ୍ତାହ ଧରି କଥା କାର୍ଯ୍ୟକ୍ରମ କରୁଥିବା ଇନ୍ଦ୍ରେଶ ଉପାଧ୍ୟାୟ ଜୀ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଆସିଥିବା ଅବସରରେ ଗୋ-ପୂଜନ କରିଥିଲେ। ତାଙ୍କୁ ବିଶ୍ୱବିଦ୍ୟାଳୟ ପରିସରକୁ କୁଳାଧ୍ୟକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ ଏବଂ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ପ୍ରମୁଖ ପାଛୋଟି ନେଇଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସମ୍ପର୍କରେ ଆଡମିନ୍ ଅଧିକାରୀ ସୌରଭ ବାଓ୍ୱେଜା ସମ୍ୟକ୍ ସୂଚନା ଦେବା ସହ ଇନ୍ଦ୍ରେଶ ଜୀ'ଙ୍କୁ ଦଶାବତାରମ୍ ନୃତ୍ୟ ମାଧ୍ୟମରେ ବିଶ୍ୱବିଦ୍ୟାଳୟ କଳା, ସଂସ୍କୃତିଓ ଭାରତୀୟ ଶିକ୍ଷା ବିଭାଗର ବିଦ୍ୟାର୍ଥୀମାନେ ସ୍ୱାଗତ କରିଥିଲେ। ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇ ବାହାରିବା ପରେ ହିଁ ଜୀବନର ପ୍ରକୃତ ପରୀକ୍ଷା ଆସିବ, ତେଣୁ ତାକୁ ସାହସର ସହ ସମ୍ମୁଖୀନ ହେବାକୁ ଇନ୍ଦ୍ରେଶ ଜୀ ଉପସ୍ଥିତ ବିଦ୍ୟାର୍ଥୀମାନଙ୍କୁ ନିଜ ଅଭିଭାଷଣ ଜରିଆରେ ଉପଦେଶ ଦେଇଥିଲେ। ଏଥିସହ ତାଙ୍କର ଚର୍ଚ୍ଚିତ ଭଜନ 'ଜଗନ୍ନାଥ... ଚକା ନୈନ୍' ଗାଇ ଉପସ୍ଥିତ ପ୍ରାୟ ପନ୍ଦର ଶହ ଶ୍ରୋତାଙ୍କୁ ଉତ୍ସାହିତ କରିଥିଲେ। କୁଳାଧ୍ୟକ୍ଷା ପ୍ରଫେସର କୁଲକର୍ଣ୍ଣୀ ଏବଂ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ତାଙ୍କୁ ବିଶ୍ୱବିଦ୍ୟାଳୟ ପରିସର ଏବଂ ଆଇକନିକ୍ ଟାଓ୍ୱାର ବୁଲାଇ ଦେଖାଇଥିଲେ। କୋଣାର୍କ ମନ୍ଦିର ତୁଲ୍ୟ ଏଭଳି ଏକ ଭବ୍ୟ ନିର୍ମାଣ ଦେଖି ଇନ୍ଦ୍ରେଶ ଜୀ ଅଭିଭୂତ ହୋଇଯାଇଥିଲେ।

## 'ଭକ୍ତି ମାଧ୍ୟମରେ ଭାଗବତ ଦର୍ଶନ ସମ୍ଭବ'

**କଟକ,୨୫।୬/ଏନ୍ଏନ୍ଏସ୍:** ଜୀବନକାଳରେ ଭଗବତ୍ ଦର୍ଶନ ପାଇଁ ଭକ୍ତି ହିଁ ଏକମାତ୍ର ମାର୍ଗ। ଭକ୍ତି ମାଧ୍ୟମରେ ଭାଗବତ ଦର୍ଶନ ସମ୍ଭବ। ମଣିଷ ବିଭିନ୍ନ ଭୋଗ ବିଳାସରେ ବ୍ୟସ୍ତ ରହିଲେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ନାମ ଉଚାରଣରେ ମୁକ୍ତି ପ୍ରାପ୍ତ ହୁଏ ବୋଲି ବିଶିଷ୍ଟ ଭାଗବତ କଥା ପ୍ରବଚକ ଇନ୍ଦ୍ରେଶ ଜି ମହାରାଜ କହିଛନ୍ତି। ଭାଗବତ କଥାର ସନ୍ଧ୍ୟାରେ ଭଗବାନ୍ ଶ୍ରୀକୃଷ୍ଣଙ୍କ ଜନ୍ମ ଓ ଗୋକୁଳରେ ନନ୍ଦ ଉତ୍ସବ ସମ୍ପର୍କରେ ବର୍ଣ୍ଣନା କରି ଇନ୍ଦ୍ରେଶଜି ମହାରାଜ କହିଥିଲେ। ପ୍ରାରମ୍ଭରେ



ବ୍ୟାସପୀଠ ରେ ପହଞ୍ଚିବା ପରେ ପୁରୀସ୍ଥିତ ଶ୍ରୀମହି, ପ୍ରକାଶ ମଠର ମଠାଧୀଶ ପରମପୂଜ୍ୟ ସୁଭାନନ୍ଦ୍ ପୁରି ମହାରାଜ ଓ ପୁରୀ ରାଧାବଲ୍ଲଭ ମଠର ମଠାଧୀଶ ରାମକୃଷ୍ଣ ଦାସ ଜି ମହାରାଜ ଓ ଗୁପ୍ତା ପରିବାର ର ସମସ୍ତ ସଦସ୍ୟ ଭବ୍ୟ ସମ୍ବର୍ଦ୍ଧନା ଅର୍ପଣ କରିଥିଲେ। ମଣିଷ ମୁକ୍ତି ଯାତ୍ରାରେ ଜୀବନ ଜିଇବା ଅପେକ୍ଷା ଭକ୍ତି ଯାତ୍ରାରେ ଜୀବନ ଜିଇଁବା ଭଗବତ୍ ପ୍ରାପ୍ତିର ଉତ୍କୃଷ୍ଟ ମାର୍ଗ। ବୈଷ୍ଣବଙ୍କ ସମର୍ପଣ ଓ ସତସଙ୍ଗ ମାଧ୍ୟମରେ ପ୍ରେମ ଭକ୍ତ ଉତ୍ପନ୍ନ ହୋଇଥାଏ। ମଣିଷ ଯେତେବେଳେ ଅସତ୍ୟ ର ଆଶ୍ରୟ ନିଏ ସେତେବେଳେ ପ୍ରେମଭକ୍ତି ନିମ୍ନମୁଖୀ ହୋଇଯାଏ। ଓ ପାପ ଅର୍ଜନ ବଢ଼ିବାରେ ଲାଗେ ବୋଲି ମହାରାଜ କହିଛନ୍ତି।

## ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ବିକ୍ଷୋଭ

**କଟକ,୨୫।୬/ଏନ୍ଏନ୍ଏସ୍:** ଓଡ଼ିଶାର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି, କ୍ରମବର୍ଦ୍ଧିଷ୍ଣୁ ଅପରାଧ, ଭିଡ଼ ହିଂସା, ସାଂପ୍ରଦାୟିକ ଉତ୍ତେଜନା, ମହିଳା, ଶିଶୁମାନଙ୍କ ପ୍ରତି ବୃଦ୍ଧି ପାଉଥିବା ଅତ୍ୟାଚାର, ସାଇବର ଅପରାଧ ଓ ସଂଗଠିତ ମାଫିଆରାଜ୍ ବିରୋଧରେ ତ୍ୱରିତ ଓ ଦୃଢ଼ ପଦକ୍ଷେପ ନେବା ଦାବିରେ ଆଜି ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ), ଓଡ଼ିଶା ରାଜ୍ୟ କମିଟି ତରଫରୁ ପୁଲିସ ମହାନିର୍ଦ୍ଦେଶକଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଉପଲକ୍ଷେ ଏକ ଶୋଭାଯାତ୍ରା ମାତାମଠ ଠାରୁ ବାହାରି ଡି.ଜି. ଅଫିସ୍ ପର୍ଯ୍ୟନ୍ତ ଯାଇଥିଲା। ଏହି ବିକ୍ଷୋଭ ପରିପ୍ରେକ୍ଷୀରେ ଆୟୋଜିତ ସଭାରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବଦ୍ରି ନାରାୟଣ ଦାଶ ସଭାପତିତ୍ୱ କରିଥିଲେ।




ସିପିଆଇ(ଏମ୍)ରାଜ୍ୟ ସମ୍ପାଦକ ତଥା କେନ୍ଦ୍ର କମିଟି ସଭ୍ୟ ସୁରେଶ ପାଣିଗ୍ରାହୀ, ବରିଷ୍ଠ ନେତା ଜନାର୍ଦ୍ଦନ ପତି ପ୍ରମୁଖ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ଉଦ୍‌ବେଗ ପ୍ରକାଶ କରି ବକ୍ତବ୍ୟ ରଖିଥିଲେ। ଜଗନ୍ନାଥ ଦେଓ, ଗଣେଶ ମାଣିଆ, ପ୍ରଦୀପ୍ତ କୁମାର ନାୟକ, ରବି ନାରାୟଣ ମଲ୍ଲିକ, ବିଷ୍ଣୁ ବେହେରା, ଅଭୟ ସ୍ୱାଇଁ, ଜଗଜୀବନ ଦାସ, ପ୍ରତାପ ମାହାପାତ୍ର, ମିନତୀ ପାଣିଗ୍ରାହୀ, ପ୍ରଭାତ ପାଣିଗ୍ରାହୀ, ସର୍ବଜ୍ଞ ସାହୁଙ୍କ ସମେତ ବହୁ ନେତୃବୃନ୍ଦ ନେତୃତ୍ୱ ନେଇ ବକ୍ତବ୍ୟ ରଖିଥିଲେ। ଶେଷରେ ଏକ ପ୍ରତିନିଧିମଣ୍ଡଳୀ ଅତିରିକ୍ତ ପୁଲିସ୍ ମହାନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ଜୁଭେନାଇଲ୍ କ୍ଲବ୍‌ର ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ

**କଟକ,୨୫।୬/ଏନ୍ଏନ୍ଏସ୍:** ଜୁଭେନାଇଲ୍ କ୍ଲବର ଗ୍ରୀଷ୍ମକାଳୀନ ଶିବିର ନଖରା ନିକଟସ୍ଥ ଓ୍ୱାଟରପାର୍କରେ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ଶିବିରଟି ଦୀର୍ଘ ୪୫ଦିନ ସନ୍‌ସାଇନ୍ ପଡ଼ିଆରେ କ୍ଲବର ପୁରାତନ ତଥା ରାଜ୍ୟସ୍ତରୀୟ ଖେଳାଳିଙ୍କ ଦ୍ୱରା ପରିଚାଳିତ ହୋଇଥିଲା। ସମସ୍ତ ପ୍ରକାର ଖେଳାଳୀଙ୍କୁ ଶାରୀରିକ, ମାନସିକ ତଥା ଅନ୍ୟାନ୍ୟ ସ୍କିଲ୍‌ର ବିକାଶ କରାଯାଇଥିଲା। ରାଜ୍ୟର ନାମକରା ଏକାଡେମୀ ସହ ଏକାଧିକ ବାର ଅଭ୍ୟାସ ମ୍ୟାଚ ଆୟୋଜିତ ହୋଇଥିଲା। ପ୍ରତ୍ୟେକ ବୟସର ଖେଳାଳିମାନଙ୍କୁ ନେଇ ଜୁଭେନାଇଲ୍ ପ୍ରିମିୟର ଲିଗ୍ (ଜେପିଏଲ୍) -୨୦୨୬ ଟି-୨୦ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ଲିଗ୍‌କୁ ଲଳିତେନ୍ଦୁ ପରିଡା ଓ ଗିରିଜା ମିଶ୍ର



ଉଦ୍‌ଘାଟନ କରିଥିଲେ। ଜେପିଏଲ୍‌ର ୧୨ ବର୍ଷରୁ କମ୍ ବର୍ଗରେ ଋତୁରାଜ, ସାତ୍ୱକୀ ସେନ୍, ସତ୍ୟମ୍, ୧୪ବର୍ଷରୁ କମ୍ ବର୍ଗ ମ୍ୟାଚ୍‌ରେ ସାଇ ଝୁଣ୍ଟିଆ,ବିଶ୍ୱଜିତ ବେହେରା, ବିଶାଲ୍‌ଜିତ୍ ସେନ୍ ଏବଂ ୧୬ ବର୍ଷରୁ ଅଧିକ ବର୍ଗ ମ୍ୟାଚ୍‌ରେ ସାଇଦୀପ ମହାପାତ୍ର, ସୁମିତ ଶର୍ମା, ରାମଚନ୍ଦ୍ର ବେହେରା, ସୁବ୍ରତ ସାମଲଙ୍କୁ ଅର୍ଜୁନାନନ୍ଦ ବାଗ ଓ କ୍ଲବର ପୁରୁଣା ଖେଳାଳିମାନେ ପୁରସ୍କୃତ କରିଥିଲେ। ଉକ୍ତ ଶିବିରରୁ କେତେକ ଖେଳାଳୀଙ୍କୁ ବର୍ଷବ୍ୟାପୀ ଅଭ୍ୟାସ କରାଇବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ଜୁଭେନାଇଲ୍ କ୍ଲବର ସମ୍ପାଦକ ନିର୍ବାଣ ରାୟ ସୂଚନା ଦେଇଛନ୍ତି।

## ଟିଡି ଟେକ୍ସଟାଇଲ୍ସ ଉଦ୍‌ଘାଟିତ



**କଟକ,୨୫।୬/ଏନ୍ଏନ୍ଏସ୍:** କଟକର ସିଡିଏ ସେକ୍ଟର-୯ନଂ ଜଷ୍ଟିସ ଛକ ଠାରେ ଏହାର ଚତୁର୍ଥ ରିଟେଲ୍ ଆଉଟଲେଟ ଷ୍ଟୋର୍ ଉଦଘାଟିତ ହୋଇଯାଇଛି। ୧୨ହଜାର ବର୍ଗଫୁଟ ପରିମିତ ଏହି ଅତ୍ୟାଧୁନିକ ସୋ'ରୁମକୁ ସମାଜସେବୀ ଗୀତା ଦେବୀ ଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ପ୍ରଦୀପ କୁମାର ଗୁପ୍ତା ଓ ଦୀପକ କୁମାର ଗୁପ୍ତା ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ୪୦ ବର୍ଷର ଗୌରବମୟ ଯାତ୍ରା ମଧ୍ୟରେ ଏହି ବ୍ରାଣ୍ଡ୍ ସମଗ୍ର ଅଞ୍ଚଳରେ ବିଶ୍ୱାସ, ପ୍ରିମିୟମ୍ ଗୁଣବତାର କପଡ଼ା ସହ ସର୍ବୋତମ ଗ୍ରାହକ ସେବାର ଅନ୍ୟ ଏକ ନାମ ପାଲଟିଛି। ଏହି ନୂତନ ସୋ'ରୁମ୍‌କୁ ସମ୍ପୂର୍ଣ୍ଣ ପରିବାର ପାଇଁ ଏକ ଫ୍ୟାଶନ ହବ୍ ଭାବରେ ଗଢ଼ି ତୋଳାଯାଇଛି, ଯେଉଁଠି ଗୋଟିଏ ଛାତ ତଳେ ବିପୁଳ ସମ୍ଭାର ଉପଲବ୍ଧ ହେଉଛି। ଏହି ଆଉଟଲେଟେରେ ପ୍ରିମିୟମ୍ କଟନ୍, ପ୍ରାକୃତିକ ହ୍ୟାଣ୍ଡଲୁମ୍ (ହସ୍ତତନ୍ତ)ଠାରୁ ଆରମ୍ଭ କରି ରାଜକୀୟ ବନାରସୀ ପାଟ, ବିଳାସପୂର୍ଣ୍ଣ କାଞ୍ଜିଭରମ୍, କ୍ଲାସିକ୍ ସାଉଥ୍ କଟନ୍, ଓଡ଼ିଶାର ଗର୍ବ ଓ ଗୌରବ ସଦୃଶ ବୋମକାଇ ଏବଂ ସମ୍ବଲପୁରୀ ଶାଢ଼ିର ଏକ ସ୍ୱତନ୍ତ୍ର କଲେକ୍ସନ ରହିଛି। ମହିଳାମାନଙ୍କ ପୋଷାକ ସହିତ ପୁରୁଷମାନଙ୍କ ପାଇଁ ମଧ୍ୟ ପୋଷାକ ଉପଲବ୍ଧ। ୧୯୮୬ ମସିହାରୁ ଡିଡି ଟେକ୍ସଟାଇଲ ଓଡ଼ିଶାର ଘରେ ଘରେ ପରିଚିତ ହୋଇପାରିଛି।

## ଜବାବ ଦାଖଲରେ ବିଳମ୍ବ: ରାଜ୍ୟ ସରକାରଙ୍କୁ ଜୋରିମାନା

**କଟକ,୨୫।୬/ଏନ୍ଏନ୍ଏସ୍:** ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରତିଜବାବ (କାଉଣ୍ଟର ଆଫିଡେଭିଟ୍) ଦାଖଲ ନ କରିବାରୁ ଓଡ଼ିଶା ହାଇକୋର୍ଟ ରାଜ୍ୟ ସରକାରଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିବା ସହ ଆଶିଷ କୁମାର ପୃଷ୍ଟି ଓ ଅନ୍ୟମାନଙ୍କ ଦ୍ୱାରା ଦାଖଲ ହୋଇଥିବା ମାମଲାର ଶୁଣାଣି କରି ଜଷ୍ଟିସ ସଞ୍ଜୟ କୁମାର ମିଶ୍ର ପୂର୍ବର ୨ ହଜାର ଟଙ୍କା ସହ ଆଉ ୫ ହଜାର ଟଙ୍କାର ଅତିରିକ୍ତ ଜୋରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ମାର୍ଚ୍ଚ ୧୯ର ନିର୍ଦ୍ଧାରିତ ଜୋରିମାନା କିମ୍ବା ଜବାବ ଦାଖଲ କରାଯାଇ ନଥିବାରୁ ଅଦାଲତ ସରକାରଙ୍କୁ ଅତିରିକ୍ତ ଦୁଇ ସପ୍ତାହ ସମୟ ମଞ୍ଜୁର କରିବା ସହ ଏହି ଜୋରିମାନା ରାଶିକୁ ଓଡ଼ିଶା ହାଇକୋର୍ଟ ଆଡଭୋକେଟ୍ସ ଓ୍ୱେଲଫେୟାର ଫଣ୍ଡ୍ ଏବଂ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ ଫଣ୍ଡରେ ଜମା କରିବାକୁ ସର୍ତ୍ତ ରଖିଛନ୍ତି। ଏହି ଅତିରିକ୍ତ ୫ ହଜାର ଟଙ୍କା ମଧୁସୂଦନ ଲାଇବ୍ରେରୀ ପାଇଁ ପୁସ୍ତକ କିଣିବାରେ ବ୍ୟୟ କରାଯିବ ଏବଂ ଉଭୟ ରାଶି ଜମାର ରସିଦ ପ୍ରତିଜବାବ ସହ ଅଦାଲତର ପଞ୍ଜିକରଣ କାର୍ଯ୍ୟାଳୟରେ ଦାଖଲ କରିବାକୁ ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

## ୨୯ରେ ନିଆଳିରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

**କଟକ,୨୫।୬/ଏନ୍ଏନ୍ଏସ୍:** ଜୁନ ୨୯ ତାରିଖ ନିଆଳି ବ୍ଲକ୍ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହି ଅଭିଯୋଗ ଶୁଣାଣି ଶିବିର ସକାଳ ୧୦ ଘଟିକା ସମୟରେ ଆରମ୍ଭ ହୋଇ ଅପରାହ୍ଣ ୧ ଘଟିକା ପର୍ଯ୍ୟନ୍ତ ଚାଲିବ। ଅଭିଯୋଗକାରୀମାନେ ଏହି ସମୟରେ ଉପସ୍ଥିତ ରହି ନିଜ ଅଭିଯୋଗଗୁଡିକ ପଞ୍ଜିକରଣ କରି ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ସହ ଶୃଙ୍ଖଳିତ ଭାବେ ଅଭିଯୋଗ ଶୁଣାଣିରେ ଭାଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିବେ। ଏଥିସହ ଜିଲ୍ଲାର ବିଭିନ୍ନ ପଞ୍ଚାୟତ ସ୍ତରରେ ହେଉଥିବା ଜନ ଅଭିଯୋଗ ଶୁଣାଣିଗୁଡିକ ମଧ୍ୟ ସକାଳ ୧୦ ଘଟିକାଠାରୁ ୧ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

## 'ବଳାତ୍କାରୀକୁ ଫାଶୀ ଦିଆଯାଉ'




**କଟକ,୨୫।୬/ଏନ୍ଏନ୍ଏସ୍:** ସମାଜ ଦିନକୁ ଦିନ କଳୁଷିତ ହୋଇଯାଉଛି। ଅବସ୍ଥା ଏଭଳି ହେଲାଣି ଯେ ନାରୀମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ପ୍ରତିଦିନ ଏଭଳି ନିନ୍ଦନୀୟ ଘଟଣାର ସମ୍ବାଦ ଦେଖିବାକୁ ମିଳୁଛି। ନିକଟରେ କେନ୍ଦ୍ରାପଡ଼ା ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କ କାର୍ଯ୍ୟାଳୟର ମାତ୍ର ଶହେ ମିଟର ଦୂରରେ ଝାଡୁ ବ୍ୟବସାୟ କରି ପେଟ ପୋଷୁଥିବା ଜଣେ ଛତିଶଗଡର ନାବାଳିକାକୁ କିଛି ଯୁବକ ବଳାତ୍କାର କରିବା ଏବଂ ମୟୂରଭଞ୍ଜରେ ମଧ୍ୟ ଜଣେ ଯୁବତୀଙ୍କ ସହ ଘଟିଥିବା ନିର୍ମମ ବଳାତ୍କାର ଘଟଣା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଆହୁରି ମଧ୍ୟ ଛାତି ଥରାଇ ଦେଇଥିବା ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର ଘଟଣାରୁ ଅନୁମିତ ଯେ ମଣିଷ ଦିନକୁ ଦିନ ହିଂସ୍ର ଆଉ ଅମଣିଷ ହୋଇଯାଉଛି। ସତେଯେମିତି ଆଇନ୍ ବ୍ୟବସ୍ଥା ପ୍ରତି କାହାର ସାମାନ୍ୟତମ ଭୟ ରହୁ ନାହିଁ। ଏଭଳି ବିଭତ୍ସ କାଣ୍ଡ ଘଟାଉଥିବା ଅପରାଧୀଙ୍କ ପ୍ରତି ଆଦୌ କୋହଳ ମନୋଭାବ ପୋଷଣ ନ କରି ତ୍ୱରିତ ଭାବେ ଦୃଷ୍ଟାନ୍ତ ମୂଳକ ଦଣ୍ଡ ଦିଆଯାଉ। ଏମିତିକି ଫାଶୀ ମଧ୍ୟ ଦିଆଯାଉ। ଏହି ଦାବି ନେଇ କଟକ ପାଲାମଣ୍ଡପ ନିକଟରେ ଅଣଆନୁଷ୍ଠାନିକ ଭାବେ ଏକ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ହାସ୍ୟକବି ଲକ୍ଷ୍ମୀଛଡ଼ା, ବିପ୍ଳବୀ କବି ବିନ୍ଦୁସାଗର ଓଝା, କଣ୍ଠଶିଳ୍ପୀ ରାମଚନ୍ଦ୍ର ପଣ୍ଡା, ଅମରଜିତ୍ ଛୋଟରାୟ, ସମାଜସେବୀ ରଞ୍ଜନ ପରିଡ଼ା, ଶିଶିର କୁମାର ଲେଙ୍କା, ପବିତ୍ର ସାହୁ, ଭବେଶ ଦାସ, ବିଷ୍ଣୁଚରଣ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

## 'ବ୍ୟବସ୍ଥାର ପରିବର୍ତ୍ତନ ହିଁ କ୍ରାନ୍ତିର ଲକ୍ଷ୍ୟ'

**କଟକ,୨୫।୬/ଏନ୍ଏନ୍ଏସ୍:** ପଚାଶ ବର୍ଷ ତଳେ ୧୯୭୫ ଜୁନ ୨୫ ତାରିଖ ସନ୍ଧ୍ୟାରେ ଦିଲ୍ଲୀରେ ଏକ ବିଶାଳ ଜନସଭାକୁ ଆହ୍ୱାନ ଦେଇ ଲୋକନାୟକ ଜୟପ୍ରକାଶ ନାରାୟଣ କହିଥିଲେ -ବ୍ୟକ୍ତି କି ଶାସନରେ



ପରିବର୍ତ୍ତନରେ ସମ୍ପୂର୍ଣ୍ଣ କ୍ରାନ୍ତି ସଫଳ ହେବ ନାହିଁ। ବ୍ୟବସ୍ଥାରେ ପରିବର୍ତ୍ତନ ହିଁ କ୍ରାନ୍ତିର ଲକ୍ଷ୍ୟ। ଏହି ଆହ୍ୱାନକୁ ଆଳ କରି ସେ ଦିନ ମଧ୍ୟ ରାତ୍ରିରେ ଦେଶରେ ଜରୁରୀ ସ୍ଥିତି ଜାରି ହେଲା। ବିରୋଧୀ ନେତା ଓ ସମାଜ ସେବୀଙ୍କୁ କାରାରୁଦ୍ଧ ଓ ଦମନ କରାଗଲା। ସେତେବେଳର ଜରୁରୀ ସ୍ଥିତିଠାରୁ ଆଜି ଆହୁରି ଭୟଙ୍କର ଓ ଅଘୋଷିତ ଜରୁରୀ ସ୍ଥିତିରେ ଦେଶବାସୀ ଉପନୀତ ହୋଇଛନ୍ତି। ଆଜି ଦିନରେ ଦେଶ ହିତରେ ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନକୁ ସାଲିସ ହୀନ ଭାବେ ଦୁର୍ବାର କରି ଗଢ଼ିବାକୁ ସମ୍ପୂର୍ଣ୍ଣ କ୍ରାନ୍ତି ମଞ୍ଚ ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ ସର୍ବସମ୍ମତ ମତ ପ୍ରକାଶ ପାଇଛି। କଟକ ଗାନ୍ଧୀ ଭବନରେ ସନ୍ଧ୍ୟାରେ ଅନୁଷ୍ଠିତ ଏହି ସଭାରେ ମଞ୍ଚର ସଭାପତି ପ୍ରତାପ ଶତପଥି ଅଧ୍ୟକ୍ଷତା କରିଥିଲେ। ଶିଶିର ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଚିତ୍ତ ରଞ୍ଜନ ମହାନ୍ତି ସ୍ୱାଗତ କରିଥିଲେ ଓ ଡାକ୍ତର ରବି ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ। ମଞ୍ଚର ସାଧାରଣ ସମ୍ପାଦକ କୃଷ୍ଣ କେଶବ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସତ୍ୟ ରାୟ, ଖଗେଶ୍ୱର ସେଠି, ସୁବ୍ରତ ନନ୍ଦ, ସୁକାନ୍ତ ନାୟକ, ଦିଗମ୍ବର ମହାପାତ୍ର, ଡାଲି ଦାଶ, ପ୍ରଦୀପ ପଟ୍ଟନାୟକ, ଅଜୟ ମିଶ୍ର, ଅରବିନ୍ଦ ମଲ୍ଲିକ, ରଞ୍ଜନ କୁମାର ମିତ୍ର, ବଳରାମ ମହାନ୍ତି, ଲୋକନାଥ ସାମଲ, ରୁଦ୍ର ନାରାୟଣ ସାହୁ, ନସିଫା ବେଗମ, ସୁବୋଧ କୁମାର ସେଠୀ, ରତିକାନ୍ତ ରଣା,ବିକାଶ ଦାସ, ଶ୍ରୀମାନ ଆଦିତ୍ୟ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଅବସରପ୍ରାପ୍ତ ପ୍ରଶାସକ ଦୁର୍ଗାଚରଣ ସାହୁଙ୍କ ପରଲୋକ

**ଭୁବନେଶ୍ୱର,୨୫।୬/ଏନ୍ଏନ୍ଏସ୍:** ସୁଲେଖକ ତଥା ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଦୁର୍ଗାଚରଣ ସାହୁଙ୍କର ଗତ ବୁଧବାର ସଂଧ୍ୟାରେ ୭୪ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଦୀର୍ଘ ଦିନ ଧରି ସେ ଭୁବନେଶ୍ୱରରେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ବିଭିନ୍ନ ଖବରକାଗଜରେ ସେ ଚମତ୍କାର ସ୍ତମ୍ଭ ଲେଖି ପାଠକୀୟ ପ୍ରଶଂସା ସାଉଁଟିଥିଲେ। ସ୍ୱର୍ଗତ ଦୁର୍ଗାଚରଣ କାବ୍ୟ କୌଣ୍ଡିନ୍ୟ, କାବ୍ୟ କଲ୍ଲୋଳିନୀ, ଗୀତଗୋବିନ୍ଦରେ ତୀବ୍ର ଶୃଙ୍ଗାର, ଦୁର୍ଗାଚରଣ ଓଡ଼ିଆ ଗୀତ ଗୋବିନ୍ଦ ଏଣ୍ଣୁତେଣ୍ଣୁ, କିଛି କଥା, ଭ୍ରମଣିକା ଉତ୍ତର-ପୂର୍ବ ଭାରତ, ଭ୍ରମଣ-ଦିଲ୍ଲୀ ଓ ଉତ୍ତରପ୍ରଦେଶ ଭଳି ୨୧ଟି ଉପାଦେୟ ପୁସ୍ତକର ରଚନା କରିଥିଲେ। ସମାଜତତ୍ତ୍ୱ ସମ୍ବନ୍ଧୀୟ ପ୍ରଥମ ଓଡ଼ିଆ ପୁସ୍ତକ ସେ ରଚନା କରିଥିଲେ, ଯାହା ରାଜ୍ୟ ସରକାରଙ୍କର ପାଠ୍ୟ ପୁସ୍ତକ ପ୍ରଣୟନ ସଂସ୍ଥା ଛାପିଥିଲା। ରଣପୁର ବ୍ଲକ୍ ଅନ୍ତର୍ଗତ ଐତିହ୍ୟ ପ୍ରସିଦ୍ଧ ଗଡ଼ବାଣୀକିଲୋ ଗ୍ରାମର ସେ ଥିଲେ ସୁଯୋଗ୍ୟ ସନ୍ତାନ। ପିଲାଟି ଦିନରୁ ମେଧାବୀ ଛାତ୍ର ଭାବେ ସମସ୍ତଙ୍କର ପ୍ରିୟ ଥିଲେ। ସ୍କୁଲ କଲେଜରେ ପଢିବା ବେଳେ ବିଭିନ୍ନ



ସମାଜସେବାମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ ରଖୁଥିଲେ। ସ୍ନାତକୋତ୍ତର ଶିକ୍ଷା ପରେ ସେ କିଛି ଦିନ ଗଡ଼ବାଣୀକିଲୋ ଉଚ୍ଚବିଦ୍ୟାଳୟରେ ଶିକ୍ଷକତା କରିଥିଲେ। ଏହା ପରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେଇ ଗୋଆ, ପଣ୍ଡିଚେରୀ, ମିଜୋରାମ, ଅରୁଣାଚଳ ପ୍ରଦେଶ ରେ ବିଭିନ୍ନ ପଦପଦବୀରେ ସଫଳତାର ସହ କାର୍ଯ୍ୟ କରିଥିଲେ। ଜଣେ କର୍ତ୍ତବ୍ୟନିଷ୍ଠ ଅଧିକାରୀ ଭାବେ ସେ ପରିଚିତ ଥିଲେ। ଗୋଆର ପର୍ଯ୍ୟଟନ ସଚିବ ଭାବେ ସେଠାରେ ପର୍ଯ୍ୟଟନର ଅଭିବୃଦ୍ଧି ପାଇଁ ବଳିଷ୍ଠ ଉଦ୍ୟମ କରି ସେ ଉଚ୍ଚ ପ୍ରଶଂସିତ ହୋଇଥିଲେ। ପଣ୍ଡିଚେରୀରେ ଥିବା ସମୟରେ ଖ୍ୟାତନାମା ସାହିତ୍ୟିକ ମନୋଜ ଦାସଙ୍କ ନିକଟତର ହୋଇପାରିଥିଲେ। ଚାକିରିରୁ ଅବସର ନେବା ପରେ ସେ ଭୁବନେଶ୍ୱରରେ ସ୍ଥାୟୀ ଭାବେ ବସବାସ କରି ନିଜକୁ ବିଭିନ୍ନ ସମାଜ ମଙ୍ଗଳ, ସାରସ୍ୱତ ତଥା ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ କରିଥିଲେ। ପାଲା ସାହିତ୍ୟରେ ତାଙ୍କର ବ୍ୟୁତ୍ପତ୍ତି ଥିଲା। ମୃତ୍ୟୁଶଯ୍ୟା ନିକଟରେ ବଡ଼ଝିଅ ମହାଲକ୍ଷ୍ମୀ ଉପସ୍ଥିତ ଥିବାବେଳେ ସାନଝିଅ ମନ୍ଦାକିନୀ ଆମେରିକାରୁ ଆସି ପହଞ୍ଚିବା ପରେ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାରସୂତ୍ରରୁ ଜଣାପଡ଼ିଛି। ସ୍ୱର୍ଗତ ସାହୁଙ୍କ ମୃତ୍ୟୁରେ ତାଙ୍କର ସହପାଠୀ ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ, ବିଶିଷ୍ଟ ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଶିକ୍ଷାବିତ୍ ଧନେଶ୍ୱର ପୃଷ୍ଟି, ସୋଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଯୁକ୍ତ ଦୁଇ କାଉନସିଲର ପୂର୍ବତନ ସମ୍ପାଦକ ବାଇଧର ପ୍ରଧାନ, ନ୍ୟୁଜ୍ ୭ର ବରିଷ୍ଠ ପ୍ରଯୋଜକ ସମରେନ୍ଦ୍ର ବଳିଆରସିଂହ, ପ୍ରକାଶକ ଅମରେନ୍ଦ୍ର ମହାପାତ୍ର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## 'ସ୍ୱାଧୀନତାର ମୂଲ୍ୟବୋଧ ପାଇଁ ଗଣତନ୍ତ୍ର ସୁରକ୍ଷା ଜରୁରୀ'

**ଭୁବନେଶ୍ୱର,୨୫।୬/ଏନ୍ଏନ୍ଏସ୍:** ଲୋକ ନାୟକ ଜୟ ପ୍ରକାଶ ଅନ୍ତଃରାଷ୍ଟ୍ରୀୟ ଅଧ୍ୟୟନ ବିକାଶ କେନ୍ଦ୍ର ନୂଆଦିଲ୍ଲୀ ତରଫରୁ ଆଜି ଗୀତ ଗୋବିନ୍ଦ ସଦନଠାରେ ଆଜି ଗଣତନ୍ତ୍ର ସୁରକ୍ଷା ଅଭିଯାନ ଦିବସ ପାଳନ କରାଯାଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଜୟପ୍ରକାଶ ଅଧ୍ୟୟନ କେନ୍ଦ୍ରର ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ବ୍ରଜକିଶୋର ତ୍ରିପାଠୀଙ୍କ ସଭାପତିତ୍ୱ ଓ ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆ ଅଧ୍ୟକ୍ଷ ମନୋଜ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ 'ଦେଶରେ ଜରୁରୀ ପରିସ୍ଥିତି: ଅତୀତରୁ ଶିକ୍ଷା ଓ ବର୍ତ୍ତମାନର ଆହ୍ୱାନ' ସନ୍ଦର୍ଭ ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ବକ୍ତା ରୂପେ ଯୋଗଦେଇ ପୂର୍ବତନ ବିଧାୟକ ଇଂ ମହମ୍ମଦ ମୋକିମ ଦେଶରେ ଘଡ଼ିସନ୍ଧି ସମୟରେ ଯୁବ




ସମାଜ କିପରି ସମୃଦ୍ଧ ଓ ବିକଶିତ ରାଷ୍ଟ୍ର ଗଠନର ନେତୃତ୍ୱ ନେଇ ପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ବିଜେଡି ଉପସଭାପତି ତଥା ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦର ଅଧ୍ୟକ୍ଷ ଭୃଗୁ ବକ୍ସିପାତ୍ର କହିଥିଲେ ଯେ ବିଶ୍ୱର ସର୍ବୋତ୍କୃଷ୍ଟ ସମ୍ବିଧାନ ଓ ବୃହତ ଗଣତନ୍ତ୍ର ସଙ୍କଟରେ। ଆମେ ସମସ୍ତେ ସେ ସମ୍ପର୍କରେ ଚିନ୍ତା କରିବା ଉଚିତ ବୋଲି କହିଥିଲେ। ବରିଷ୍ଠ ସାମ୍ବାଦିକ ରବି ଦାସ ସେତେବେଳେ ଘୋଷିତ ଜରୁରୀ ପରିସ୍ଥିତି ହୋଇଥିଲା ବର୍ତ୍ତମାନ ଅଘୋଷିତ ଜରୁରୀ ପରିସ୍ଥିତିକୁ ଆମକୁ ସାମ୍ନା କରିବାକୁ ପଡୁଛି ବୋଲି କହିଥିଲେ। ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ ଦେଶରେ ବଢୁଥିବା ଅସମାନତା ଓ ଦମନ ମୂଳକ ପଦକ୍ଷେପ ଉପରେ ଚିନ୍ତା ପ୍ରକଟ କରିବା ସହ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାକୁ ସୁରକ୍ଷା ଦେବାକୁ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଭାସ ସାମନ୍ତରାୟ, ଜୟନ୍ତ ଦାସ, ବାସୁଦେବ ଭଟ୍ଟ, କମର ସୁଲତାନ ବେଗମ, ପ୍ରଦୀପ ପ୍ରଧାନ, ଗିରିଶ ମହାନ୍ତି ଓ ସ୍ୱୟଂ ଶେଖର ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଇତ୍ୟବସରରେ ସମାଜବାଦୀ ନେତା ତଥା ମିଶା ବନ୍ଦୀ ମୀନକେତନ ଓ ସର୍ବୋଦୟ ନେତ୍ରୀ ଇନ୍ଦୁମତୀ ସାହୁଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା।

ବିଜେପି ଯୁବମୋର୍ଚ୍ଚା ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

# ସଂଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ




**ଭୁବନେଶ୍ୱର,୨୫।୬/ଏନ୍ଏନ୍ଏସ୍:** ଆଗାମୀ ଦିନରେ ଓଡ଼ିଶାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଫଳତା, ଜନକଲ୍ୟାଣ ଯୋଜନାଗୁଡ଼ିକୁ ଜନ ଜନରେ ପହଞ୍ଚାଇବା ସହ ସଂଗଠନକୁ ଆହୁରି ଅଧିକ ସୁଦୃଢ କରିବାକୁ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଆହ୍ୱାନ ଦେଇଛନ୍ତି। ଗୁରୁବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଭାରତୀୟ ଜନତା ଯୁବ ମୋର୍ଚ୍ଚାର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଯୋଗ ଦେଇ ଶ୍ରୀ ସାମଲ ଏହି ଆହ୍ୱାନ ଦେଇଛନ୍ତି। ଏହାଛଡ଼ା ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ରରେ ବିଜେପି ସରକାରର ୧୨ ବର୍ଷ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ବିଜେପି ସରକାର ୨ ବର୍ଷ ସଫଳତାର ସହ ପୂର୍ତ୍ତି କରିଛି। ଆମ ଯୁବ କାର୍ଯ୍ୟକର୍ତ୍ତାମାନଙ୍କ ଅଦମ୍ୟ ବିଶ୍ୱାସ ଓ କଠିନ ପରିଶ୍ରମ

## ରାଜ୍ୟର ସାମ୍ପ୍ରତିକ, ରାଜନୈତିକ ଓ ସାମାଜିକ ପ୍ରସଙ୍ଗରେ ଆଲୋଚନା

ହିଁ ୨୦୩୬ ସୁଦ୍ଧା ରାଜ୍ୟକୁ 'ସମୃଦ୍ଧ ଓଡ଼ିଶା' ଗଠନ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀ ସାମଲ କହିଛନ୍ତି।

ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟ ସଭାପତି ଶ୍ରୀ ସାମଲଙ୍କ ସମେତ ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଜ୍ୟ ସାଧାରଣ ସଂପାଦକ ଶାରଦା ପ୍ରସାଦ ଶତପଥୀ, ପୂର୍ବତନ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସମସ୍ତ ନୂତନ କାର୍ଯ୍ୟକାରିଣୀ ସଦସ୍ୟମାନଙ୍କୁ ନିଜର ଦାୟିତ୍ୱ ସମ୍ପର୍କରେ ଅବଗତ କରାଇବା ସହ ସଫଳତା ପାଇଁ ଗୁରୁମନ୍ତ୍ର ଦେଇଛନ୍ତି।

ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ପଣ୍ଡା କହିଛନ୍ତି ଯେ; ରାଷ୍ଟ୍ର ହେଉଛି ସର୍ବୋପରି। ସଂଗଠନକୁ ଶକ୍ତିଶାଳୀ କରି ତଳ ସ୍ତରରେ ପହଞ୍ଚାଇବା ଆମର ଲକ୍ଷ୍ୟ। ଭାରତୀୟ ଜନତା ପାର୍ଟିର ସଫଳତା, କାର୍ଯ୍ୟକର୍ତ୍ତାଙ୍କ ତ୍ୟାଗ, ତପସ୍ୟା ଓ ବଳିଦାନକୁ ପାଥେୟ କରି ସମାଜର ତଳ ଶ୍ରେଣୀର ଥିବା ଲୋକମାନଙ୍କ ପାଇଁ ବିଜେପି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ପହଞ୍ଚାଇବା ପାଇଁ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନେ କାର୍ଯ୍ୟ କରୁଛନ୍ତି। ବିଜେପି ସରକାରରେ ଯୁବବର୍ଗଙ୍କ ବିକାଶ ପାଇଁ ଶିଳ୍ପାୟନ, ଦକ୍ଷତା ବିକାଶ, ଷ୍ଟାର୍ଟଅପ୍‌କୁ ଗୁରୁତ୍ୱ ଦିଆଯାଉଛି। ଅନ୍ୟ ପଟେ ଇତିହାସକୁ ସ୍ମରଣ କରି କଂଗ୍ରେସର କଳା ଇତିହାସ, ସମ୍ବିଧାନର ହତ୍ୟା, ଜରୁରୀକାଳୀନର କ୍ରୁରତା ଓ ବର୍ବରତା ଆଦି ବିଷୟକୁ ବ୍ୟାପକ ଭାବରେ ନୂତନ ପିଢୀକୁ ଅବଗତ କରିବାକୁ ଶ୍ରୀ ପଣ୍ଡା ଗୁରୁତ୍ୱ ଦେଇଛନ୍ତି। ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟର ସାଂପ୍ରତିକ, ରାଜନୈତିକ ଓ ସାମାଜିକ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରାଗଲା ବୋଲି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ଏହି ବୈଠକରେ ରାଜ୍ୟ ଯୁବମୋର୍ଚ୍ଚା ସାଧାରଣ ସଂପାଦକ ମାନସ କୁମାର ସାହୁ, ଶକ୍ତି ରଞ୍ଜନ ଶତପଥୀ ଓ ରତନ ବାଣୀକଙ୍କ ସମେତ ଯୁବମୋର୍ଚ୍ଚାର ସମସ୍ତ ପଦାଧିକାରୀ, ଜିଲ୍ଲା ସଭାପତି ଏବଂ କାର୍ଯ୍ୟକାରିଣୀ ସଦସ୍ୟମାନେ ଯୋଗ ଦେଇଥିଲେ।

# ଇତିହାସର ଅଲିଭା କଳାଦାଗ 'ଜରୁରିକାଳୀନ ପରିସ୍ଥିତି'

ସମ୍ବିଧାନର ଆତ୍ମାକୁ ଦଳିଚକଟି ଜରୁରୀକାଳିନ ପରିସ୍ଥିତି ଲଦି ଦେଇଥିଲା କଂଗ୍ରେସ : ବିଜେପି



**ଭୁବନେଶ୍ୱରଭୁବନେଶ୍ୱର,୨୫।୬/ଏନ୍ଏନ୍ଏସ୍:** ସମ୍ବିଧାନ ହତ୍ୟା ଦିବସ ଭାରତୀୟ ଗଣତନ୍ତ୍ରର ଏକ କଳା ଅଧ୍ୟାୟ। ଦେଶରେ ଗଣତନ୍ତ୍ର ଓ ସମ୍ବିଧାନକୁ କଂଗ୍ରେସ ବାରମ୍ବାର ହତ୍ୟା କରିବାକୁ ଚେଷ୍ଟା କରିଛି। ୫୧ ବର୍ଷ ପୂର୍ବେ କଂଗ୍ରେସ ପକ୍ଷରୁ ଲଗାଯାଇଥିବା ଜରୁରିକାଳୀନ ପରିସ୍ଥିତି ହେଉଛି ଏହାର ପ୍ରମୁଖ ଉଦାହରଣ। ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୯୭୫ମସିହା ଜୁନ୍୨୫ ମଧ୍ୟରାତ୍ରିରେ ଭାରତରେ ପ୍ରଥମଥର ପାଇଁ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିଥିଲେ। ସାରା ଦେଶକୁ ଭୟ ଓ ଦମନର ଅନ୍ଧକାର ଭିତରକୁ ଠେଲି ଦିଆଯାଇଥିଲା। ସମ୍ବିଧାନକୁ ହତ୍ୟା କରିଥିବା ପାପୀମାନେ ଏବେ ସମ୍ବିଧାନ ରକ୍ଷାର ଫମ୍ପା ସ୍ଲୋଗାନ ଦେଉଛନ୍ତି। ସ୍ୱାଧୀନତା ପରବର୍ତ୍ତୀ ଭାରତ ବର୍ଷର ଇତିହାସରେ ଜରୁରିକାଳୀନ ପରିସ୍ଥିତ ଏକ "ଅଲିଭା କଳାଦାଗ" ବୋଲି ବିଜେପି ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର କହିଛନ୍ତି। ଆଜି ଭୁବନେଶ୍ୱରରେ ଆୟୋଜିତ "ସମ୍ବିଧାନ ହତ୍ୟା ଦିବସ" କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶ୍ରୀ ତୋମାର ଏଭଳି କହିଛନ୍ତି।

ଗଣତନ୍ତ୍ରର ମୂଲ୍ୟବୋଧକୁ ଯୁବପିଢିମାନଙ୍କ ଭିତରେ ଉଜ୍ଜିବୀତ ରଖିବା ପାଇଁ ବିଜେପି ପକ୍ଷରୁ ପ୍ରତିବର୍ଷ ଆଜିର ଏହି ଦିନକୁ "ସମ୍ବିଧାନ ହତ୍ୟା ଦିବସ ବା କଳା ଦିବସ" ଭାବେ ପାଳନ କରାଯାଉଛି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ଯେ ନିଜ ଦଳର ଅଭ୍ୟନ୍ତରୀଣ ଗଣତନ୍ତ୍ରକୁ ହତ୍ୟା କରିଥିବା ଏବଂ ପରିବାରବାଦ୍ ରାଜନୀତିରେ ବିଶ୍ୱାସ କରୁଥିବା ଆଜି କିଛି ରାଜନୈତିକ ଦଳ ଗଣତନ୍ତ୍ରକୁ ହତ୍ୟା କରିଥିବା ସେହି କଂଗ୍ରେସ ଦଳ ସହ ହାତ ମିଶାଇଛନ୍ତି। ଅତୀତର ଭୁଲ ପାଇଁ କଂଗ୍ରେସ ଦଳ ଏପର୍ଯ୍ୟନ୍ତ କ୍ଷମା ପ୍ରାର୍ଥନା କରି ନଥିବାବେଳେ ନିଜ ସ୍ୱାର୍ଥ ହାସଲ ପାଇଁ ହୀନ ରାଜନୀତି କରିବାକୁ ଆରମ୍ଭ କରିଦେଇଛି। ଏତେ ବର୍ଷ ପରେ ବି କଂଗ୍ରେସ ଦଳରେ କୌଣସି ସୁଧାର ଆସିନାହିଁ, ଯେଉଁଥିପାଇଁ ଏହି ଦଳକୁ ଲୋକେ ଆଜି ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଓଡ଼ିଶା ଓ ଓଡ଼ିଆ ବିରୋଧୀ ବୋଲି କଂଗ୍ରେସ ଦଳ ବହୁ ଥର ପ୍ରମାଣିତ ହୋଇସାରିଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି।

ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ସମ୍ମାନିତ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ରାଜ୍ୟ ସାଧାରଣ ସଂପାଦକ ଶାରଦା ପ୍ରସାଦ ଶତପଥୀ, ରାଜ୍ୟ ସଂପାଦକ ସରୋଜ କର, ରାଜ୍ୟ ସଂପାଦିକା ଡ. ପ୍ରିତୀ ପ୍ରତିଭା ଭୋଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ପ୍ରିୟଦର୍ଶୀ ମିଶ୍ର, ମୁଖ୍ୟବକ୍ତା ଭାବେ ବରିଷ୍ଠ ନେତା ଭୂବନାନନ୍ଦ ତ୍ରିପାଠୀ ଯୋଗଦେଇଥିଲେ। ରାଜ୍ୟ ଉପସଭାପତି ବିଷ୍ଣୁ ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ।

# ସରିଲା ଜନଗଣନାର ପ୍ରଥମ ପର୍ଯ୍ୟାୟ

ସମୀକ୍ଷା କଲେ ରାଜସ୍ୱ ସଚିବ

**ଭୁବନେଶ୍ୱର,୨୫।୬/ଏନ୍ଏନ୍ଏସ୍:** ରାଜ୍ୟରେ ଚାଲିଥିବା ଜନଗଣନା କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଗୁରୁବାର ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସମୀକ୍ଷା କରିଛନ୍ତି। ବୈଠକରେ ଜନଗଣନା ଅଭିଯାନର ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ ଜନଗଣନାର ପ୍ରଥମ ପର୍ଯ୍ୟାୟ ଅର୍ଥାତ୍ ଗୃହ ତାଲିକାକରଣ କାର୍ଯ୍ୟ ଏବଂ ଆବାସ ଗଣନା ସଫଳତାର ସହ ସମ୍ପନ୍ନ ହୋଇଥିବା ସମ୍ପର୍କରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ପାଢ଼ୀଙ୍କୁ ଅବଗତ କରାଇଥିଲେ। ଏହି ପର୍ଯ୍ୟାୟରେ ରାଜ୍ୟବ୍ୟାପୀ ବିଭିନ୍ନସ୍ତରରେ ନିୟୋଜିତ ଅଧିକାରୀ ଓ କର୍ମଚାରୀମାନଙ୍କ ସମନ୍ୱିତ ପ୍ରୟାସ ଫଳରେ ଜନଗଣନା କାର୍ଯ୍ୟ ସୁଚାରୁରୂପେ ସମାପ୍ତ ହୋଇଥିବା ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସମସ୍ତ ଜନଗଣନା କର୍ମକର୍ତ୍ତା, ଜିଲ୍ଲାପାଳ, ପୌର କମିଶନର, ଜନଗଣନାକାରୀ ଏବଂ ସୁପରଭାଇଜରମାନଙ୍କ ନିଷ୍ଠାପୂର୍ଣ୍ଣ ଏବଂ ସମର୍ପିତ ଦାୟିତ୍ୱ ସମ୍ପାଦନ ପାଇଁ ପ୍ରଶଂସା କରିଥିଲେ। ରାଜସ୍ୱ ସଚିବ କହିଥିଲେ ଯେ, ଜନଗଣନା ଭଳି ଏକ ବୃହତ୍ ଜାତୀୟ କାର୍ଯ୍ୟକ୍ରମର ସଫଳ ରୂପାୟନରେ କ୍ଷେତ୍ରସ୍ତରରେ କାର୍ଯ୍ୟରତ କର୍ମଚାରୀମାନଙ୍କ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପରିପ୍ରେକ୍ଷୀରେ ଜନଗଣନାର ପରବର୍ତ୍ତୀ ପର୍ଯ୍ୟାୟ ଜନସଂଖ୍ୟା ଗଣନା ପାଇଁ ଆବଶ୍ୟକ ପ୍ରସ୍ତୁତି, କାର୍ଯ୍ୟଯୋଜନା ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ମଧ୍ୟ ସୁବିସ୍ତୃତ ଆଲୋଚନା ହୋଇଥିଲା। ସମସ୍ତ ପ୍ରସ୍ତୁତିକୁ ସମୟବଦ୍ଧ ଭାବେ ସମ୍ପନ୍ନ କରି ଆଗାମୀ ପର୍ଯ୍ୟାୟକୁ ସଫଳ କରିବା ଉପରେ ରାଜସ୍ୱ ସଚିବ ଗୁରୁତ୍ୱାରୋପ କରିଥିଲେ। ସୂଚନାଯୋଗ୍ୟ ଯେ, ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକା ଓ ଆବାସ ଜନଗଣନା ୧୬ ଏପ୍ରିଲ ୨୦୨୬ ଠାରୁ ୧୫ ମଇ ୨୦୨୬ ପର୍ଯ୍ୟନ୍ତ ୩୦ ଦିନ ଧରି ସଫଳତାର ସହ ଅନୁଷ୍ଠିତ ହୋଇଛି। ଏହା ସହିତ ସ୍ୱୟଂ-ଗଣନା କାର୍ଯ୍ୟକ୍ରମ ୧ ଏପ୍ରିଲ ୨୦୨୬ ଠାରୁ ୧୫ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ସମ୍ପନ୍ନ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା ୨୦୨୭ ମସିହା ଫେବୃଆରୀ ମାସରେ କରାଯିବ। ଶେଷରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜନଗଣନା ଦଳକୁ ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଶୁଭେଚ୍ଛା ଜଣାଇବା ସହ ସଫଳତାର ସହ କାର୍ଯ୍ୟ ସମ୍ପାଦନ କରିବାକୁ ଆଶା ପ୍ରକାଶ କରିଥିଲେ। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ଶାସନ ସଚିବ ପ୍ରଜ୍ଞାଧାରା ମିଶ୍ର, ଆଲୋମଣି ସେଠୀ, ଜନଗଣନାର କାର୍ଯ୍ୟର ଯୁଗ୍ମ ନିର୍ଦ୍ଦେଶକ ହେମନ୍ତ କୁମାର ସିଂହ ଏବଂ ହରାଧନ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

# ୭ ଦିନ ଯାଏଁ ବଜ୍ରପାତ ସହ ବର୍ଷା

**ଭୁବନେଶ୍ୱର,୨୫।୬/ଏନ୍ଏନ୍ଏସ୍:** ରାଜ୍ୟରେ ମୌସୁମୀ ବାୟୁ ସକ୍ରିୟ ରହିଛି। ଯାହାକୁ ନେଇ ଆସନ୍ତା ୭ ଦିନ ଯାଏଁ ବଜ୍ରପାତ ସହ ବର୍ଷା ଏବଂ କିଛି ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ତେଣୁ ଏକାଧିକ ଜିଲ୍ଲାରେ ଦୁଇରୁ ତିନି ଦନ ପ୍ରବଳ ବର୍ଷା ହେବା ନେଇ ଅରେଞ୍ଜ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ। ଆସନ୍ତାକାଲି କନ୍ଧମାଳ, ବୌଦ୍ଧ, କଳାହାଣ୍ଡି, ବଲାଙ୍ଗୀର ଓ ସୋନପୁର ଜିଲ୍ଲାରେ ବର୍ଷା ସମ୍ଭାବନା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ବିଭାଗ। ଅବଶିଷ୍ଟ ୨୫ଟି ଜିଲ୍ଲାରେ ବଜ୍ରପାତ ସହ ୪୦ରୁ ୫୦ କିମି ବେଗରେ ଝଟକା ପବନ ବହିବାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ବିଭାଗ। ୧ ଜୁଲାଇ ଯାଏଁ ରାଜ୍ୟରେ ବର୍ଷା ପାଇଁ ଚେତାବନୀ ରହିଛି।

ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

# ସ୍ୱାସ୍ଥ୍ୟାନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କର



**ଭୁବନେଶ୍ୱର,୨୫।୬/ଏନ୍ଏନ୍ଏସ୍:** ଲୋକସଭା ଭବନରେ ଆୟୋଜିତ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ନି ନିରାପତ୍ତା ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସଭାପତିତ୍ୱ କରି ରାଜ୍ୟର ସମସ୍ତ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟାନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ବର୍ତ୍ତମାନ ସ୍ଥିତି ଓ ଆବଶ୍ୟକତା, ପୂର୍ବରୁ ଦିଆଯାଇଥିବା ନିର୍ଦ୍ଦେଶ କେତେ ଅନୁପାଳନ ହୋଇଛି ସେ ବିଷୟରେ ମଧ୍ୟ ସମୀକ୍ଷା କରାଯାଇଥିଲା। ରୋଗୀଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନଙ୍କୁ ଅଗ୍ନି ନିର୍ବାପକ ଉପକରଣର ନିୟମିତ ଯାଞ୍ଚ, ଜରୁରୀକାଳୀନ ପ୍ରସ୍ତୁତିର ସୁନିଶ୍ଚିତକରଣ, ନିର୍ଦ୍ଧାରିତ ସୁରକ୍ଷା ମାନଦଣ୍ଡର କଡ଼ାକଡ଼ି ପାଳନ ଏବଂ ସମସ୍ତ ସ୍ୱାସ୍ଥ୍ୟାନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ କାର୍ଯ୍ୟକ୍ଷମ କରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ମନ୍ତ୍ରୀ କହିଥିଲେ ଯେ, ସ୍ୱାସ୍ଥ୍ୟସେବା ପ୍ରଦାନ ସହିତ ରୋଗୀ ଓ ସ୍ୱାସ୍ଥ୍ୟକର୍ମୀଙ୍କ ନିରାପତ୍ତା ସରକାରଙ୍କ ପ୍ରମୁଖ ଦାୟିତ୍ୱ । ତେଣୁ ଅଗ୍ନିକାଣ୍ଡ ପରି ଜରୁରୀ ପରିସ୍ଥିତିକୁ ମୁକାବିଲା ପାଇଁ ପ୍ରତ୍ୟେକ ଅନୁଷ୍ଠାନରେ ପୂର୍ବ ପ୍ରସ୍ତୁତି ଏବଂ ସମୟୋପଯୋଗୀ ବ୍ୟବସ୍ଥା ଗ୍ରହଣ ଅତ୍ୟାବଶ୍ୟକ। ଏହି ବୈଠକରେ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନଏଚଏମ୍) ଏମଡି ଡ. ବୃନ୍ଦା ଡ଼ି, ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଏବଂ ବିଭିନ୍ନ ଜିଲ୍ଲାର ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ମେଡିକାଲ କଲେଜ ଡିନ ଓ ସୁପରିଟେଣ୍ଡେଣ୍ଟମାନେ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ସରକାର ମାଗିଲେ ନିଶା ନିବାରଣ କେନ୍ଦ୍ର ତଥ୍ୟ

ସମସ୍ତ ଜିଲ୍ଲାରୁ ୭ ଦିନ ମଧ୍ୟରେ ରିପୋର୍ଟ ତଲବ କଲା ଏସ୍ଏସ୍ଇପିଡି

**ଭୁବନେଶ୍ୱର,୨୫।୬/ଏନ୍ଏନ୍ଏସ୍:**

ରାଜ୍ୟରେ ନିଶା ନିବାରଣ କେନ୍ଦ୍ରଗୁଡ଼ିକରେ ଅନ୍ତେବାସୀଙ୍କ ସନ୍ଦେହଜନକ ମୃତ୍ୟୁ ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପ ନେଇ ବଢୁଥିବା ଚିନ୍ତା ମଧ୍ୟରେ ରାଜ୍ୟ ସରକାର କଡ଼ା ପଦକ୍ଷେପ ନେଇଛନ୍ତି। ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ (ଏସ୍ଏସ୍ଇପିଡି) ସମସ୍ତ ଜିଲ୍ଲାର ସାମାଜିକ ସୁରକ୍ଷା ଅଧିକାରୀ (ଡିଏସ୍ଏସ୍ଓ)ଙ୍କୁ ଜିଲ୍ଲାରେ କାର୍ଯ୍ୟକ୍ଷମ ସମସ୍ତ ନିଶା ନିବାରଣ କେନ୍ଦ୍ରର ସବିଶେଷ ତଥ୍ୟ ୭ ଦିନ ମଧ୍ୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛି।

ଗତ ସପ୍ତାହରେ ଯାଜପୁର ଜିଲ୍ଲାର ଧର୍ମଶାଳା ଅଞ୍ଚଳର ଏକ ଘରୋଇ ନିଶା ନିବାରଣ କେନ୍ଦ୍ରରେ ଜଣେ ଅନ୍ତେବାସୀଙ୍କ ମୃତ୍ୟୁକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ପରିବାର ଲୋକେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଥିବାବେଳେ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଏହା ସହ ଗତ କିଛି ଦିନ ମଧ୍ୟରେ ଅନ୍ୟ କେତେକ ନିଶା ନିବାରଣ କେନ୍ଦ୍ରକୁ ନେଇ ମଧ୍ୟ ପ୍ରଶ୍ନ ଉଠିଥିବାରୁ ସରକାର ସମଗ୍ର ବ୍ୟବସ୍ଥାର ସମୀକ୍ଷା କରିବାକୁ ନିଷ୍ପତ୍ତି ନେଇଛନ୍ତି। ବିଶେଷ କରି ଅନେକ ଅନ୍ତେବାସୀଙ୍କ ସନ୍ଦେହ ଜନକ ମୃତ୍ୟୁ ହୋଇଛି। ବିଭାଗର ଅତିରିକ୍ତ ସଚିବ ସୋନିଆ ବେହେରାଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶ ଅନୁଯାୟୀ, କେନ୍ଦ୍ର ସରକାର, ରାଜ୍ୟ ସରକାର ଓ ବେସରକାରୀ ସଂସ୍ଥା ପରିଚାଳିତ ସମସ୍ତ ନିଶା ନିବାରଣ କେନ୍ଦ୍ରର ତଥ୍ୟ ନିର୍ଦ୍ଧାରିତ ଫର୍ମାଟରେ ସଂଗ୍ରହ କରି ବିଭାଗକୁ ପଠାଇବାକୁ କୁହାଯାଇଛି। ଏହି ନିର୍ଦ୍ଦେଶକୁ ସର୍ବାଧିକ ଗୁରୁତ୍ୱ ଦେଇ ପାଳନ କରିବାକୁ ମଧ୍ୟ କୁହାଯାଇଛି। ରିପୋର୍ଟରେ ପ୍ରତ୍ୟେକ କେନ୍ଦ୍ରର ନାମ, ଠିକଣା, ଯୋଗାଯୋଗ ବିବରଣୀ, ପାଣ୍ଠିର ଉତ୍ସ, ଅନ୍ତେବାସୀ ଧାରଣ କ୍ଷମତା, ସୋସାଇଟି, ଚାରିଟେବୁଲ ଟ୍ରଷ୍ଟ କିମ୍ବା କମ୍ପାନୀ ଆଇନ ଅନୁଯାୟୀ ପଞ୍ଜୀକରଣ ସ୍ଥିତି, ଏବଂ ମାନସିକ ସ୍ୱାସ୍ଥ୍ୟ ସେବା ଆଇନ-୨୦୧୭ ଅନୁଯାୟୀ ପଞ୍ଜୀକୃତ କି ନାହିଁ ସେ ସମ୍ପର୍କିତ ସମସ୍ତ ତଥ୍ୟ ଦେବାକୁ ନିର୍ଦ୍ଦେଶ ରହିଛି। ପଞ୍ଜୀକରଣ ବର୍ଷ ଓ ସମ୍ପର୍କିତ ବିବରଣୀ ମଧ୍ୟ ଉଲ୍ଲେଖ କରିବାକୁ କୁହାଯାଇଛି।ଏହାସହ ନିଶା ନିବାରଣ କେନ୍ଦ୍ରଗୁଡ଼ିକର ପଞ୍ଜୀକରଣ, ପରିଚାଳନା ଓ ନିୟନ୍ତ୍ରଣ ପାଇଁ ନୂଆ ଗାଇଡଲାଇନ୍ ଏବଂ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜର (ଏସଓପି) ପ୍ରସ୍ତୁତ କରାଯିବ। ଏଥିପାଇଁ ଜିଲ୍ଲାସ୍ତରରୁ ପରାମର୍ଶ ମଧ୍ୟ ଲୋଡ଼ାଯାଇଛି।


**RITES LIMITED**
(A Govt. of India Enterprise)

RITES THE INFRASTRUCTURE PEOPLE

Shikhar, Plot No. 1, Sector – 29, Gurgaon – 122001

Requires qualified professionals in following position(s)/ discipline(s):

| VC No. | Post | No of Post |
|---|---|---|
| RG/30-R1/25 | Assistant Manager (HR) | 03 |
| RG/02-R1/26 | DGM (Civil - Tunnel Construction Expert) | 01 |
| RG/03-R1/26 | DGM (Transport Economist) | 01 |
| RG/18-R2/25 | DGM (Civil-Marine Structural Expert) | 01 |
| Last date of application | 22.07.2026 (Wednesday) | |

For complete details, candidates may see the detailed advertisement posted on RITES website www.rites.com under Career Section.


ମାଟିଆପଡ଼ା ଆର୍ଓବି କାର୍ଯ୍ୟର ସମୀକ୍ଷା

# ଶୀଘ୍ର ସମାପ୍ତି ପାଇଁ ପ୍ରମୁଖ ଶାସନ ସଚିବଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୨୫।୬/ଏନ୍ଏନ୍ଏସ୍:** ରଥଯାତ୍ରା ଲାଗି ରାଜ୍ୟ ତଥା ରାଜ୍ୟ ବାହାରୁ ପୁରୀକୁ ଅନେକ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ଆସିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପୁରୀ ସହର ଏବଂ ସହରକୁ ସଂଯୋଗ କରୁଥିବା ରାସ୍ତା ଓ ଗମନା ଗମନ ମାର୍ଗର ସୁଦୃଢ଼ୀକରଣ ଉପରେ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀ ଗୁରୁତ୍ୱ ଦେଇ ଆସୁଛନ୍ତି। ଏହି କ୍ରମରେ ନିର୍ମାଣ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଏନ୍ଏଚ୍-୩୧୬ ଅନ୍ତର୍ଗତ ମାଟିଆପଡ଼ା ରୋଡ୍ ଓଭର ବ୍ରିଜ୍ (ଆରଓବି) ନିର୍ମାଣ ସ୍ଥଳ ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି। ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ବୋ-ଷ୍ଟ୍ରିଙ୍ଗ ଗାର୍ଡର କାର୍ଯ୍ୟ ପରିଦର୍ଶନ କରିବା ସହ ପ୍ରକଳ୍ପର ଅବଶିଷ୍ଟ କାର୍ଯ୍ୟର ସମୀକ୍ଷା କରିଥିଲେ। ୨୬ ଜୁନ ୨୦୨୬ରେ ଆରଡିଏସ୍ଓ ଦଳର ପରିଦର୍ଶନ ପରେ ଅବଶିଷ୍ଟ ଦୁଇଟି ସ୍ପାନର ବୋ-ଷ୍ଟ୍ରିଙ୍ଗ ଗାର୍ଡର ଲଞ୍ଚିଂ ସହ ସମସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସେ ଜାତୀୟ ରାଜପଥ ବିଭାଗର ଅଧିକାରୀ ଏବଂ କାର୍ଯ୍ୟ ନିର୍ବାହୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ, କ୍ରାସ୍ ବ୍ୟାରିୟର ଢଳେଇ, ଉଭୟ ପାର୍ଶ୍ୱର ଆପ୍ରୋଚ୍ ରୋଡରେ ପିଚୁ-କଂକ୍ରିଟ୍ ବିଛାଇବା, ଏକ୍ସପାନସନ୍ ଜଏଣ୍ଟ ସ୍ଥାପନ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟକୁ ସମାନ୍ତରାଳ ଭାବେ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ନିର୍ମାଣ ବିଭାଗ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଅଗ୍ରଗତି ଉପରେ ନିରନ୍ତର ନଜର ରଖିଛି ଏବଂ ଜନସାଧାରଣଙ୍କ ସୁବିଧା ପାଇଁ ଏହାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ପ୍ରତିବଦ୍ଧ। ଏଥି ସହିତ ଆସନ୍ତା ରଥଯାତ୍ରା-୨୦୨୬ ପୂର୍ବରୁ ଆରଓବିର ଉଭୟ ପାର୍ଶ୍ୱରେ ଥିବା ସର୍ଭିସ୍ ରୋଡ୍‌କୁ ସମ୍ପୂର୍ଣ୍ଣ ପ୍ରସ୍ତୁତ କରି ଯାତାୟାତ ଉପଯୋଗୀ କରିବାକୁ ମଧ୍ୟ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ମୁଖ୍ୟ ଯନ୍ତ୍ରୀ (ଜାତୀୟ ରାଜପଥ), ତତ୍ତ୍ୱାବଧାୟକ ଯନ୍ତ୍ରୀ (ଜାତୀୟ ରାଜପଥ) ଏବଂ କାର୍ଯ୍ୟ ନିର୍ବାହୀ ସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଜଳ ଜୀବନ ମିଶନ ଓ ସ୍ୱଚ୍ଛ ଭାରତ ମିଶନର ଅଗ୍ରଗତି ସମୀକ୍ଷା

**ଭୁବନେଶ୍ୱର,୨୫।୬/ଏନ୍ଏନ୍ଏସ୍:** କେନ୍ଦ୍ର ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟ ଅଧୀନସ୍ଥ ପାନୀୟ ଜଳ ଓ ପରିମଳ ବିଭାଗର ସଚିବ ଅଶୋକ କେ. କେ. ମୀନା ଆଜି ଓଡ଼ିଶା ଗସ୍ତରେ ଆସି ରାଜ୍ୟରେ ଜଳ ଜୀବନ ମିଶନ ଓ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ)ର କାର୍ଯ୍ୟାନ୍ୱୟନର ଅଗ୍ରଗତି ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକରେ ଶ୍ରୀ ମୀନା ଜଳ ଜୀବନ ମିଶନରେ ଓଡ଼ିଶାର ଉଲ୍ଲେଖନୀୟ ପ୍ରଗତିର ପ୍ରଶଂସା କରିଥିଲେ। ଜାତୀୟ ଜଳ ଜୀବନ ମିଶନର ଉଦ୍ଦେଶ୍ୟ ଓ ପ୍ରାଥମିକତା ଅନୁରୂପ ରାଜ୍ୟ ସରକାର କାର୍ଯ୍ୟ କରୁଥିବାରୁ ସେ ସନ୍ତୋଷ ବ୍ୟକ୍ତ କରିଥିଲେ। ଦୀର୍ଘମିଆଦି ଭାବେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ସୁଚାରୁ ପରିଚାଳନା ଓ ରକ୍ଷଣାବେକ୍ଷଣକୁ ସୁନିଶ୍ଚିତ କରିବା ପାଇଁ ଗ୍ରାମ ପଞ୍ଚାୟତଗୁଡ଼ିକୁ ଅଧିକ ସଶକ୍ତ କରିବା, କେନ୍ଦ୍ର ସରକାରଙ୍କର 'ଜଳ ଅର୍ପଣ' କାର୍ଯ୍ୟକ୍ରମ ମାଧ୍ୟମରେ ଜଳ ଯୋଗାଣ ଭିତ୍ତିଭୂମିଗୁଡିକର ପରିଚାଳନା ଦାୟିତ୍ୱକୁ ଶୀଘ୍ର ଗ୍ରାମ ପଞ୍ଚାୟତ ଓ ଗ୍ରାମ ଜଳ ଓ ପରିମଳ ସମିତିଙ୍କୁ ହସ୍ତାନ୍ତର କରିବା ଏବଂ ସ୍ୱଚ୍ଛ ଭାରତ ମିଶନ ଅଧୀନରେ ଆନୁସଙ୍ଗିକ ସୁବିଧା ସୃଷ୍ଟିକୁ ଅଗ୍ରାଧିକାର ଦେବା ସହ ଅଧିକ ଗ୍ରାମକୁ ଓଡିଏଫ ପ୍ଲସ ମଡେଲ ମାନ୍ୟତା ହାସଲ ଦିଗରେ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ। ଗସ୍ତ ଅବସରରେ ଶ୍ରୀ ମୀନା ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ସାକ୍ଷାତ କରି ରାଜ୍ୟରେ ଜଳ ଜୀବନ ମିଶନ ଏବଂ ସ୍ୱଚ୍ଛ ଭାରତ ମିଶନର କାର୍ଯ୍ୟାନ୍ୱୟନ, ଅଗ୍ରଗତି ଏବଂ ଆଗାମୀ କାର୍ଯ୍ୟଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ସମୀକ୍ଷା ବୈଠକ ପରେ ସେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର-କମ୍-ସଚିବ ଗିରିଶ ଏସ୍. ଏନ୍., ପାନୀୟ ଜଳ ଓ ପରିମଳ ମିଶନ ନିର୍ଦ୍ଦେଶକ ବିନୀତ ଭରଦ୍ୱାଜଙ୍କ ସହ ପୁରୀ ଜିଲ୍ଲାର ବିଭିନ୍ନ ପାଇପ ଜଳଯୋଗାଣ ପ୍ରକଳ୍ପ ପରିଦର୍ଶନ କରି କ୍ଷେତ୍ରସ୍ତରରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ସ୍ଥିତି ସମୀକ୍ଷା କରିଥିଲେ। ପିପିଲି ବ୍ଲକ ଜଗନ୍ନାଥପୁର ଗ୍ରାମପଞ୍ଚାୟତର ଲୋହାପୁର ପାଇପ ଜଳଯୋଗାଣ ପ୍ରକଳ୍ପ ଓ ଯଶୁଆପୁର ଗ୍ରାମପଞ୍ଚାୟତର ସୁବଳପୁର ପ୍ରକଳ୍ପ ପରିଦର୍ଶନ କରିଥିଲେ। ପ୍ରକଳ୍ପଗୁଡ଼ିକର ଭିତ୍ତିଭୂମିର ଗୁଣବତ୍ତା ଦେଖି କ୍ଷେତ୍ରସ୍ତରୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କ ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ସ୍ଥାନୀୟ ଲୋକଙ୍କ ସହ ମତବିନିମୟ କରି ପ୍ରକଳ୍ପର ସୁଫଳ ଓ ଏହାର ପ୍ରଭାବ ସମ୍ପର୍କରେ ସିଧାସଳଖ ମତାମତ ମଧ୍ୟ ସଂଗ୍ରହ କରିଥିଲେ।

ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଘୋଷଣା

# ପୁରୀରେ ହେବ ୧୦୦୦ ଆସନ ବିଶିଷ୍ଟ ବହୁମୁଖୀ ସମ୍ମିଳନୀ କେନ୍ଦ୍ର

**ଭୁବନେଶ୍ୱର,୨୫।୬/ଏନ୍ଏନ୍ଏସ୍:** ପୁରୀକୁ ସମ୍ମିଳନୀ, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଦର୍ଶନୀ ଏବଂ ବୃହତ ଜନସମାବେଶ ପାଇଁ ଏକ ପ୍ରମୁଖ ସ୍ଥଳ ଭାବେ ଗଢ଼ିତୋଳିବା ଲକ୍ଷ୍ୟରେ ସେଠାରେ ୧୦୦୦ ଆସନ ବିଶିଷ୍ଟ ଏକ ଅତ୍ୟାଧୁନିକ ବହୁମୁଖୀ ସମ୍ମିଳନୀ କେନ୍ଦ୍ର ନିର୍ମାଣ କରାଯିବ। ପବିତ୍ର ଶ୍ରୀକ୍ଷେତ୍ର ପୁରୀର ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଏହି ଘୋଷଣା କରିଛନ୍ତି ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର। ବିଭାଗ ପକ୍ଷରୁ "ବିକଶିତ ଓଡ଼ିଶା ପାଇଁ ଜନ ଭାଗିଦାରୀ: ସଶକ୍ତ ନାଗରିକ - ସମାବେଶୀ ସହର - ସ୍ଥାୟୀ ସହରାଞ୍ଚଳ ଭବିଷ୍ୟତ" ଆଭିମୁଖ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ସହରାଞ୍ଚଳ ଜନସମ୍ପର୍କ କାର୍ଯ୍ୟକ୍ରମ ଅବସରରେ ମନ୍ତ୍ରୀ ଏହି ଘୋଷଣା କରିଛନ୍ତି। ପ୍ରସ୍ତାବିତ ପ୍ରକଳ୍ପକୁ ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ଏବଂ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରିବା ଭଳି ସ୍ଥାନ ଭାବେ ପରିକଳ୍ପନା କରାଯାଇଛି। ଏଠାରେ ଜାତୀୟ ଓ ଅନ୍ତର୍ଜାତୀୟ




ସମ୍ମିଳନୀ, ଶିକ୍ଷାଗତ ତଥା ବୃତ୍ତିଗତ ଆଲୋଚନାଚକ୍ର, ସାଂସ୍କୃତିକ ମହୋତ୍ସବ, ସରକାରୀ କାର୍ଯ୍ୟକ୍ରମ ଏବଂ ସାମାଜିକ ସମାବେଶ ଆଦି ଆୟୋଜନ କରାଯାଇପାରିବ। ଏହି ପ୍ରକଳ୍ପ ଦ୍ୱାରା ପୁରୀରେ ଏକ ବୃହତ ଓ ଆଧୁନିକ ପ୍ରେକ୍ଷାଳୟର ବହୁ ପ୍ରତୀକ୍ଷିତ ଆବଶ୍ୟକତା ପୂରଣ ହେବ ବୋଲି ଆଶା କରାଯାଉଛି। ଭାରତର ଅନ୍ୟତମ ତୀର୍ଥ କ୍ଷେତ୍ର ତଥା ଏକ ପ୍ରମୁଖ ବିଶ୍ୱ ପର୍ଯ୍ୟଟନ ସ୍ଥଳୀ ଭାବେ ପୁରୀର ସ୍ୱତନ୍ତ୍ର ପରିଚୟକୁ ରେଖାଙ୍କିତ କରି ଡଃ ମହାପାତ୍ର କହିଛନ୍ତି ଯେ, ସହରର ବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରିବା ଏବଂ ସହରାଞ୍ଚଳ ଭିତ୍ତିଭୂମି ତଥା ଜନସାଧାରଣଙ୍କ ସୁବିଧା ସୁଯୋଗକୁ ସୁଦୃଢ଼ କରିବା ଦିଗରେ ଏହି ସମ୍ମିଳନୀ କକ୍ଷ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହି ପ୍ରକଳ୍ପର ଶୀଘ୍ର ରୂପାୟନ ପାଇଁ ଆବଶ୍ୟକ ପ୍ରଶାସନିକ ପ୍ରକ୍ରିୟା ଏବଂ ପ୍ରାଥମିକ ପ୍ରସ୍ତୁତି କାର୍ଯ୍ୟକୁ ପ୍ରାଥମିକତା ଭିତ୍ତିରେ ଆରମ୍ଭ କରିବାକୁ ମନ୍ତ୍ରୀ, ପୁରୀ ମହାନଗର ନିଗମର କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମନ୍ତ୍ରୀ ଆହୁରି ମଧ୍ୟ ସୂଚନା ଦେଇଛନ୍ତି ଯେ, ଓଡ଼ିଶାର ବିଭିନ୍ନ ପୌରସଂସ୍ଥା ଗୁଡ଼ିକରେ ପର୍ଯ୍ୟାୟକ୍ରମେ ଏଭଳି ବହୁମୁଖୀ ଭିତ୍ତିଭୂମି ସୃଷ୍ଟି କରିବା ପାଇଁ ରାଜ୍ୟ ସରକାର ଏକ ବ୍ୟାପକ ରୋଡମ୍ୟାପ୍ ପ୍ରସ୍ତୁତ କରୁଛନ୍ତି। ଏହି ପଦକ୍ଷେପ ସହରାଞ୍ଚଳର ସୁବିଧା ସୁଯୋଗକୁ ସୁଦୃଢ଼ କରିବ, ଗୋଷ୍ଠି ସହଭାଗିତାକୁ ପ୍ରୋତ୍ସାହିତ କରିବ ଏବଂ ଦ୍ରୁତ ଗତିରେ ବଢୁଥିବା ସହରାଞ୍ଚଳ ଜନସଂଖ୍ୟାର ଆବଶ୍ୟକତାକୁ ପୂରଣ କରିବ। ଏହି ସମାରୋହରେ ଉପସ୍ଥିତ ଥିବା ଜନପ୍ରତିନିଧି, ନାଗରିକ ଏବଂ ବିଭିନ୍ନ ଅଂଶୀଦାରମାନେ ଏହି ଘୋଷଣାକୁ ସ୍ୱାଗତ କରିବା ସହ ପ୍ରସ୍ତାବିତ ସମ୍ମିଳନୀ କକ୍ଷ ଶ୍ରୀକ୍ଷେତ୍ରର ରୂପରେଖରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ ବୋଲି ମତବ୍ୟକ୍ତ କରିଛନ୍ତି ।ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ଏକ ପ୍ରମୁଖ ଜନ କଲ୍ୟାଣକାରୀ ଭିତ୍ତିଭୂମି ଭାବେ ଉଭା ହେବ, ଯାହା ପୁରୀର ସାଂସ୍କୃତିକ, ଆଧ୍ୟାତ୍ମିକ ଏବଂ ପର୍ଯ୍ୟଟନ ଗୌରବକୁ ଆହୁରି ବଢ଼ାଇବ। ଏହାସହ ଓଡ଼ିଶାର ସ୍ଥାୟୀ, ସମାବେଶୀ ଏବଂ ନାଗରିକ-କୈନ୍ଦ୍ରିକ ସହରୀ ବିକାଶର ପରିକଳ୍ପନାକୁ ସାକାର କରିବାରେ ବିଶେଷ ସହାୟକ ହେବ।

## ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ

**ବାଲିଗୁଡା, ୨୫।୬/ଏନ୍ଏନ୍ଏସ୍:** କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡି ଥାନା ପାଙ୍ଗାଲି ଗ୍ରାମରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ପୋଷ୍ଟାଲ କାର୍ଯ୍ୟାଳୟରେ ବ୍ୟବହାର ହେଉଥିବା ଭ୍ୟାନ ସହ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ପରିଚୟ ମିଳିନଥିବା ବେଳେ ପୋଲିସ ପରିଚୟ ଖୋଜୁଥିବା ଆଇଆଇସି ସଂଗ୍ରାମ କେଶରୀ ଜେନା କହିଛନ୍ତି। ଦୁର୍ଘଟଣା ଘଟାଇଥିବା ଭ୍ୟାନଟି ପୋଷ୍ଟାଲର ଡ଼େଲିଭେରୀ ଭ୍ୟାନ ବୋଲି ପୋଲିସ ସୂଚନା ଦେଇଛନ୍ତି। ପ୍ରକାଶ ଯେ ଫୁଲବାଣୀରୁ ଡାକ ନେଇ ଭ୍ୟାନ ନଂ (ଓଡି୧୨ଏଫ୍-୩୪୧୬ )ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ଅଭିମୁଖେ ଯାଉଥିବା ବେଳେ ଜଣେ ବାଇକ ଆରୋହୀ ବାଇକ ନଂ (ଓଆର ୦୭ ଏଜେ-୬୮୩୭)ରେ ବ୍ରାହ୍ମଣୀଗାଁ ପଟରୁ ଦାରିଙ୍ଗବାଡି ଯାଉଥିଲେ । ଦାରିଙ୍ଗବାଡି ପହଞ୍ଚିବାକୁ ମାତ୍ର ଆଉ ୫ କିମି ରହିଥିବା ବେଳେ ପାଙ୍ଗାଲି ନିକଟରେ ବାଇକଟି ଭ୍ୟାନ ସହ ମୁହାଁମୁହିଁ ଧକ୍କା ହେବା ସହ କିଛି ଦୂର ବାଇକ ସହ ଚାଳକଙ୍କୁ ଘୋଷାଡ଼ି ନେଇଥିଲା । ଏହା କୌଣସି ସୂତ୍ରରୁ ପୋଲିସକୁ ଖବର ଦେବାପରେ ଖବର ପାଇ ଦାରିଙ୍ଗବାଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ବାଇକ ଚାଳକଙ୍କୁ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ, ହେଲେ ସେଠାରେ ଡାକ୍ତର ବାଇକ ଚାଳକଙ୍କୁ ମୃତ ଘୋଷଣା କରିଥିଲେ । ବାଇକ ଓ ଭ୍ୟାନକୁ ପୋଲିସ ଜବତ କରିବା ସହ ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ମାମଲା, ଜଣେ କୋର୍ଟଚାଲାଣ

**ରଙ୍ଗେଇଲୁଣ୍ଡା,୨୫।୬/ଏନ୍ଏନ୍ଏସ୍:** ଗୋଳନ୍ଥରା ଥାନା ଅଧିନସ୍ଥ ରାମେୟାପାଟଣା ଗ୍ରାମ ବ୍ୟକ୍ତିଙ୍କୁ ଘରେ ଥିବା ବେଳେ ଆକ୍ରମଣ କରିବା ମାମଲା ଗୋଳନ୍ଥରା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଜଣକ ପାଟିସୁନାପୁର ଗ୍ରାମର ଜି. ଚେନ୍ଦ୍ରେୟା ବୋଲି ପୁଲିସ ସୂଚନା ଦେଇଛି । ଏହି ଥାନା ଅଧିନସ୍ଥ ରାମେୟାପାଟଣା ଗ୍ରାମରେ ମଙ୍ଗଳବାର ଯାତ୍ରା ଚାଲିଥିଲା ପାଟିସୁନାପୁର ଗ୍ରାମର ଚେନ୍ଦ୍ରେୟା ମଧ୍ୟ ଯାତ୍ରା ଦେଖିବାକୁ ଯାଇଥିଲେ । ମୋହନ ରାଓ ଘରେ ଶୋଇଥିବା ବେଳେ ଭୋର ସମୟରେ ଚେନ୍ଦ୍ରେୟା ଜୋରଜବରଦସ୍ତ ତାଙ୍କ ଘର କବାଟ ଖୋଲି ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଏକ କାଠ ଫାଳିଆରେ ମୁଣ୍ଡକୁ ମରଣାନ୍ତକ ଆକ୍ରମଣ କରିଥିଲେ । ମୋହନଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକ ପହଞ୍ଚିବାରୁ କୌଶଳକ୍ରମେ ଚେନ୍ଦ୍ରେୟା ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏନେଇ ମୋହନଙ୍କ ସ୍ତ୍ରୀ ପି. ବୁଡ଼ାମ୍ମା ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏତଲାକୁ ଭିତ୍ତି କରି ପୁଲିସ ଥାନା କେସ୍ ନଂ ୨୩୦/୨୬ ପ୍ରକାରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଚେନ୍ଦ୍ରେୟାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ନେଇ ତଦନ୍ତକାରୀ ଅଧିକାରୀ ଏଏସଆଇ ଗୁଣନିଧି ରାଉତ ସୂଚନା ଦେଇଛନ୍ତି।

## ଜିଲ୍ଲାସ୍ତରୀୟ ଜୈବିକ କୃଷି କର୍ମଶାଳା

**ଛତ୍ରପୁର,୨୫।୬/ଏନ୍ଏନ୍ଏସ୍:** କୃଷି କ୍ଷେତ୍ରରେ ଜୈବିକ ପଦ୍ଧତିର ପ୍ରସାର ଏବଂ ପରିବେଶ ଅନୁକୂଳ ଚାଷ ପ୍ରଣାଳୀକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଆଜି ଛତ୍ରପୁରସ୍ଥିତ ଜିଲ୍ଲା ପରିଷଦର ରଷିକୁଲ୍ୟା ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଜୈବିକ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଏହି କର୍ମଶାଳାରେ ଅଧ୍ୟକ୍ଷତା କରି ଜୈବିକ କୃଷିର ଗୁରୁତ୍ୱ ଏବଂ ଏହାର ବହୁମୁଖୀ ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଜୈବିକ କୃଷି ମାଧ୍ୟମରେ କେବଳ ନିଜ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖାଯାଇପାରିବ ନାହିଁ, ବରଂ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ, ସବୁଜ ଓ ପ୍ରଦୂଷଣମୁକ୍ତ ପରିବେଶ ସୃଷ୍ଟି କରାଯାଇପାରିବ। ରାସାୟନିକ ସାର ଓ କୀଟନାଶକର ଅତ୍ୟଧିକ ବ୍ୟବହାର ମୃତ୍ତିକାର ଉର୍ବରତା ହ୍ରାସ କରିବା ସହ ମାନବ ସ୍ୱାସ୍ଥ୍ୟ ଉପରେ ମଧ୍ୟ କୁପ୍ରଭାବ ପକାଉଛି। ତେଣୁ କୃଷକମାନେ ଜୈବିକ ଚାଷ ଆଡ଼କୁ ଅଗ୍ରସର ହେବାର ଆବଶ୍ୟକତା ରହିଛି ବୋଲି ଜିଲ୍ଲାପାଳ ଶ୍ରୀ ଭାସନ କହିଥିଲେ। କର୍ମଶାଳାରେ ଭାରପ୍ରାପ୍ତ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଶାନ୍ତ କୁମାର ନାଥ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ କୃଷି ବୈଜ୍ଞାନିକ ସୁଜିତ କୁମାର ନାଥ, ଶାନ୍ତନୁ କୁମାର ଶତପଥୀ ଓ ଅନ୍ୟାନ୍ୟ ବିଶେଷଜ୍ଞମାନେ ଜୈବିକ କୃଷିର ବୈଜ୍ଞାନିକ ଦିଗ, ଜୈବିକ ସାର ଓ କୀଟନାଶକ ପ୍ରସ୍ତୁତି ପ୍ରଣାଳୀ, ମୃତ୍ତିକା ସ୍ୱାସ୍ଥ୍ୟ ସଂରକ୍ଷଣ ଏବଂ ଉତ୍ପାଦନ ବୃଦ୍ଧିର ବିଭିନ୍ନ ଉପାୟ ସମ୍ପର୍କରେ କୃଷକମାନଙ୍କୁ ଅବଗତ କରାଇଥିଲେ। କର୍ମଶାଳାରେ ପ୍ରକଳ୍ପ ନିର୍ଦ୍ଦେଶକ, ଜଳଛାୟା ପ୍ରଦୀପ କୁମାର ପଟ୍ଟନାୟକ, କୃଷି କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ବାସନ୍ତୀଲତା ଶିଆଳ, କୃଷି ଜିଲ୍ଲା ଅଧିକାରୀ ବ୍ୟୋମକେଶ ମିଶ୍ର, ହେମନ୍ତ ଦାସ, ଶରତ କୁମାର ଦାସ, ଜୁନମୟୀ ମହାନ୍ତି, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଛତ୍ରପୁର, ଗଞ୍ଜାମ, ରଙ୍ଗେଇଲୁଣ୍ଡା ଏବଂ ପୁରୁଷୋତ୍ତମପୁର ବ୍ଲକରୁ ଶତାଧିକ କୃଷକ କର୍ମଶାଳାରେ ଯୋଗଦେଇ ଜୈବିକ ଚାଷ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ଓ ପ୍ରାୟୋଗିକ ଜ୍ଞାନ ଆହରଣ କରିଥିଲେ। କୃଷି ଜିଲ୍ଲା ଅଧିକାରୀ ହେମନ୍ତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୮ ଅଣ୍ଡାରୁ ନାଗ ଛୁଆ ଜନ୍ମ

**ବ୍ରହ୍ମପୁର,୨୫।୬/ଏନ୍ଏନ୍ଏସ୍:** ଚିକିଟି ବ୍ଲକ ଭୋଲାସିଙ୍ଗି ଗ୍ରାମରୁ ଉଦ୍ଧାର ନାଗ ସାପ ଅଣ୍ଡାରୁ ୮ ଛୁଆ ଜନ୍ମ ହୋଇଛି। ଗତ ୨୮ ତାରିଖରେ ଏହି ଅଣ୍ଡା ଗୁଡ଼ିକ ଉଦ୍ଧାର ହୋଇଥିଲା। ଦୀର୍ଘ ମାସେ ହେଲା ଏହା ବ୍ରହ୍ମପୁର ବନାଞ୍ଚଳ କାର୍ଯ୍ୟାଳୟରେ ଇନକୁବେସନରେ ରହିଥିଲା। ବୁଧବାର ଏଥିରୁ ଛୁଆ ଜନ୍ମ ହୋଇଥିବା ବେଳେ ଗୁରୁବାର ଏହାକୁ ସଂରକ୍ଷିତ ଜଙ୍ଗଲରେ ଛଡ଼ା ଯାଇଛି। ସୂଚନା ମୁତାବକ, ଭୋଲାସିଙ୍ଗି ପ୍ରାଥମିକ ବିଦ୍ୟାଳୟ ଆଗରେ ଗ୍ରାମର କାଳିଆ ସାହୁ ନୂଆଁ ଘର ନିର୍ମାଣ କରୁଥିଲେ। ଘର ମଧ୍ୟରେ ଜମା କରି ରଖିଥିବା ଇଟାରେ ନାଗ ସାପଟି ଅଣ୍ଡା ଦେଇଥିଲା। ସାପ ଅଣ୍ଡାକୁ ଉଦ୍ଧାର ପାଇଁ



କାଳିଆ ସ୍ନେକ ହେଲ୍ପଲାଇନକୁ ଯୋଗାଯୋଗ କରିଥିଲେ। ସ୍ନେକ ହେଲ୍ପ ଲାଇନ୍ ସଦସ୍ୟ ରାମ ଚନ୍ଦ୍ର ସାହୁ ପହଞ୍ଚି ଗୋଟିଏ ନାଗ ସାପ ଓ ୧୧ ଟି ଅଣ୍ଡା ଉଦ୍ଧାର କରିଥିଲେ। ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନି ଖୋଖରଙ୍କ ତତ୍ତ୍ୱାବଧାନରେ ଅଣ୍ଡା ଗୁଡ଼ିକ ଆସିକା ରୋଡ ସ୍ଥିତ ବ୍ରହ୍ମପୁର ବନାଞ୍ଚଳ କାର୍ଯ୍ୟାଳୟରେ ରଖାଯାଇଥିଲା। ସ୍ନେକ ହେଲ୍ପ ଲାଇନ୍ ସଂଯୋଜକ ସ୍ୱାଧୀନ କୁମାର ସାହୁ ଅଣ୍ଡାର ଇନକୁବେସନ ପଦ୍ଧତିକୁ ନିୟମିତ ନିରୀକ୍ଷଣ କରୁଥିଲେ।

## ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ

# ସ୍ୱାସ୍ଥ୍ୟ ସେବାର ଗୁଣବତ୍ତା, ଗ୍ରାମୀଣ ସ୍ୱାସ୍ଥ୍ୟ କେନ୍ଦ୍ରର କାର୍ଯ୍ୟଦକ୍ଷତା ବୃଦ୍ଧିକୁ ଗୁରୁତ୍ୱ

**ଛତ୍ରପୁର,୨୫।୬/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲାର ସ୍ୱାସ୍ଥ୍ୟ ସେବା ସମ୍ପର୍କିତ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଆଜି ସ୍ଥାନୀୟ ରଷିକୁଲ୍ୟା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସ୍ୱାସ୍ଥ୍ୟ ସେବାର ଗୁଣବତ୍ତା ବୃଦ୍ଧି, ଗ୍ରାମୀଣ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକର କାର୍ଯ୍ୟଦକ୍ଷତା ବୃଦ୍ଧି, ଟିକାକରଣ ଅଭିଯାନ, ଗର୍ଭବତୀ ମହିଳା ଏବଂ ମାତୃ-ଶିଶୁ ସୁରକ୍ଷା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଜିଲ୍ଲାପାଳ କହିଥିଲେ ଯେ, ଜନବହୁଳ ଗଞ୍ଜାମ ଜିଲ୍ଲାରେ ସମସ୍ତଙ୍କ ପାଖରେ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ପାଇଁ ଯୋଜନାବଦ୍ଧ ପଦକ୍ଷେପ ନିଆଯାଉଛି। ଉପଲବ୍ଧ ସ୍ୱାସ୍ଥ୍ୟ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ କ୍ଷେତ୍ରସ୍ତରରେ ଆଶାନୁରୂପ




ସେବା ପ୍ରଦାନ କରିବା ଦିଗରେ ସମସ୍ତଙ୍କ ଆନ୍ତରିକ ଓ ସମନ୍ୱିତ ପ୍ରୟାସ ଆବଶ୍ୟକ । ସ୍ୱାସ୍ଥ୍ୟ ସେବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜନସେବା ହୋଇଥିବାରୁ ଏଥିରେ କୌଣସି ପ୍ରକାରର ଅବହେଳାକୁ ସହ୍ୟ କରାଯିବ ନାହିଁ। ଏପରି ଘଟଣା ଦେଖାଦେଲେ 'ଶୂନ୍ୟ ସହନଶୀଳତା' ନୀତି ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି । ଟିକାକରଣ କାର୍ଯ୍ୟକ୍ରମରେ ମା', ଶିଶୁ ଓ ବରିଷ୍ଠ ନାଗରିକମାନଙ୍କ ଅନୁପସ୍ଥିତି ହ୍ରାସ କରିବା ପାଇଁ ଗ୍ରାମାଞ୍ଚଳରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଉପ-ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ଆବଶ୍ୟକ ଔଷଧ ଏବଂ ଚିକିତ୍ସା ଉପକରଣର ଉପଲବ୍ଧତା ସୁନିଶ୍ଚିତ କରିବା ସହିତ ଜିଲ୍ଲାସ୍ତରରେ ନିରୀକ୍ଷଣ ଦଳ ଗଠନ ଏବଂ ସ୍ୱାସ୍ଥ୍ୟକର୍ମୀମାନଙ୍କ ନିୟମିତ ପ୍ରଶିକ୍ଷଣ ଆୟୋଜନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ମାତୃ-ଶିଶୁ ସୁରକ୍ଷା ପାଇଁ ଗର୍ଭାବସ୍ଥାରେ ଯତ୍ନ, ପୋଷଣ ଏବଂ ଚିକିତ୍ସା ପରାମର୍ଶ ସେବାକୁ ଅଧିକ ସୁଦୃଢ଼ କରିବା, ଡେଙ୍ଗୁ ଓ ମ୍ୟାଲେରିଆ ଭଳି ରୋଗର ପ୍ରତିରୋଧ ଏବଂ ପୂର୍ବ ସଚେତନତା କାର୍ଯ୍ୟକ୍ରମକୁ ତୀବ୍ରତର କରିବା, ଆଶାକର୍ମୀଙ୍କ କାର୍ଯ୍ୟର ନିୟମିତ ତଦାରଖ, ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପରିଚାଳନା ସୂଚନା ପ୍ରଣାଳୀ ଆଦି ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା। ସମୀକ୍ଷା ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଉପଖଣ୍ଡ ମୁଖ୍ୟ ଚିକିତ୍ସା ଅଧିକାରୀ, ଜନସ୍ୱାସ୍ଥ୍ୟ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଅଙ୍ଗନବାଡ଼ି କର୍ମୀ ଏବଂ ବିଭିନ୍ନ ବେସରକାରୀ ସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ବୈଠକରେ ବ୍ଲକସ୍ତରରେ କାର୍ଯ୍ୟରତ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ସାପ୍ତାହିକ କିମ୍ବା ପାକ୍ଷିକ ଭିତ୍ତିରେ ଅନୁଧ୍ୟାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜନସଚେତନତା କାର୍ଯ୍ୟକ୍ରମଗୁଡ଼ିକରେ କ୍ଷେତ୍ରସ୍ତରର ସ୍ୱାସ୍ଥ୍ୟକର୍ମୀଙ୍କ ସହ ଜନପ୍ରତିନିଧି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ସାମିଲ କରିବାକୁ ପରାମର୍ଶ ଦିଆଯାଇଥିଲା।

## ଆଜି ଅନ୍ତର୍ଜାତୀୟ ଅବୈଧ ନିଶାଦ୍ରବ୍ୟ କାରବାର ବିରୋଧୀ ଦିବସ

# ନିଶାଠାରୁ ଦୂରେଇ ରହିବାକୁ ସଚେତନତା ଜରୁରୀ

**ଆସିକା,୨୫।୬/ଏନ୍ଏନ୍ଏସ୍:** ପ୍ରତ୍ୟେକ ବର୍ଷ ଜୁନ୍ ମାସ ୨୬ ତାରିଖରେ ପାଳିତ ହୋଇଥାଏ ଅନ୍ତର୍ଜାତୀୟ ଅବୈଧ ନିଶାଦ୍ରବ୍ୟ କାରବାର ବିରୋଧୀ ଦିବସ । ସମାଜକୁ ନିଶାମୁକ୍ତ କରିବା ଏବଂ ସୁସ୍ଥ ଓ ନିରାପଦ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଓ ନିଶାର କୁପ୍ରଭାବ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନ କରିବା ଲକ୍ଷ୍ୟରେ ପ୍ରତ୍ୟେକ ବର୍ଷ ଜୁନ୍ ମାସ ୨୬ ତାରିଖକୁ ଅନ୍ତର୍ଜାତୀୟ ଅବୈଧ ନିଶାଦ୍ରବ୍ୟ କାରବାର ବିରୋଧୀ ଦିବସ ରୂପେ ପାଳନ କରାଯାଇଆସୁଛି । ଅନ୍ତର୍ଜାତୀୟ ଅବୈଧ ନିଶାଦ୍ରବ୍ୟ କାରବାର ବିରୋଧୀ ଦିବସ ଅବସରରେ ଆସିକା ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର (ସହରାଞ୍ଚଳ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର)ର ଚିକିତ୍ସାଧିକାରୀ ତଥା ଅଭିଜ୍ଞ ଡାକ୍ତର ଭାଗବତ ପ୍ରସାଦ ବିଷୋୟୀ



ପରାମର୍ଶ ଦେଇ କହିଛନ୍ତି ନିଶା ସେବନ ବହୁ ରୋଗକୁ ଆମନ୍ତ୍ରଣ କରିଥାଏ। ନିଶାଗ୍ରସ୍ତ ଲୋକେ ବିଭିନ୍ନ ସମୟରେ ନାନା ପ୍ରକାର ଦୁରାରୋଗ୍ୟ ରୋଗରେ ମଧ୍ୟ ଶିକାର ହୋଇଥାନ୍ତି । ନିଶାସେବନ ଦ୍ୱାରା ଶାରୀରିକ ଓ ମାନସିକ ଏବଂ ସାମାଜିକ କ୍ଷତି ଘଟିଥାଏ । ନିଶାସେବନ ଦ୍ୱାରା ହୃଦଘାତ ଏବଂ କ୍ୟାନ୍ସର ଭଳି ରୋଗ ସମେତ ଅନ୍ୟାନ୍ୟ ରୋଗ ହେବାର ଯଥେଷ୍ଟ ସମ୍ଭାବନା ଥାଏ । ତେଣୁ ନିଶା ଠାରୁ ଦୂରେଇ ରହିବାକୁ ସଚେତନତାର ଆବଶ୍ୟକତା ଜରୁରୀ ବୋଲି ସେ କହିଛନ୍ତି। ଅନ୍ତର୍ଜାତୀୟ ଅବୈଧ ନିଶାଦ୍ରବ୍ୟ କାରବାର ବିରୋଧୀ ଦିବସ ଅବସରରେ ନିଶା ଠାରୁ ଦୂରରେ ରହି ସୁସ୍ଥ ଜୀବନଯାପନ ପାଇଁ ସ୍ୱାସ୍ଥ୍ୟର ସୁସ୍ଥତାକୁ ସର୍ବାଧିକ ଅଗ୍ରାଧିକାର ଦେଇ ନିଜର ଜୀବନ ଶୈଳୀକୁ ସ୍ୱାସ୍ଥ୍ୟ ଅନୁକୂଳ ରଖିବା ପାଇଁ ଡାକ୍ତର ଭାଗବତ ପ୍ରସାଦ ବିଷୋୟୀ ପରାମର୍ଶ ଦେଇଥିବା ଜଣାପଡିଛି।

## ତ୍ରିବିଧେଶ୍ୱର ଶୈବପୀଠରେ ସରିଲା ଶୀତଳଷଷ୍ଠୀ ଯାତ୍ରା

**ଆସିକା,୨୫।୬/ଏନ୍ଏନ୍ଏସ୍:** ଆସିକା ପୌର ପରିଷଦ ଅଧିନସ୍ଥ ୫ନମ୍ବର ଓ୍ୱାର୍ଡର ବଜାର ସାହିରେ ରଷିକୁଲ୍ୟା ନଦୀ ତଟରେ ପୂଜା ପାଇ



ଆସୁଥିବା ଶ୍ରୀ ତ୍ରିବିଧେଶ୍ୱର ମହାପ୍ରଭୁଙ୍କ ବିବାହ ଗତ୧୮ ତାରିଖ ଦିନ ବ୍ରହ୍ମମୁହୂର୍ତ୍ତରେ ବୈଦିକ ରୀତିରେ ସମ୍ପନ୍ନ ହୋଇଥିଲା। ଦୀର୍ଘ ୬ ଦିନ ଧରି ଅସ୍ଥାୟୀ ମଣ୍ଡପରେ ମହାଦେବ ଓ ଜଗତ୍‌ଜନନୀ ମାତା ପାର୍ବତୀଙ୍କୁ ଶ୍ରଦ୍ଧାଳୁ ଭକ୍ତ ମାନେ ନିଷ୍ଠାର ସହ ପୂଜାର୍ଚ୍ଚନା କରିବା ପରେ ବୁଧବାର ରାତ୍ରରେ ଦେବନୀତି ସମ୍ପନ୍ନ ହୋଇଥିଲା। ପରେ ବାଦ୍ୟବାଜଣାର ତାଳେତାଳେ ରଙ୍ଗବେରଙ୍ଗର ଫୁଲରେ ସୁସଜ୍ଜିତ ବୃଷଭବାହିନୀ ବିମାନରେ ଦେବଦମ୍ପତିଙ୍କ ବିଜେ ପ୍ରତିମାକୁ ଅଧିଷ୍ଠିତ କରାଯାଇ ନଗରପରିକ୍ରମା କରାଯାଇଥିଲା। ଆସିକା ସହରର ବଜାରସାହି, ସୁବର୍ଣ୍ଣପେଟା ସାହି, ଆର୍ବନବ୍ୟାଙ୍କ ରୋଡ, ନିରଞ୍ଜନ ନଗର, ଓଡିଆ ସାହି, ସୁନାମ୍ଭ ସାହି, ବ୍ରାହ୍ମଣ ସାହି ସମେତ ବିଭିନ୍ନ ଅଞ୍ଚଳକୁ ପରିକ୍ରମା କରାଯାଇଥିଲା। ରାଜ୍ୟର କୋରାପୁଟ, ରାଉରକେଲା, ଖୋର୍ଦ୍ଧା, ଢେଙ୍କାନାଳ ସମେତ ବିଭିନ୍ନ ଅଞ୍ଚଳର କଳାକାରମାନେ ଦେବଦମ୍ପତିଙ୍କ ନଗରପରିକ୍ରମାରେ ସାମିଲ ହୋଇ ଆକର୍ଷଣୀୟ ଓ ଚିତ୍ତାକର୍ଷକ କଳା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶୀତଳଷଷ୍ଠୀ ଯାତ୍ରା ପରିଚାଳନା କମିଟି ସଭାପତି ତଥା ମନ୍ଦିର ପରିଚାଳନା କମିଟି ସଭାପତି ଜିତେନ୍ଦ୍ର କୁମାର ମହାରଣା, ଆଧାତ୍ମିକପ୍ରେମୀ ପି.ଶୁଭମ୍ ପାତ୍ର, ଚନ୍ଦ୍ରଶେଖର ମୁନି, ନିଗମାନନ୍ଦ ରାଉତ, ସତୀଶ୍ ଆଚାରୀ, ଶୁଭମ୍ ସାହୁ, ଦୁର୍ଗାମାଧବ ମୁନି, ନରସିଂହ ମୁନି, ଜଗବନ୍ଧୁ ମହାରଣା, ସମୀର ପ୍ରଧାନ, ରାହୁଲ ଆଚାରୀ, କେ.ସମ୍ବିତ୍ ଆଚାରୀ, ଏମ୍.ଶିବ ଆଚାରୀ, ସୋନୁ ପ୍ରଧାନ, ଜିତ୍ କୁମାର ସାହୁ, ରୁଦ୍ର ମୁନି, ଆୟୁଷ୍ମାନ୍ ନାହାକ, ଶ୍ରୀନିବାସ ମହାନ୍ତି, କେ.ବିଭି ଆଚାରୀ, ଅଜିତ୍ କୁମାର ମୁନି, ନାନୁ ମୁନି, ତାରିଣୀ ଆଚାରୀଙ୍କ ସମେତ ବହୁ ଶ୍ରଦ୍ଧାଳୁ ଭକ୍ତ ସହଯୋଗ କରିଥିଲେ। ପ୍ରଭୁ ତ୍ରିବିଧେଶ୍ୱର ଓ ମାତା ପାର୍ବତୀଙ୍କ ଯୁଗଳବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁ ଭକ୍ତଙ୍କ ମଧ୍ୟ ଉତ୍ସୁକତା ପ୍ରକାଶ ପାଇଥିଲା। ଦେବଦମ୍ପତି ବିଶାଳ ଶୋଭାଯାତ୍ରାରେ ନଗର ପରିକ୍ରମା କରିବା ପରେ ଗୁରବାର ପ୍ରତ୍ୟୁଷରେ ସ୍ୱମନ୍ଦିରକୁ ପ୍ରବେଶ କରିଥିଲେ । ନଗର ପରିକ୍ରମରେ ଗଞ୍ଜାମ ଜିଲ୍ଲା ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଜିଲ୍ଲା ପରିଷଦ ସଦସ୍ୟ ବି.ମନୋଜ କୁମାର ଦୋରା, ଆସିକା ନଗର ବିଜେଡି ସଭାପତି ଏମ୍.ତାରିଣୀ ସେନାପତି, ଆସିକା ଏନ୍ଏସି କାଉନସିଲର ନିଗମାନନ୍ଦ ରାଉତ, ପୂର୍ବତନ କାଉନସିଲର୍ କୈଳାଶ ଚନ୍ଦ୍ର ପ୍ରଧାନ, ବିଜେଡି ନେତା ସାଇରାଜ ଦଳେଇ, ବିମଳ ପ୍ରଧାନ, ଅନନ୍ତ ଭଞ୍ଜ, ଆକାଶ ସ୍ୱାଇଁ, କେଶବ ଦାଶଙ୍କ ସମେତ ବହୁ ଆଧାତ୍ମିକପ୍ରେମୀ ସାମିଲ ହୋଇ ଠାକୁରଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଶୀତଳଷଷ୍ଠୀ ଯାତ୍ରାର ଅନ୍ତିମ ଦିବସରେ ମନ୍ଦିର ପରିଚାଳନା କମିଟି ସଭାପତି ଜିତେନ୍ଦ୍ର କୁମାର ମହାରଣାଙ୍କ ପ୍ରଚେଷ୍ଟାରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା।

## ଛାତ୍ରୀଙ୍କୁ କମେଣ୍ଟ

## ଫେରାର ଅଭିଯୁକ୍ତ ଗିରଫ

**ବୁଗୁଡ଼ା,୨୫।୬/ଏନ୍ଏନ୍ଏସ୍:** ଜଣେ କଲେଜ ଛାତ୍ରୀଙ୍କୁ କମେଣ୍ଟ ମାରିବା ସହ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ ଅଭିଯୋଗ ପରେ ଫେରାର ହୋଇଯାଇଥିବା ଜଣେ ଯୁବକଙ୍କୁ ବୁଗୁଡା ପୁଲିସ ତାମିଲନାଡୁରୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ବୁଗୁଡ଼ା ବ୍ଲକ ମାଣିତରା ପଞ୍ଚାୟତ ଅନ୍ତର୍ଗତ ତାମ୍ବିରି ଗ୍ରାମର ରଘୁନାଥ ପ୍ରଧାନ (୨୬) । ପୁଲିସ ଏନେଇ କେସ୍ ନଂ ୨୧୪/୨୬ରେ ଏକ ମାମଲା ରୁଜୁ କରିଥିବା ବେଳେ ଆଜି ଅଭିଯୁକ୍ତ ରଘୁନାଥଙ୍କୁ କୋର୍ଟ ଚାଲାଣ କରିଥିବା ମହିଳା ଏସ୍ଆଇ ଜ୍ୟୋତିଶ୍ରୀ ସାହୁଙ୍କଠାରୁ ପ୍ରକାଶ।

## ଜାଣିଶୁଣି ଟେଣ୍ଡର ବାତିଲ୍, ଉନ୍ନୟନ କାର୍ଯ୍ୟ ହେଉନଥିବା ଅଭିଯୋଗ

## କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ କର୍ପୋରେଟର୍‌ଙ୍କ ଧାରଣା

**ବ୍ରହ୍ମପୁର,୨୫।୬/ଏନ୍ଏନ୍ଏସ୍:** ଉଦ୍ଦେଶ୍ୟମୂଳକ ଭାବେ ଟେଣ୍ଡର ବାତିଲ୍ ଏବଂ ଅଞ୍ଚଳର ବିକାଶ ପ୍ରତି ଅଣଦେଖା ପ୍ରତିବାଦରେ ଆଜି ବ୍ରହ୍ମପୁର ମହାନଗର ନିଗମର ୩୭ ନମ୍ବର ଓ୍ୱାର୍ଡ କର୍ପୋରେଟର ବନିତା ସାହୁ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ନିଜ ଓ୍ୱାର୍ଡର ବିକାଶ ହେଉନଥିବା ଏବଂ ଏକ ରାସ୍ତା କାମ ପାଇଁ ଗତ ଦୁଇବର୍ଷ ପୂର୍ବେ ହୋଇଥିବା ଟେଣ୍ଡରକୁ ଜାଣିଶୁଣି ବାତିଲ୍ କରାଯାଇଥିବା ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇନଥିବା କର୍ପୋରେଟର ଶ୍ରୀମତୀ ସାହୁ ଅଭିଯୋଗ କରିଛନ୍ତି। ଗତ ଦୁଇବର୍ଷ ଧରି ଏଭଳି ଅବ୍ୟବସ୍ଥା ଲାଗି ରହିଥିବା ବେଳେ ବାରମ୍ବାର ଏନେଇ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କୌଣସି ସୁଫଳ ମିଳିନି। ଟେଣ୍ଡର ବାତିଲ୍ ଯୋଗୁଁ ରାସ୍ତା କାମ ହୋଇପାରିନାହିଁ। ଲୋକେ ଉକ୍ତ ରାସ୍ତାରେ ଯିବା ଆସିବା କରିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ସେ ନିକଟରେ ଅନୁଷ୍ଠିତ ବିଏମ୍‌ସିର କାଉନ୍‌ସିଲ ବୈଠକରେ ଅଭିଯୋଗ କରିବା ସହ ଧାରଣାରେ ମଧ୍ୟ ବସିଥିଲେ। ମେୟର ଓ କମିଶନର କର୍ପୋରେଟର ଶ୍ରୀମତି ସାହୁଙ୍କ ସହ ଆଲୋଚନା କରିବା ପରେ ସେ ଧାରଣାରୁ ଓହରିଥିଲେ। ଆସନ୍ତା ୧୦ ଦିନ ମଧ୍ୟରେ ଓ୍ୱାର୍ଡର ସମସ୍ୟାର ସମାଧାନ ନ ହେଲେ ସେ ଧାରଣା ଦେବେ ବୋଲି ଚେତାବନୀ ଦେଇଥିଲେ। କିନ୍ତୁ କମିଶନର ଓ କର୍ପୋରେଟର ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରି



ହୋଇନଥିବା ବେଳେ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ ରହିଛି। ଏହାର ପ୍ରତିବାଦରେ ଆଜି କର୍ପୋରେଟର ଶ୍ରୀମତୀ ସାହୁ ଧାରଣା ଦେଇଥିବା କହିଛନ୍ତି। ଅନ୍ୟପକ୍ଷରେ ମେୟର ଧାରଣାରେ ବସିଥିବା କର୍ପୋରେଟରଙ୍କ ସହ ଆଲୋଚନା କରିଥିଲେ। ସମାଧାନର ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ତେବେ କର୍ପୋରେଟରଙ୍କ ଦାବି କେବେ କାର୍ଯ୍ୟକାରୀ ହେଉଛି ତାହା ଦେଖିବାକୁ ବାକି ରହିଲା।

## 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମରେ ୭୨ ସମ୍ମାନିତ

**ବାଲିଗୁଡା, ୨୫।୬/ଏନ୍ଏନ୍ଏସ୍:** କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରେ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ସ୍ଥାନୀୟ ପଞ୍ଚାୟତ ସମିତି ପରିସରରେ ବିଡିଓ ଅକ୍ଷୟ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଆୟୋଜନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅତିଥି ମାନଙ୍କ ମଧ୍ୟରେ ବିଜେପି ନେତ୍ରୀ କଳ୍ପନା କହଁର, ଜିଲ୍ଲା ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁଦେଇ, ବାଲିଗୁଡା ବିଜେପି ମଣ୍ଡଳ ସଭାପତି ମନୋଜ କୁମାର ରଥ, ଆଦିକନ୍ଦ ପଟ୍ଟନାୟକ, ବାଲିଗୁଡା ଏସଟି ମୋର୍ଚ୍ଚା ସଭାପତି ଲକ୍ଷ୍ମୀ ନାରାୟଣ ମଲ୍ଲିକ ପ୍ରମୁଖ ଅତିଥିମାନେ ଯୋଗ ଦେଇ ବିଭିନ୍ନ ଅନୁସୂଚିତ ଜନଜାତି (ଏସଟି) ଏବଂ ଅନୁସୂଚିତ ଜାତି (ଏସସି) ସମ୍ପ୍ରଦାୟର ମୋଟ ୩୨୭ ଜଣ ଅଂଶ ଗ୍ରହଣକାରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ପାରସ୍ପରିକ କ୍ରିୟା, ସଚେତନତା ସୃଷ୍ଟି ଏବଂ ସାମୁଦାୟିକ ସଶକ୍ତିକରଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ କାର୍ଯ୍ୟ କରିଥିଲା। ଏଥିରେ ସବୁଠାରୁ ପ୍ରମୁଖ ଆକର୍ଷଣ ଥିଲା ଏସଟି ଏବଂ ଏସସି ସମ୍ପ୍ରଦାୟର ୭୨ ଜଣ ଉତ୍କୃଷ୍ଟ କୃତିତ୍ୱ ଯାହାକି,କଳା ଓ ସଂସ୍କୃତି, ସମାଜସେବା, ଶିକ୍ଷା ଏବଂ ମହିଳା ଉଦ୍ୟୋଗ କ୍ଷେତ୍ରରେ ସେମାନଙ୍କର ଅସାଧାରଣ ଅବଦାନ ଏବଂ ସଫଳତା ପାଇଁ ଏହି ବ୍ୟକ୍ତି ମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାଲିଗୁଡା ଡବ୍ଲ୍ୟୁଇଓ ଦୀପକ କନଓ୍ୱାର, ଜିପିଇଓ ଅମରେଶ ରଥଙ୍କ ସକ୍ରିୟ ସହଯୋଗରେ ଆୟୋଜିତ ହୋଇଥିଲା।

## ଉଠା ଜଳସେଚନ ପ୍ରକଳ୍ପ ଅଚଳ

**ବୁଗୁଡ଼ା,୨୫।୬/ଏନ୍ଏନ୍ଏସ୍:** କୃଷି କ୍ଷେତ୍ରରେ ବିକାଶ ଏବଂ କୃଷକର କଲ୍ୟାଣ କଳ୍ପେ ସରକାର ଅନେକ ଯୋଜନା କରିବା ସହ ଚାଷୀମାନଙ୍କୁ ବର୍ଷସାରା ଜଳସେଚନ ସୁବିଧା ଯୋଗାଇବା ଲକ୍ଷ୍ୟରେ ମୋଟାବାଡିରେ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇନଥିବାରୁ ତାହା ଅଚଳ ହୋଇ ପଡ଼ିଛି। ଫଳରେ ଏହା ଉପରେ ନିର୍ଭର କରୁଥିବା ଚାଷୀମାନେ ଚାଷ କାର୍ଯ୍ୟ ପାଇଁ ପାଣି ପାଉନଥିବାରୁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ପଞ୍ଚାୟତର ୧୬ ଜଣ ଚାଷୀ ଉଠା ଜଳସେଚନ ପ୍ରକଳ୍ପ ପାଇଁ ୩ଟି କ୍ଲଷ୍ଟର ମାଧ୍ୟମରେ ୨୦,୦୦୦ ଟଙ୍କା ଲେଖାଏଁ ଜମା କରିବା ପରେ ବୋରୱେଲ ଖୋଳାଯାଇଥିଲା । ଗତ ୨୦୨୨ ମସିହାରୁ ପ୍ରକଳ୍ପର ନିର୍ମାଣ କାମ ଶେଷ ହୋଇଥିଲେ ହେଁ ବିଦ୍ୟୁତ ସଂଯୋଗ ଅଭାବରୁ ମୋଟର ଚାଲୁ ହୋଇପାରୁନାହିଁ। ଚାଷ ଋତୁ ଆରମ୍ଭ ହୋଇଥିବା ବେଳେ ଜଳସେଚନ ସୁବିଧା ନ ମିଳିବାରୁ ଧାନ ସମେତ ଅନ୍ୟାନ୍ୟ ଫସଲ ଚାଷ ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି। ଏନେଇ ଚାଷୀମାନେ ଗଞ୍ଜାମ ଜିଲ୍ଲାପାଳ, ବିଭାଗୀୟ ଯନ୍ତ୍ରୀ, ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳୁନାହିଁ । ଫଳରେ ଚିନ୍ତାରେ ଥିବା ଚାଷୀମାନେ ତୁରନ୍ତ ପ୍ରତିକାର ପାଇଁ ଦାବି କରିଛନ୍ତି। ଦାବି ପୂରଣ ନହେଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ୭୦ କେଜି ଗଞ୍ଜେଇ ଜବତ, ୬ ଗିରଫ

**ବ୍ରହ୍ମପୁର,୨୫।୬/ଏନ୍ଏନ୍ଏସ୍:** ବ୍ରହ୍ମପୁର ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ପୃଥକ୍ ସ୍ଥାନରେ ଚଢଉ କରାଯାଇ ବିପୁଳ ପରିମାଣର ଗଞ୍ଜେଇ ଜବତ କରାଯାଇଛି। ଘଟଣାରେ ସମ୍ପୃକ୍ତ ୬ ଜଣଙ୍କୁ ଭିନ୍ନ ଭିନ୍ନ ଅଞ୍ଚଳରୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ମୋଟ ୭୦ କେଜି ଗଞ୍ଜେଇ ସହ ଦୁଇଟି ବାଇକ୍ ଜବତ ହୋଇଛି। ମିଳିଥିବା ସୂଚନା ପ୍ରକାରେ ଆଜି ବ୍ରହ୍ମପୁର ଅବକାରୀ ଗୁଇନ୍ଦା ପୁଲିସ୍ ପକ୍ଷରୁ ରତ୍ନପୁର ଅଞ୍ଚଳରେ ଚଢଉ କରାଯାଇଥିଲା। ଦୁଇଟି ବାଇକ୍‌ରେ ଗଞ୍ଜେଇ ଚାଲାଣ କରୁଥିବା ତିନି ବ୍ୟକ୍ତିଙ୍କୁ ଗିରଫ କରାଯିବା ସହ ଅଭିଯୁକ୍ତଙ୍କ ନିକଟରୁ ୪୦ କିଲୋ ଗଞ୍ଜେଇ ଜବତ ହୋଇଥିଲା। ସେହିପରି ଫାଷ୍ଟଗେଟ୍ ନିକଟରେ ଚଢଉ ବେଳେ ଦୁଇ ଜଣ ବ୍ୟକ୍ତିଙ୍କ ଠାରୁ ୧୮ କେଜି ଗଞ୍ଜେଇ ଜବତ ହୋଇଥିଲା। ବ୍ରହ୍ମପୁର ରେଳ ଷ୍ଟେସନ୍ ନିକଟରୁ ଅବକାରୀ ପୁଲିସ୍ ଚଢଉ କରି ଜଣେ ବ୍ୟକ୍ତିଙ୍କ ଠାରୁ ୧୨ କେଜି ଗଞ୍ଜେଇ ଜବତ ହୋଇଥିଲା। ଗିରଫଙ୍କ ମଧ୍ୟରେ ଦୁଇ ଜଣ ପଞ୍ଜାବର ହୋଇଥିବା ବେଳେ ଅନ୍ୟ ଜଣେ ଆନ୍ଧ୍ରପ୍ରଦେଶର ବିଜୟୱାଡା ଅଞ୍ଚଳର, ଅନ୍ୟ ଦୁଇ ଜଣ କନ୍ଧମାଳ ଜିଲ୍ଲାର ହୋଇଥିବା ବେଳେ ଜଣେ ବ୍ରହ୍ମପୁରର ବୋଲି ସୂଚନା ମିଳିଛି। ଗିରଫ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ ହେବା ସହ କୋର୍ଟ ଚାଲାଣ କରାଯାଇଥିବା ନେଇ ସୂଚନା ମିଳିଛି। ତେବେ ଏତେ ସଂଖ୍ୟକ ଗଞ୍ଜେଇ କେଉଁଠୁ ଆସିଥିଲା ଏବଂ କେଉଁ ଅଞ୍ଚଳକୁ ଚାଲାଣ ହେଉଥିଲା ସେ ନେଇ ଅବକାରୀ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି।

# ରାସ୍ତାକଡ଼ରୁ ହଟିଲା ଦୁଇ ବିପଦଜନକ ଶୁଖିଲା ଗଛ

**ବୁଗୁଡା,୨୫।୬/ଏନ୍ଏନ୍ଏସ୍:** ବୁଗୁଡ଼ା-ପୋଲସରା ମୁଖ୍ୟ ସଡକ ଅନ୍ତର୍ଗତ ଗୋଲିଆ ଗାଁ ନିକଟସ୍ଥ କଣିଆପଲ୍ଲୀ ଛକ ଏବଂ ବାଘୁଆ ସେତୁ ନିକଟରେ ଦୁଇଟି ବିରାଟ ଶୁଖିଲା ଥୁଣ୍ଟା ଆମ୍ବ ଓ କାକପୋଇ ଗଛ ବିପଦସଙ୍କୁଳ ଅବସ୍ଥାରେ ରହିଥିଲା । ସେହି ଗଛ ଦୁଇଟି ପବନରେ କେତେବେଳେ ଯେ ଭାଙ୍ଗି ପଡି ବିପଦ ସୃଷ୍ଟି କରିଥାନ୍ତା ତାହା କହି ହେଉନଥିଲା। ସେହି ମୁଖ୍ୟ ସଡକ ଦେଇ ଶହ ଶହ ଯାନବାହାନ ଚଳାଚଳ ସାଙ୍ଗକୁ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀମାନେ ଯାତାୟାତ କରୁଥିଲା ବେଳେ ରାସ୍ତା କଡରେ ବିରାଟ ଶୁଖିଲା ଗଛଟି କୌଣସି କାରଣରୁ ଭାଙ୍ଗି ପଡିଲେ ଅଜାଣତରେ ଯିବା ଆସିବା କରୁଥିବା ଯାନବାହନ, ଛାତ୍ରଛାତ୍ରୀ ଓ ଜନସାଧାରଣ



ବିପଦର ସମ୍ମୁଖୀନ ହେବାର ଯଥେଷ୍ଟ ସମ୍ଭାବନା ଦେଖା ଦେଇଥିଲା। ପ୍ରକାଶ ଥାଉ କି, ତଳ ଦିନେ ଶରଣକୁଳ ଅଞ୍ଚଳର ଏକ ଦମ୍ପତ୍ତି ବାଇକରେ ପୋଲସରାରୁ ନିଜ ଗାଁକୁ ଫେରୁଥିବା ବେଳେ ଉକ୍ତ ଥୁଣ୍ଟା ଆମ୍ବ ଗଛରୁ ଶୁଖିଲା ଛୋଟ ଡାଳଟିଏ ଖସି ସେମାନଙ୍କ ଉପରେ ପଡିଯିବାରୁ ଭାରସାମ୍ୟ ହରାଇ ରାସ୍ତାକଡକୁ ଚାଲିଯାଇ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ ହେଁ ସେ ଦୁହେଁ ସାମାନ୍ୟ ଆହତ ହୋଇଥିଲେ । ଅନ୍ୟପକ୍ଷରେ ଏଇ କିଛି ମାସ ତଳେ ବାଘୁଆ ସେତୁ ନିକଟସ୍ଥ ସେହି ବିପଦଜନକ ଶୁଖିଲା କାକପୋଇ ଗଛ ତଳେ ଜମାଥିବା ଆବର୍ଜନାରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ହୁତୁହୁତୁ ହୋଇ ଜଳି ଉଠିଥିଲା ଏବଂ ଏନେଇ ଖବର ପାଇ ଦମକଳବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସେବେଠାରୁ ସେହି ବକଳ ପୋଡା ଶୁଖିଲା ଗଛ ନିକଟ ଦେଇ ଯାତାୟାତ ବେଳେ ଲୋକେ ଆଶଙ୍କା ମଣୁଥିଲେ। ବିଶେଷକରି କାଳବୈଶାଖୀ ତାଣ୍ଡବ କାଳରେ ସେହି ଗଛ ଦ୍ୱୟକୁ ଅତିକ୍ରମ ବେଳେ ଲୋକଙ୍କ ମନରେ ଜୀବନହାନୀର ଭୟ ଘାରୁଥିଲା । ଏ ନେଇ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ଶୁଖିଲା ଆମ୍ବ ଗଛଟିକୁ ଲୋକେ ଏବଂ କାକପୋଇ ଗଛଟିକୁ ପ୍ରଶାସନ ଉଚ୍ଛେଦ କରିଥିବା ବେଳେ ସେହି ରାସ୍ତା ଦେଇ ଯାତାୟତ କରୁଥିବା ଲୋକଙ୍କ ଶଙ୍କା ଦୂର ହୋଇଥିବା ଜଣାଯାଇଛି।

ନିତି ଭାରତୀ | ଜୀବନ ଦୀର୍ଘ ଅପେକ୍ଷା ମହାନ୍ ହେବା ଉଚିତ। - ଡକ୍ଟର ବିଆର୍ ଆମ୍ବେଦକର

ନିତିଦିନ NITIDIN
ଶୁକ୍ରବାର, ୨୬ ଜୁନ ୨୦୨୬

# ଭାରତୀୟ ପୁଲିସ୍ ବ୍ୟବସ୍ଥା ଓ ମହିଳା


ବାସନ୍ତୀ ମହାନ୍ତି

ଭାରତୀୟ ସଂସ୍କୃତିରେ ନାରୀକୁ ଦେବୀଙ୍କର ମର୍ଯ୍ୟାଦା ଦିଆଯାଏ ବୋଲି ଆମେ ଗର୍ବ ଓ ଗୌରବରେ କହୁ। ପାଶ୍ଚାତ୍ୟ ରାଷ୍ଟ୍ରମାନେ ମଧ୍ୟ ନାରୀମାନଙ୍କୁ ବେଶ୍ ସମ୍ମାନ ପ୍ରଦର୍ଶନ କରିଥାନ୍ତି। ଆମେ ଯେପରି କହୁ, ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ, ସେମାନେ ମଧ୍ୟ ଲେଡିଜ୍ ଫାଷ୍ଟ ବିଧି ପାଖରେ ବନ୍ଧା ହୋଇଥାନ୍ତି ଏବଂ ଏହି ବିଧି ପରମ୍ପରା ନାରୀମାନଙ୍କ ସମ୍ମାନ ରକ୍ଷା କରିବା ପାଇଁ ଆମ ଅପେକ୍ଷା ବେଶି ଅଙ୍ଗୀକାରବଦ୍ଧ ରୁହନ୍ତି। ଅବଶ୍ୟ ନାରୀମାନଙ୍କ କ୍ଷେତ୍ରରେ ଆମେ ମୁଖରେ ଯାହା କହୁ, ତାହା କେତେ ପରିମାଣରେ କାର୍ଯ୍ୟରେ ଲଗାଉ, ତାହା ବିଚାରସାପେକ୍ଷ। ନାରୀ ଦେବୀ। ଦେବୀ ନିର୍ଜୀବ, ସେ ନିର୍ବାକ୍। କାଠ କିମ୍ବା ପଥରର ମୂର୍ତ୍ତି ସଦୃଶ। ତା' ପ୍ରତି ଯେତେ ଅନ୍ୟାୟ, ଅତ୍ୟାଚାର, ହିଂସା ଆଚରଣ କଲେ ସୁଦ୍ଧା ସେ ପ୍ରତିବାଦ କରିବ ନାହିଁ। ଯଦି ଏହି ଅର୍ଥରେ ଆମ ଦେଶରେ ନାରୀକୁ ଦେବୀ ବୋଲି କୁହା ଯାଇଥାଏ, ତା'ହେଲେ ଆମର କିଛି କହିବାର ନାହିଁ। ପାଶ୍ଚାତ୍ୟ ରାଷ୍ଟ୍ରରେ ମଧ୍ୟ ଲେଡିଜ୍ ଫାଷ୍ଟ ବିଧିକୁ ଉଲ୍ଲଙ୍ଘନ କରିବାର ଏକ ଅଶ୍ଳୀଳ ଉଦାହରଣ ଅଛି। ଫରାସୀ ବିପ୍ଳବ ବେଳେ ଶହ ଶହ ସଂଖ୍ୟାରେ ବିଦ୍ରୋହୀମାନଙ୍କୁ ଗିଲୋଟିନ୍‌ରେ ହତ୍ୟା କରାଯାଉଥିଲା। ବନ୍ଦୀ ରାଜଦ୍ରୋହୀମାନେ ଧାଡ଼ିରେ ଠିଆ ହେଉଥିଲେ। ଜଣକ ପରେ ଜଣେ ଗିଲୋଟିନ୍ ମେସିନ୍‌ରେ ମୁଣ୍ଡ ରଖି ଦେଉଥିଲେ। ଏଠାରେ ମଧ୍ୟ ସେହି ଲେଡିଜ୍ ଫାଷ୍ଟ ନୀତି ଗ୍ରହଣ କରାଯାଇଥିଲା। ସେହି ନ୍ୟାୟରେ ଜଣେ ମହିଳାଙ୍କର ପାଳି ଆସିବା ବେଳକୁ ତାଙ୍କ ପଛରେ ଠିଆ ହୋଇଥିବା ଜଣେ ବୟସ୍କ ବ୍ୟକ୍ତି ଏହା ଆଦୌ ସହ୍ୟ କରି ପାରିଲେ ନାହିଁ। ୟୁରୋପୀୟ ସଂସ୍କୃତିକୁ ଅବମାନନା କରି ସେ ଧାଇଁ ଯାଇ ମହିଳା ଜଣକୁ ଠେଲି ଦେଇ ନିଜେ ଗିଲୋଟିନ୍‌ରେ ମସ୍ତକ ରଖି ଦେଇଥିଲେ। ୟୁରୋପ୍‌ରେ ମହିଳାମାନଙ୍କ ପ୍ରତି ସମ୍ବେଦନଶୀଳତା କ୍ଷେତ୍ରରେ ଏ ଉଦାହରଣଟି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି। ସାରା ବିଶ୍ୱରେ ମହିଳାମାନଙ୍କ ସମ୍ମାନ ଓ ସୁରକ୍ଷା ପ୍ରସଙ୍ଗ ଆସିଲେ ଏହାକୁ ଉଦାହରଣ ରୂପେ ଅବତାରଣା କରାଯାଇଥାଏ।

ବିଶ୍ୱର ପ୍ରତ୍ୟେକ ସଭ୍ୟତା ନାରୀମାନଙ୍କ ପ୍ରତି ହିଂସା ଆଚରଣକୁ ଅତ୍ୟନ୍ତ ଘୃଣ୍ୟ ଦୃଷ୍ଟିରେ ଦେଖେ। ଏପରିକି ନାରୀଟିର ଦୋଷ ତ୍ରୁଟିକୁ ମଧ୍ୟ ଅନେକ ସମୟରେ ଉପେକ୍ଷା କରାଯାଇଥାଏ। ଯେଉଁ କାର୍ଯ୍ୟ ପାଇଁ ପୁରୁଷ ଧର୍ତ୍ତବ୍ୟ ଅପରାଧରେ ଦଣ୍ଡିତ ହୋଇଥାଏ,ସେ କ୍ଷେତ୍ରରେ ଆପାତତଃ ମହିଳାଙ୍କ ପ୍ରତି ଟିକେ ନରମ ଆଚରଣ କରାଯାଇଥାଏ। ଏହା ହିଁ ଗୋଟିଏ ଗୋଟିଏ ବ୍ୟକ୍ତିର ସଂସ୍କାର। ଜାତିର ସଂସ୍କାର। ଏଇଥିପାଇଁ ତ ସାମାଜିକ ନ୍ୟାୟ ପାଇବାକୁ ନାରୀମାନେ ଯେତେବେଳେ ସଂଘବଦ୍ଧ ହୋଇ ପ୍ରତିବାଦ କରନ୍ତି, କାର୍ଯ୍ୟଟା ଖୁବ୍ ଶୀଘ୍ର ହୋଇଯାଏ। ସେମାନଙ୍କ ଉପରେ କଡ଼ାକଡ଼ି ଆଇନ୍ ଶୃଙ୍ଖଳା କାର୍ଯ୍ୟ ମଧ୍ୟ କରାଯାଇ ନଥାଏ। ଏହି ସଂସ୍କାର ଫଳରେ ହିଁ ଆମ ରାଜ୍ୟର ମହିଳାମାନେ ଠେଙ୍ଗା ବାଡ଼ି ଧରି ଶହ ଶହ ମଦ ଭାଟି ଭାଙ୍ଗି ଚାଲିଛନ୍ତି। କହିବା ବାହୁଲ୍ୟ, ସ୍ୱର୍ଗତଃ ବିଜୁ ପଟ୍ଟନାୟକ ହିଁ ଏଥିପାଇଁ ମହିଳାମାନଙ୍କର ପ୍ରେରଣାର ଉତ୍ସ ଥିଲେ।

ଆମେ ସ୍ୱୀକାର କରିବାକୁ ବାଧ୍ୟ ଯେ ଏବେ ଆମର ନାରୀମାନଙ୍କୁ ଆଉ ସେ ସମ୍ମାନ/ ମର୍ଯ୍ୟାଦା ଦିଆଯାଉ ନାହିଁ। ନାରୀମାନଙ୍କ ପ୍ରତି କ୍ରମବର୍ଦ୍ଧିଷ୍ଣୁ ହିଂସା ଆଚରଣ ସମାଜକୁ ଉଦ୍‌ବେଗଜନକ କରି ରଖିଛି। ନାରୀମାନଙ୍କ ପ୍ରତି ଘରୋଇ ହିଂସାର ମାତ୍ରା କମିଛି। କିନ୍ତୁ ବାହାରେ ବିଦ୍ୟାଳୟ, ମହାବିଦ୍ୟାଳୟ, କାର୍ଯ୍ୟାଳୟ, ଥାନା, ଡାକ୍ତରଖାନା, ରାସ୍ତାଘାଟ ଆଦି ସର୍ବସାଧାରଣ କ୍ଷେତ୍ରରେ ନାରୀମାନଙ୍କ ପ୍ରତି ମାତ୍ରାଧିକ ଅସଦାଚରଣ, ହିଂସା ଆଚରଣ ପରିଲକ୍ଷିତ ହେଉଛି। ପ୍ରତିବାଦ କଲେ ସବୁ କ୍ଷେତ୍ରରେ ନ୍ୟାୟ ମିଳୁନାହିଁ। ସାମାଜିକ ଗଣମାଧ୍ୟମର ସାହାରା ନେଇ ପୀଡ଼ିତାମାନଙ୍କୁ ଲାଞ୍ଛିତ, ଅପମାନିତ କରାଯାଉଛି। ଚରିତ୍ର ସଂହାର କରାଯାଉଛି। ବିଶେଷକରି ଏହିସବୁ ଅପ୍ରୀତିକର ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ଯେଉଁମାନଙ୍କୁ କ୍ଷମତା ଦିଆଯାଇଛି, ସେମାନଙ୍କ ପାଖରୁ ବିପରୀତ କାର୍ଯ୍ୟକଳାପ ଆଦୌ କୌଣସି ସ୍ୱାଧୀନ ରାଷ୍ଟ୍ରରେ ଶୋଭାପାଏ ନାହିଁ। ଏହା ଗଣତନ୍ତ୍ରର ହତ୍ୟା। ବ୍ୟକ୍ତିର ମୌଳିକ ଅଧିକାର ଉପରେ ପ୍ରତିବନ୍ଧକ। ମହାକାଳପଡ଼ାର ଜନପ୍ରତିନିଧି ଚାମେଲି ଓଝା ଯେ କେବଳ ସରକାରୀ ଅଧିକାରୀ, ଥାନାବାବୁ ଓ ଗୁଣ୍ଡାମାନଙ୍କର ଶିକାର ହୋଇଛନ୍ତି, ତାହା ନୁହେଁ। ସମଗ୍ର ରାଜ୍ୟରେ ଏ ପ୍ରକାର ଘନଘଟା ଦେଖି ଦେଖି ଆମେ ଅତିଷ୍ଠ ହେଲୁଣି। ଏହା ଅପେକ୍ଷା ବରଂ ଇଂରେଜ ପୁଲିସ ଭଲ ଥିଲେ। ସେମାନେ ନାରୀମାନଙ୍କ ଉପରେ ହାତ ଉଠାଉ ନଥିଲେ। ମହିଳାଟିଏ ପ୍ରତିବାଦ କଲେ ସେମାନେ ଜବରଦସ୍ତି ପୁରୁଷ ପୁଲିସ ଦ୍ୱାରା ଥାନାକୁ ନେଉ ନଥିଲେ। ଆମେ ସମସ୍ତେ ଜାଣିଛେ, ମାଳତୀ ଚୌଧୁରୀଙ୍କ କନ୍ୟା ଉତ୍ତରାଙ୍କ କଥା। ତାଙ୍କୁ ସେତେବେଳେ ୧୪ ବର୍ଷ। ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଗୁପ୍ତରେ ସାହାଯ୍ୟ କରିବା ଓ କାନ୍ଥରେ ଇଂରେଜ ବିରୋଧୀ ପୋଷ୍ଟର ମାରିବା ଅପରାଧରେ ଥାନାକୁ ନେବା ପାଇଁ ପୁରୁଷ ପୁଲିସ ଆସିଥିଲେ। ଉତ୍ତରା ଦୃଢ଼ କଣ୍ଠରେ କହିଥିଲେ, ମହିଳା ପୁଲିସ ନ ଆସିଲେ ମୁଁ ଥାନାକୁ ଯିବି ନାହିଁ। ସେତେବେଳେ ସେ ଥାନାରେ ମହିଳା ପୁଲିସ ନଥିଲେ। ବାଧ୍ୟହୋଇ ପୁଲିସ ଭଡ଼ାରେ ଦୁଇ ଜଣ ମହିଳା ପୁଲିସଙ୍କୁ ଆଣି ତାଙ୍କୁ ଥାନାକୁ ନେଇଥିଲେ। କେବଳ ସେତିକି ନୁହେଁ, ମହିଳାମାନେ ଯେତେବେଳେ ପୁଲିସକୁ ଆକ୍ରମଣ ମଧ୍ୟ କରିଛନ୍ତି, ପୁଲିସ ଲଜ୍ଜାରେ ସେଠାରୁ ପଳାୟନ କରିଛି ସିନା ସେମାନଙ୍କ ଉପରେ ହାତ ଉଠାଇ ନାହିଁ।

୧୯୨୨ ମସିହା। କନିକାର ପ୍ରଜାମେଳି ସମୟର କଥା। କେନ୍ଦ୍ରପଡ଼ା ଜିଲ୍ଲାର ଆୟତନ ଗ୍ରାମର ମାଆଟିଏ କ୍ଷୀରୋଦିନୀ ଦେବୀ। କନିକାର ପ୍ରଜାମେଳି ଯେଉଁପରି ଉଗ୍ର ରୂପ ଧାରଣ କରିଥିଲା, ତା'ର ମୁକାବିଲା କରିବା ପାଇଁ ତତ୍କାଳୀନ ରାଜା ରାଜେନ୍ଦ୍ର ନାରାୟଣ ବ୍ରିଟିଶ ପୁଲିସର ଆଶ୍ରୟ ଲୋଡ଼ିଥିଲେ। ପୁଲିସ ଅଧ୍ୟକ୍ଷ କ୍ଷୀରୋଦିନୀଙ୍କର ଗୋଟିଏ ପୁତ୍ର ସୂର୍ଯ୍ୟମଣି ସୁତାରଙ୍କୁ ବନ୍ଦୀ କରିସାରି ଅନ୍ୟତମ ପୁତ୍ର ଭଗବାନ ସୁତାରଙ୍କୁ ବନ୍ଦୀ କରିବା ପାଇଁ ଯେତେବେଳେ ତାଙ୍କ ଘରକୁ ଆସିଛନ୍ତି, ସେ ଏକ ଆଶ୍ଚର୍ଯ୍ୟଜନକ ଦୃଶ୍ୟ ଦେଖିଥିଲେ। କ୍ଷୀରୋଦିନୀ ଦେବୀ ନିଜ ହାତରେ ଗୋଟିଏ ଛୁରୀ ଧରିବା ସହ ଗାଁର ଅନ୍ୟ କେତେଜଣ ସ୍ତ୍ରୀଲୋକଙ୍କ ହାତରେ ଛୁରୀ ଧରାଇ ଘର ଆଗରେ ଠିଆ ହୋଇଛନ୍ତି। ପୁଲିସକୁ ସାମ୍ନାରେ ଦେଖି ବୀର ଦର୍ପରେ କହିଥିଲେ, ତମେ ଯଦି ଘର ଭିତରକୁ ପଶିବ, ଆମେ ତମକୁ ଆକ୍ରମଣ କରିବୁ, ନହେଲେ ଆମେ ଛୁରୀ ଭୁଷିହୋଇ ମରିବୁ। କିଂକର୍ତ୍ତବ୍ୟବିମୂଢ଼ ପୁଲିସ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମହାପାତ୍ର ସାହସ ବାନ୍ଧି କୋମଳ କଣ୍ଠରେ କ୍ଷୀରୋଦିନୀଙ୍କୁ କହିଥିଲେ- ମାଆ, ଆମକୁ କେବଳ ତମର ଛୁରୀଗୁଡ଼ିକ ଦେଇଦିଅ, ମୁଁ ପ୍ରତିଶ୍ରୁତି ଦେଉଛି ତୁମ ଘର ଭିତରକୁ ପଶିବୁ ନାହିଁ। ସେୟା ହିଁ ହେଲା। ସେମାନେ ଛୁରୀ ଫେରାଇ ଦେଇଥିଲେ। ସର୍ତ୍ତ ଅନୁସାରେ ପୁଲିସ ଫେରି ଯାଇଥିଲା।

ପୁରୀ ଜିଲ୍ଲାର ଅସ୍ତରଙ୍ଗ ଥାନା ଗୁଡୁବଣି ଗ୍ରାମର ବଧୂ ରାଧୀ ଦେଇ। ଲବଣ ସତ୍ୟାଗ୍ରହବେଳେ ପୁଲିସକୁ ଖଡ଼ୁମୁଷା ଦେଇ ସେ ବହୁଚର୍ଚ୍ଚିତ ହୋଇଥିଲେ। ଜଣେ ସତ୍ୟାଗ୍ରହୀ ହାତରୁ ପୁଲିସ ଲୁଣ ପୁଡ଼ିଆ ଛଡ଼ାଇବାରୁ ସେ ତାକୁ ପାଟିରେ କାମୁଡ଼ି ଧରିଥିଲେ। ପୁଲିସ ତାଙ୍କୁ ମାଡ଼ ମାରି ତାଙ୍କ ମୁହଁରୁ ଲୁଣ ପୁଡ଼ିଆ ଛଡ଼ାଇବା ବେଳେ ତାଙ୍କ ଛାମୁଦାନ୍ତ ଭାଙ୍ଗି ଯାଇଥିଲା। ସେ ରକ୍ତାକ୍ତ ହୋଇଗଲେ। ଅନ୍ୟମାନେ ଏ ଦୃଶ୍ୟ ଅସହାୟ ହୋଇ ଦେଖୁଥିବା ବେଳେ ପଛପଟୁ ରାଧୀଦେବୀ ଆସି ପୁଲିସ ମୁଣ୍ଡକୁ ଖଡ଼ୁମୁଷାରେ କଷି ଦେଇଗଲେ। ପୁଲିସ ଫେରି ପଡ଼ି ରାଧୀଦେଇଙ୍କୁ ଦେଖି ଲଜ୍ଜା ଓ ଯନ୍ତ୍ରଣାରେ ସେ ସ୍ଥାନ ଛାଡ଼ି ଚାଲି ଯାଇଥିଲା। ରାଧୀଦେଇଙ୍କର ଏ ସାହସିକତା ଅନ୍ୟ ମହିଳା ସ୍ୱାଧୀନତା ସଂଗ୍ରାମୀଙ୍କୁ ଉତ୍ସାହ ଦେଇଥିଲା।

ରଣପୁରରେ ବେଜେଲ୍‌ଗେଟ୍‌ଙ୍କୁ ହତ୍ୟା ଘଟଣାରେ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କୁ ଫାଶୀ ଦିଆଯାଇଥିଲା। ଫାଶୀ ପାଇବା ପୂର୍ବରୁ ଦିବାକର ପରିଡ଼ାଙ୍କୁ ଥରେ ତାଙ୍କ ଭଉଣୀ ଇନ୍ଦୁମତୀ ଖୁବ୍ ସାହସରେ ବଞ୍ଚେଇ ଦେଇଥିଲେ। ପୁଲିସ ଦୃଷ୍ଟିରୁ ବର୍ତ୍ତିବା ପାଇଁ ଆତ୍ମଗୋପନ କରିଥିବା ଦିବାକର ଦିନେ ରାତି ଅଧରେ ପରିବାରକୁ ଭେଟିବା ପାଇଁ ଆସିଥିବା ଖବର ପାଇ ପୁଲିସ କବାଟ ଠକ୍ ଠକ୍ କରିଥିଲା। ଦିବାକରଙ୍କର ୧୪ ବର୍ଷର ଭଉଣୀ ଇନ୍ଦୁମତୀ ହାତରେ ପନିକୀଟିଏ ଧରି କବାଟ ଖୋଲିଥିଲେ ଓ ପୁଲିସ ଘର ଭିତରକୁ ପଶିବାକୁ ଉଦ୍ୟତ ହୁଅନ୍ତେ ସେ ସିଧାସଳଖ କହିଥିଲେ, ଘରେ ଆମେ କେବଳ ସ୍ତ୍ରୀଲୋକ ଅଛୁ, ଆମର କେହି ପୁରୁଷ ଲୋକ ନାହାନ୍ତି। ଯଦି କେଉଁ ପୁରୁଷ ରାତି ଅଧରେ ଘର ଭିତରକୁ ପଶେ, ମୁଁ ସମସ୍ତଙ୍କୁ ଗଡ଼ ଗଡ଼ କରି ହାଣିଦେବି। ପୁଲିସ ଫୋର୍ସ ଧରି ଆସିଥିଲେ ବି ଏହି ଝିଅଟିର କୌଣସି କ୍ଷତି ନ କରି ଫେରି ଯାଇଥିଲା।

ସେହିପରି ବରଗଡ଼ ଜିଲ୍ଲାର କେତକୀ ପରିଡ଼ା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଡମ୍ବରୁଧର ପରିଡ଼ାଙ୍କର ମାଆ। ଡମ୍ବରୁଧରଙ୍କୁ ଗିରଫ କରିବା ପାଇଁ ଥରେ ପୁଲିସ ତାଙ୍କ ଘର ଭିତରକୁ ପଶି ଆସିବାରୁ ସେ ଖୁବ୍ ଉତ୍ତ୍ୟକ୍ତ ହୋଇ ପୁଲିସ ଉପରକୁ ଗରମ ପାଣି ଫିଙ୍ଗି ଦେଇଥିଲେ। ବ୍ରିଟିଶ୍ ପୁଲିସ ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ଫେରି ଯାଇଥିଲା।

ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ଆମ ମହିଳାମାନେ ଜେଲ୍ ଜୋରିମାନା ଭୋଗିଛନ୍ତି। ଖରାତରା ବର୍ଷା ଶୀତ ସହି ଶୋଭାଯାତ୍ରାରେ ଯାଇଛନ୍ତି। କାରାଗୃହରେ ନିମ୍ନ ମାନର ଖାଦ୍ୟ ଖାଇଛନ୍ତି। ବୀର ପୁରୁଷୋତ୍ତମପୁରରେ ଜନ୍ମିତ ନିଶାମଣି ଦେବୀ ଜେଲ୍‌ରେ ଥିବା ବେଳେ ନିମ୍ନ ମାନର ଖାଦ୍ୟ ସମ୍ପର୍କରେ ଲେଖିଥିଲେ- 'ଜେଲ୍ ବଗିଚାରେ ପରିବା ନମିଳେ ଖାଇବାକୁ ଦେଲେ ମୂଳା ମୂଳା ଖାଇ ଖାଇ ଶୂଳା ଉଠିଲାଣି ପିଇବାକୁ ଦେଲେ ଜଡ଼ା।'

ଏ ପ୍ରକାର ଦଣ୍ଡ ଭୋଗିଥିଲେ ମହିଳାମାନେ। କିନ୍ତୁ ଅଳ୍ପ କେତେଟା ଉଦାହରଣ ଛାଡ଼ିଦେଲେ ବ୍ୟକ୍ତିଗତ ଭାବରେ ମହିଳାମାନଙ୍କୁ ସର୍ବ ସମକ୍ଷରେ ହିଂସା ଆଚରଣ କରୁ ନଥିଲେ ପୁଲିସମାନେ। ଏ ଦୃଷ୍ଟିରୁ ଅନୁଧ୍ୟାନ କଲେ ଦୁଃଖର ସହ କହିବାକୁ ପଡୁଛି, ଏବେ ରକ୍ଷକମାନେ ଭକ୍ଷକ ସାଜିଛନ୍ତି। ଏକ ପକ୍ଷରେ ବନ୍ଦନୀୟ ନାରୀ ସ୍ଲୋଗାନ୍ ଦଣ୍ଡନୀୟ ନାରୀର ଅପକର୍ମ ଭିତରେ ପରିସମାପ୍ତି ହେଉଛି। ଆଉ କେତେ ଦିନ ଆମେ ଏମିତି ଭୋଗୁଥିବା ? ଗଣମାଧ୍ୟମରୁ ଯାହା ଉପଲବ୍ଧି ହୁଏ, ଜନପ୍ରତିନିଧି ଚାମେଲି ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ବିଡିଓ ଅଫିସ୍ ଯାଇ ନଥିଲେ, ସାମୂହିକ ସ୍ୱାର୍ଥ ପାଇଁ ଯାଇଥିଲେ। କ'ଣ ଏମିତି ଘଟଣା ହେଲା ଯେ ପୁଲିସ ତାଙ୍କୁ ମରଣାନ୍ତକ ଆକ୍ରମଣ କଲା ? କ୍ଷୀରୋଦିନୀ ଦେବୀ ଇନ୍ଦୁମତୀ ରାଧୀଦେଇ, କେତକୀ ପରିଡ଼ାଙ୍କଠାରୁ କ'ଣ ଅଧିକ ଥିଲା ଚାମେଲୀଙ୍କ ଆଚରଣ ? ଏବେ ବିଚାର କରିବାର ସମୟ ଆସିଛି। ବୁଦ୍ଧିଜୀବୀମାନେ ସକ୍ରିୟ ରହିଲେ ହିଁ ସାମ୍ପ୍ରତିକ ସମାଜର ସବୁ ସଙ୍କଟ ଦୂରୀଭୂତ ହୋଇ ପାରିବ। ସେମାନେ ତ ଏବେ ଗଭୀର ସୁଷୁପ୍ତିରେ। କେହି ଆଳସ୍ୟ ବିଜଡ଼ିତ ତ ଆଉ କେହି ସ୍ୱାର୍ଥ ବିଜଡ଼ିତ। ପୁଣି କେହି କେହି ସୁନା ମୁକୁଟ କିମ୍ବା ସୁନା କଙ୍କଣ ଲୋଭରେ ପୀଡ଼ିତ। ଏ ସମସ୍ୟାର ସମାଧାନ ତେବେ କାହା ହାତରେ ?



ଦି ଏମେରାଲ୍ଡ୍ ଆପାର୍ଟମେଣ୍ଟ
ବ୍ଲକ୍-ସି, ୨୧୩, ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୭୦୩୩୦୭୪
basantimohanty12@gmail.com

# ଆସୁଛି ସୁପର ଏଲ୍ ନିନୋ


ରମେଶ ଚନ୍ଦ୍ର ପରିଡ଼ା

ବିଗତ କିଛି ଦିନ ଧରି ପାଣିପାଗ ବିଜ୍ଞାନୀମାନେ ଏକ ଶକ୍ତିଶାଳୀ, ଅର୍ଥାତ୍ 'ସୁପର ଏଲ୍ ନିନୋ' ଆସୁଥିବାର ସୂଚନା ଦେଇ ଆସୁଛନ୍ତି। ପୃଥିବୀର ଇତିହାସରେ ଏହାର ପ୍ରଭାବ ସବୁଠାରୁ ଗମ୍ଭୀର ହେବ ବୋଲି ମତ ଦେଇଛି 'ୟୁରୋପିଆନ୍ ସେଣ୍ଟର୍ ଫର୍ ମିଡିୟମ୍-ରେଞ୍ଜ୍ ୱେଦର ଫୋର୍‌କାଷ୍ଟସ୍' (୫, ଜୁନ୍, ୨୦୨୬)। ଅନ୍ୟ ପକ୍ଷରେ 'ୱର୍ଲଡ୍ ମିଟୋରୋଲୋଜିକାଲ୍ ଅର୍ଗାନାଇଜେସନ୍' ଅନୁଯାୟୀ ଆଗାମୀ ଜୁଲାଇ-ଅଗଷ୍ଟ ମାସ ବେଳକୁ ଏହା ୮୦ ଶତାଂଶ ପରିଲକ୍ଷିତ ହେବାର ସମ୍ଭାବନା ଥିଲା ବେଳେ ନଭେମ୍ବର ମାସ ବେଳକୁ ତାହା ୯୦ ଶତାଂଶକୁ ବୃଦ୍ଧି ପାଇବ। ଇତି ମଧ୍ୟରେ ଏହାର ପ୍ରକୋପ ଆମ ଦେଶରେ କିଛି ମାତ୍ରାରେ ଆରମ୍ଭ ହୋଇ ଯାଇଥିବାର ଏବଂ ସେଥିପାଇଁ ମୌସୁମୀ ବର୍ଷା କମ୍ ହୋଇପାରେ ବୋଲି ସୂଚୀତ କରିଛି 'ଇଣ୍ଡିଆନ୍ ମିଟୋରୋଲୋଜିକାଲ୍ ଡିପାର୍ଟମେଣ୍ଟ।'

ଏଲ୍ ନିନୋ ଏକ ପ୍ରାକୃତିକ ଘଟଣା। ପ୍ରଶାନ୍ତ ମହାସାଗର ପୃଷ୍ଠଦେଶର କେନ୍ଦ୍ରୀୟ ଏବଂ ପୂର୍ବାଞ୍ଚଳରେ ତାପ ବୃଦ୍ଧି ହେତୁ ଏହା ସୃଷ୍ଟି ହୋଇଥାଏ। ସାଧାରଣ ବାଣିଜ୍ୟ ବାୟୁକୁ ଏହା ଦୁର୍ବଳ କରିଦିଏ, ପୃଥିବୀର ଜଳବାୟୁର ରୂପରେଖ ବଦଳାଇ ଦିଏ ଏବଂ କେତେକ ମହାଦେଶରେ ମରୁଡ଼ି ଏବଂ ଆଉ କେତେକରେ ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟମାନ ସୃଷ୍ଟି କରେ।

ତେବେ ଏଲ୍ ନିନୋ ଘଟଣାଟି ଆଧୁନିକ ଜଳବାୟୁ ସଂପର୍କରେ ଆଗତ ସୂଚନା ଦେବା ବ୍ୟବସ୍ଥା ଆଗରୁ ଜଣା ଥିଲା। ସ୍ପେନୀୟ ଭାଷାରେ ଏହାର ଅର୍ଥ ହେଲା 'କୁନି ପୁଅ'। ଏହାକୁ ଏପରି ନାମକରଣ କରିଥିଲେ ପେରୁର ମତ୍ସଜୀବୀମାନେ, ଯେଉଁମାନେ କି ପ୍ରଶାନ୍ତ ମହାସାଗରରେ ଜଳ ଡିସେମ୍ବର ମାସ ବେଳକୁ ଉଷ୍ମ ହେବାର ଦେଖିଥିଲେ ଊନବିଂଶ ଶତାବ୍ଦୀରେ। ଭାରତରେ୧୮୭୭-୧୮୭୮ରେ ହୋଇଥିବା ଭୟଙ୍କର ଦୁର୍ଭିକ୍ଷରେ ପ୍ରାୟ ୫ ନିୟୁତ ଲୋକଙ୍କର ମୃତ୍ୟୁ ଘଟିଥିଲା। ତାହା ମଧ୍ୟ ଏଲ୍ ନିନୋ ସହିତ ସଂପୃକ୍ତ ଥିଲା। ଏହା ଯୋଗୁଁ ଦକ୍ଷିଣ ଏସିଆରେ ବୃଷ୍ଟିପାତ କମ୍ ହେବାରୁ ଏପରି ଘଟିଥିଲା।

ଏବେ ବିଷୁବ ରେଖା ନିକଟବର୍ତ୍ତୀ ପ୍ରଶାନ୍ତ ମହାସାଗର ପୃଷ୍ଠରେ ତାପ ବୃଦ୍ଧି ଘଟିବା ସହିତ ବାଣିଜ୍ୟ ବାୟୁ ପୂର୍ବରୁ ପଶ୍ଚିମକୁ ବହିବାରେ ଲାଗିଛି। ବିଶେଷଜ୍ଞମାନଙ୍କ ମତରେ, ଏହା ଏଲ୍ ନିନୋ ପ୍ରଭାବ ପ୍ରଦର୍ଶନ କରୁଛି। ସାରା ପୃଥିବୀର ବିଭିନ୍ନ ସ୍ଥାନରେ ଏହା ଭିନ୍ନ ଭିନ୍ନ ମାତ୍ରାରେ ଅନୁଭୂତି ହେଲାଣି, ଯାହାକି କ୍ରମେ ବଢ଼ି ବଢ଼ି ଚାଲିଛି। ଆମ ଦେଶରେ ଏହା ପ୍ରକଟିତ ହେଉଛି ଗ୍ରୀଷ୍ମ କାଳରେ ଅତ୍ୟଧିକ ତାପ ବୃଦ୍ଧି ଏବଂ ମୌସୁମୀ ଆଗମନରେ ବିଳମ୍ବ ରୂପେ।

ବିଗତ ୭୦ ବର୍ଷ ମଧ୍ୟରେ ସାରା ବିଶ୍ୱରେ ତିନୋଟି 'ଅତି ଶକ୍ତିଶାଳୀ' ଏଲ୍ ନିନୋ ଦେଖା ଦେଇଛି। ସେଗୁଡ଼ିକ ଘଟିଛି ୧୯୮୨-୮୩, ୧୯୯୭-୯୮ ଏବଂ ୨୦୧୫-୧୬ ମସିହାରେ। ଏହାର 'ଶକ୍ତି' ସେ ସମୟରେ ପ୍ରଶାନ୍ତ ମହାସାଗରର ପୃଷ୍ଠଦେଶରେ ତାପମାତ୍ରାର ହାରାହାରି ପରିବର୍ତ୍ତନରୁ ସ୍ଥିର କରାଯାଏ। ସାଧାରଣ ସ୍ତରରୁ ୦.୫ ଡିଗ୍ରୀ ସେଲ୍‌ସିୟସ୍ ଅଧିକ ହେଲେ ତାହାକୁ ଏଲ୍ ନିନୋ ବୋଲି ଧରାଯାଏ। ତେବେ ଉପରୋକ୍ତ 'ଅତିଶକ୍ତିଶାଳୀ' ବା 'ସୁପର ଏଲ୍ ନିନୋ'ରେ ତାହା ହାରାହାରି ୨ ଡିଗ୍ରୀ ସେଲ୍‌ସିୟସ୍‌ରୁ ଅଧିକ ହୋଇଥିଲା।

ବିଗତ ୧୯୫୦ ମସିହାରୁ ହୋଇ ଆସିଥିବା ଏଲ୍ ନିନୋଗୁଡ଼ିକୁ ତିନୋଟି ଭାଗରେ ବିଭକ୍ତ କରାଯାଇଛି। ତହିଁରୁ 'ସାମାନ୍ୟ'ଗୁଡ଼ିକ ୧୯୫୧-୫୨, ୧୯୬୩-୬୪, ୧୯୬୮-୬୯, ୧୯୮୬-୮୭, ୧୯୯୪-୯୫, ୨୦୦୨-୦୩ ଏବଂ ୨୦୦୯-୧୦ରେ; 'ଶକ୍ତିଶାଳୀ'ଗୁଡ଼ିକ ୧୯୫୭-୫୮, ୧୯୬୫-୬୬, ୧୯୭୨-୭୩, ୧୯୮୭-୮୮, ୧୯୯୧-୯୨ ଏବଂ ୨୦୨୩-୨୪ରେ ଏବଂ 'ଅତିଶକ୍ତିଶାଳୀ'ଗୁଡ଼ିକ ୧୯୮୨-୮୩, ୧୯୯୭-୯୮ ଏବଂ ୨୦୧୫-୧୬ରେ ଘଟିଥିଲା। ଭାରତ ସର୍ବାଧିକ ପ୍ରଭାବିତ ହୋଇଥଲା ୧୯୮୨-୮୩ ଏବଂ ୨୦୧୫-୧୬ ମସିହାର ଏଲ୍ ନିନୋ ଦ୍ୱାରା। ତେବେ, ୧୯୯୭-୯୮ରେ ଏହାର ପ୍ରଭାବ ଏତେଟା ଉତ୍କଟ ହୋଇ ନଥିଲା। ଅନ୍ୟ ପକ୍ଷରେ, ୧୯୬୫, ୧୯୭୨, ୧୯୮୨, ୧୯୮୭, ୨୦୦୨, ୨୦୦୯ ଏବଂ ୨୦୧୫ରେ ଏଠାରେ ଯଥାକ୍ରମେ ୧୯%, ୨୩%, ୧୨.୫%, ୧୫%, ୨୧.୯%, ୧୯% ଏବଂ ୧୩.୮% କମ୍ ବୃଷ୍ଟିପାତ ହୋଇଥିଲା।




ଏଠାରେ ସୂଚନାଯୋଗ୍ୟ ଯେ ଭାରତୀୟ ମୌସୁମୀକୁ ଏଲ୍ ନିନୋ ସିଧାସଳଖ ହ୍ରାସ କରେ ନାହିଁ। ସାଧାରଣ ମୌସୁମୀ କାଳରେ ଭାରତୀୟ ଉପମହାଦେଶ ଉପରେ ସୃଷ୍ଟି ହେଉଥିବା ଲଘୁଚାପ ଜଳକଣାଭରା ବାୟୁକୁ ନିଜ ଆଡ଼କୁ ଆକର୍ଷିତ କରେ। ଫଳରେ ବୃଷ୍ଟିପାତ ହୁଏ। ଅନ୍ୟ ପକ୍ଷରେ, ଏଲ୍ ନିନୋ ସମୟରେ ପ୍ରଶାନ୍ତ ମହାସାଗର ଉପରେ ବୃଦ୍ଧିପ୍ରାପ୍ତ ଉଷ୍ଣତା ଏ ବାୟୁକୁ ତା' ଦିଗରେ ଟାଣେ; ଏଣୁ ମୌସୁମୀ ଦୁର୍ବଳ ହୁଏ।

ଅନ୍ୟ ପକ୍ଷରେ, ଭାରତୀୟ ମୌସୁମୀ କେବଳ ଏହାଦ୍ୱାରା ପ୍ରଭାବିତ ହୁଏ ନାହିଁ। 'ଇଣ୍ଡିଆନ୍ ଓସନ୍ ଡାଇପୋଲ୍' ନାମକ ଅନ୍ୟ ଏକ ଜଳବାୟୁ ପରି ଘଟଣା ପଶ୍ଚିମ ଭାରତୀୟ ମହାସାଗର ଦିଗରେ ଉଷ୍ମ ଜଳକୁ ଆକର୍ଷଣ କରିପାରେ। ଫଳରେ ଭାରତରେ ମୌସୁମୀ ଶକ୍ତିଶାଳୀ ହେବା ସମ୍ଭବ ହୁଏ। 'ଇଣ୍ଡିଆନ୍ ଓସନ୍ ଡାଇପୋଲ୍' ଏଲ୍ ନିନୋକୁ ପ୍ରତିରୋଧ କରିଥାଏ। ସେଥିପାଇଁ ଭାରତ ଓ ଦକ୍ଷିଣ ଏସିଆରେ ଏହା ସତ୍ତ୍ୱେ ବି ୧୯୯୭ ମସିହାରେ ଯଥେଷ୍ଟ ବୃଷ୍ଟିପାତ ହୋଇଥିଲା। ସେ ବର୍ଷ ଏଲ୍ ନିନୋ ଶକ୍ତିଶାଳୀ ଥିଲା ସତ, ସେଥି ସହିତ 'ଇଣ୍ଡିଆନ୍ ଓସନ୍ ଡାଇପୋଲ୍' ମଧ୍ୟ ସକାରାତ୍ମକ ଥିଲା।

ଭାରତର ଶହେ ବର୍ଷର ଇତିହାସରୁ ଜଣାଯାଏ ଯେ ଏଲ୍ ନିନୋ 'ଦକ୍ଷିଣ ଦୋଳନ' ପ୍ରକ୍ରିୟା ସହିତ ସଂପୃକ୍ତ। ଏହି କାରଣରୁ ଏଠାରେ ୨୦୦୨, ୧୯୬୫, ୧୯୭୨, ୧୯୧୮ ଏବଂ ୨୦୦୯ରେ ଉତ୍କଟ ମରୁଡ଼ି ଦେଖା ଦେଇଥିଲା। ବର୍ତ୍ତମାନ ସୁଦ୍ଧା ସବୁଠାରୁ ଶକ୍ତିଶାଳୀ ଏଲ୍ ନିନୋ ହୋଇଥିଲା ୨୦୧୫-୧୬ ଏବଂ ୧୯୯୭-୯୮ ମସିହାରେ। ଏ ସମୟରେ ପ୍ରଶାନ୍ତ ମହାସାଗରର ଜଳ ସ୍ତର ୨.୫ ଡିଗ୍ରୀ ସେଲ୍‌ସିୟସ୍‌ରୁ ଅଧିକ ଉତ୍ତପ୍ତ ଥିଲା। ତେବେ, 'ୟୁରୋପିଆନ୍ ସେଣ୍ଟର୍ ଫର୍ ଦ ମିଡିୟମ୍ ରେଞ୍ଜ୍ ୱେଦର ଫୋର୍‌କାଷ୍ଟସ୍'ର ପୂର୍ବାନୁମାନ ଅନୁସାରେ ଚଳିତ ବର୍ଷ ଏହା ସବୁଠାରୁ ଅଧିକ ହେବ, ଏ ତାପମାତ୍ରାର ଆଧିକ୍ୟ ୩ ଡିଗ୍ରୀ ସେଲ୍‌ସିୟସ୍ ଟପି ଯାଇପାରେ। ଅତଏବ, ତଦ୍ୱାରା ଆମର କୃଷି ଗଭୀର ଭାବେ ପ୍ରଭାବିତ ହେବାର ସମ୍ଭାବନା ରହିଛି। ଅନ୍ୟ ପକ୍ଷରେ, 'ଇଣ୍ଡିଆନ୍ ମିଟୋରୋଜୋଲିକାଲ୍ ଡିପାର୍ଟମେଣ୍ଟ' ସୂଚନା ଦେଇଛି ଯେ ଚଳିତ ବର୍ଷ 'ଇଣ୍ଡିଆନ୍ ଓସନ୍ ଡାଇପୋଲ୍' ହୁଏତଃ କିଛି ମାତ୍ରାରେ ସକ୍ରିୟ ହୋଇପାରେ। ଯଦି ସେପରି ହୁଏ, ଭାରତର ମୌସୁମୀ ଉପରେ ଏଲ୍ ନିନୋର ପ୍ରଭାବ କିଛି ମାତ୍ରାରେ କମ୍ ହେବାର ସମ୍ଭାବନା ରହିବ।

ପ୍ରାକ୍ତନ ପ୍ରଫେସର, ଉଷା ନିବାସ
୧୨୪/୨୪୪୫, ଖଣ୍ଡଗିରି ବିହାର
ଭୁବନେଶ୍ୱର, ମୋ: ୯୯୩୭୩୦୧୪୬୦

# ଚୀନ୍ ସହିତ ସମ୍ପର୍କ

ଭାରତର ନିକଟତମ ପଡ଼ୋଶୀ ଭାବରେ ଚୀନ୍ ସମ୍ପ୍ରତି ବିଶ୍ୱର ଅନ୍ୟତମ ସମୃଦ୍ଧଶାଳୀ ରାଷ୍ଟ୍ର ହୋଇଥିବା ସତ୍ତ୍ୱେ ଏବଂ ଏହି ରାଷ୍ଟ୍ର ସହିତ ଆଗରୁ ଭାରତର ସମ୍ପର୍କ ବେଶ୍ ଘନିଷ୍ଠ ଥିଲେ ସୁଦ୍ଧା ଏହାର ବିସ୍ତାରବାଦୀ ନୀତି ଦୁଇ ଦେଶଙ୍କ ମଧ୍ୟରେ ଫାଟ ସୃଷ୍ଟି କରିଥିଲା। ତେବେ ପରିସ୍ଥିତିରେ ବର୍ତ୍ତମାନ ପରିବର୍ତ୍ତନ ଆସିଛି। କୂଟନୀତିର ଦୁନିଆରେ ଏହା ଏକ ଜଣାଶୁଣା କଥା ଯେ ଚୀନ୍ ସହିତ ଆଲୋଚନା ଅବଶ୍ୟ ବିସ୍ତାରିତ ହେବ ଏବଂ ଦୀର୍ଘ ସମୟ ପର୍ଯ୍ୟନ୍ତ ବଜାୟ ରହିବ, ଯେତେବେଳେ କି ଅନ୍ୟାନ୍ୟ ଶକ୍ତିମାନଙ୍କ ସହିତ ଆଲୋଚନା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ କ୍ଷେତ୍ରରେ ଗତି ତ୍ୱରିତ ହେଉଥିବା ବେଳେ ଏହି ରାଷ୍ଟ୍ର କ୍ଷେତ୍ରରେ ଆଲୋଚନାକୁ ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ କରିବାର ଗତି ଧୀମା ହୋଇପାରେ। ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ବ୍ରିକସ୍ ରାଷ୍ଟ୍ରମାନଙ୍କର ଏନ୍‌ଏସ୍‌ଏମାନଙ୍କ ବୈଠକ ପୂର୍ବରୁ ନିକଟ ଅତୀତରେ ଭାରତର ଏନ୍‌ଏସ୍‌ଏ ଅଜିତ୍ ଡୋଭାଲ ଏବଂ ତାଙ୍କର ଚୀନ୍ ପ୍ରତିପକ୍ଷ ୱାଙ୍ଗ୍ ୟିଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବୈଠକରୁ ଯାହା ସାରାଂଶ ବାହାର କରାଯାଇପାରେ, ତାହା ହେଉଛି, ଚୀନ୍ ସବୁ ସ୍ତରରେ ଆଳାପ ଆଲୋଚନା ବ୍ୟବସ୍ଥା ସହିତ ବିଭିନ୍ନ କ୍ଷେତ୍ରରେ ବିନିମୟ କାର୍ଯ୍ୟର ପ୍ରୋତ୍ସାହନ ପ୍ରଦାନ ପାଇଁ ଭାରତ ଦ୍ରୁତ ଗତି ଆପଣାଇବା ଉପରେ ଅତ୍ୟଧିକ ଆଗ୍ରହୀ ଥିବା ଜଣାପଡୁଛି। ଏଭଳି ଭାବନାଟିଏ ସୃଷ୍ଟି ହୋଇଛି ଗତ ବର୍ଷ ଅଗଷ୍ଟ ମାସରେ ଅନୁଷ୍ଠିତ ଏକ ଏସ୍‌ସିଓ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଚୀନ୍ ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗଙ୍କ ମଧ୍ୟରେ ଭାବ ବିନିମୟ ହେବା ଏବଂ ଏହା ପରେ ଦୁଇ ଦେଶର ସୀମାରେ ରହିଥିବା ଉତ୍ତେଜନା ଲକ୍ଷ୍ୟଣୀୟ ଭାବରେ ହ୍ରାସ ପାଇବା ଭଳି କ୍ଷେତ୍ରଗୁଡ଼ିକରେ ନାଟକୀୟ ଉନ୍ନତି ଦେଖିବାକୁ ମିଳିବା ପରେ, ଯାହାକି ଚୀନ୍ ତରଫରୁ ପିଠି ଆପୁଡ଼ା ନୀତି ଦ୍ୱାରା ଅନୁପ୍ରେରିତ, ଯେତେବେଳେ କି ଭାରତ ଅଧିକ ସ୍ୱଚ୍ଛନ୍ଦ ଭାବରେ ଆଗେଇବା ନିମନ୍ତେ ଆଗ୍ରହୀ ଥିବା ମନେ ହେଉଛି। ସମ୍ପର୍କର ପୁନରୁଦ୍ଧାର ଏକ ଯଥେଷ୍ଟ ସ୍ପଷ୍ଟ ସୂଚକ ହୋଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନର ଗତିରେ ଏଭଳି ଧରଣର ଭିନ୍ନତା ଦର୍ଶାଉଛି ଯେ ଏବେ ସୁଦ୍ଧା ଭାରତ ପକ୍ଷରୁ ଆସ୍ଥା ସ୍ଥାପନରେ କିଛି ମାତ୍ରାରେ ଅଭାବ ରହିଛି।

ଏଥିରେ କ୍ୱଚିତ୍ କେହି ଅସହମତ ହେବେ ଯେ ପୂର୍ବ ଲଦାଖ୍‌ରେ ଦୁଇ ଦେଶର ସେନାଙ୍କ ମଧ୍ୟରେ ମୁହାଁମୁହିଁ ଅବସ୍ଥା ସୃଷ୍ଟି ହେବା ସହିତ ଲଢ଼େଇ ହେବା ପରେ ସମ୍ପର୍କ ଯେଉଁଭଳି ଭାବରେ ଅତି ନିମ୍ନ ସ୍ତରକୁ ଚାଲି ଯାଇଥିଲା, ସେହି ପରିପ୍ରେକ୍ଷୀରେ ଏବେ ସମ୍ପର୍କକୁ ବର୍ତ୍ତମାନ ସୁଧାରିବାର କାମ ଚାଲୁ ରହିଛି। କିନ୍ତୁ ଚୀନ୍ ବୁଝିବାକୁ ଅକ୍ଷମ ଯେ ବ୍ୟବସାୟ ବାଣିଜ୍ୟ, ପୁଞ୍ଜିନିବେଶ ଏବଂ ଗଣମାଧ୍ୟମ ଉପରେ ଆଲୋଚନାକୁ ତ୍ୱରାନ୍ୱିତ କରାଯିବା ବେଳେ ସୀମା ପ୍ରସଙ୍ଗକୁ 'ଏକ ଉପଯୁକ୍ତ ସ୍ଥାନ'ରେ ରଖାଯାଇପାରେ, ଅର୍ଥାତ୍ ଏହାକୁ ଅନ୍ୟ ସବୁ ପ୍ରସଙ୍ଗଠାରୁ ଅଲଗା ରଖାଯାଇପାରେ ବୋଲି ଏହା ଯେଉଁ କାରଣଗୁଡ଼ିକ ଉପରେ ନିର୍ଭର କରୁଛି, ତାହା କରିବା ଭାରତ ପକ୍ଷରେ ସମ୍ଭବ ନୁହେଁ। ଏହି କାରଣ ପାଇଁ ଅନ୍ୟାନ୍ୟ କ୍ଷେତ୍ରଗୁଡ଼ିକରେ ସମ୍ପର୍କରେ ସୁଧାର ଆଣିବା ସେପରି ହୃଦ୍‌ବୋଧ ହେବା ଭଳି ଏବଂ ବିଶ୍ୱାସଜନକ ହୋଇପାରୁ ନାହିଁ। ଡୋଭାଲ-ୱାଙ୍ଗ୍‌ଙ୍କ ବୈଠକ ଉତ୍ତାରୁ ପାଠ କରାଯାଇଥିବା ଏକ ଦୀର୍ଘ ବିବୃତିରୁ କେହି ହେଲେ ଧ୍ୟାନ ହଟାଇ ନେଇ ପାରି ନଥିବେ ଯେ ଦୁଇ ଏନ୍‌ଏସ୍‌ଏଙ୍କ ମଧ୍ୟରେ ହୋଇଥିବା ଆଲୋଚନା ସକାରାତ୍ମକ ଥିଲା, ଯେଉଁଥିରେ ଉଭୟ ଦେଶ ସମ୍ପର୍କକୁ ଆଗେଇ ନେବା ଉପରେ ଗୁରୁତ୍ୱାରୋପ କରିବା ସଙ୍ଗେ ସଙ୍ଗେ ଏଥିରେ ଆଶ୍ୱାସନାମୂଳକ ବାର୍ତ୍ତା ରହିଥିଲା ଯେ ଏକ ଗୁରୁତ୍ୱପୂର୍ଣ୍ଣ ପଡ଼ୋଶୀ ଭାବରେ ଭାରତ ଏବଂ ଚୀନ୍ ହେଉଛନ୍ତି ପରସ୍ପରର ଭାଗିଦାର ଏବଂ ଶତ୍ରୁ ନୁହନ୍ତି। ଶ୍ରୀଯୁକ୍ତ ୱାଙ୍ଗ୍ ଯେତେବେଳେ 'ଦୁଇ ଦେଶଙ୍କ ମଧ୍ୟରେ ସଠିକ୍ ଭାବନା ସୃଷ୍ଟି କରିବା ନିମନ୍ତେ ସମାଜର ସବୁ କ୍ଷେତ୍ରକୁ ମାର୍ଗଦର୍ଶନ କରାଇବା ଉଦ୍ଦେଶ୍ୟରେ ଉଦ୍ୟମ କରାଯିବ, ଯାହା ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଉନ୍ନତି ପାଇଁ ଜନମତ ତଥା ସାମାଜିକ ସ୍ତରର ସମର୍ଥନ ଲାଭ କରିବାକୁ ଦୃଢ଼ ଭିତ୍ତିଭୂମି ସ୍ଥାପନ କରିବ' ବୋଲି କହିଲେ, ସେତେବେଳେ ସେ ହୁଏତ ଦୁଇ ଦେଶଙ୍କ ଭିତରେ ସୁସମ୍ପର୍କରେ ରହିବାର ଅପରିହାର୍ଯ୍ୟତା ଉପରେ ଗୁରୁତ୍ୱାରୋପ କରିଥିଲେ। ତେବେ ଭାରତ ପକ୍ଷରୁ ଏହି ଆଲୋଚନା ଉପରେ 'ଗଠନମୂଳକ ଏବଂ ପୁରୋଦୃଷ୍ଟିସମ୍ପନ୍ନ' ଏକ ଅଧିକ ଉଦାସୀ ଏବଂ ସୂତ୍ରାଧାରିତ ମନ୍ତବ୍ୟ ପ୍ରଦାନ କରାଯିବା ଭାରତର ଉଦ୍ଦେଶ୍ୟ କ୍ଷେତ୍ରରେ ରହିଥିବା ଏକ ଅନ୍ତରକୁ ସୂଚାଉଛି।

ଏକ ଆଦର୍ଶ ବିଶ୍ୱରେ ଦୁଇ ସର୍ବାଧିକ ଜନସଂଖ୍ୟାବିଶିଷ୍ଟ ଦେଶ ପରସ୍ପରକୁ ସହଯୋଗ କରି ପରସ୍ପରର ବିକାଶ ନିମନ୍ତେ ପନ୍ଥାଗୁଡ଼ିକ ବାହାର କରି ପାରିବାର ସମ୍ଭାବନା ରହିଥିବା ବେଳେ ଦକ୍ଷିଣ ବିଶ୍ୱକୁ ମଧ୍ୟ ଆଧୁନିକୀକରଣର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ପ୍ରୋତ୍ସାହନ ଯୋଗାଇବାରେ ସକ୍ଷମ ହୋଇ ପାରିବେ। କିନ୍ତୁ ଯଦି ଆସ୍ଥାଗତ ସଂକଟକୁ ଟାଳି ସୁଦୃଢ଼ ସମ୍ପର୍କ ପ୍ରତିଷ୍ଠା କରାଯିବା କ୍ଷେତ୍ରରେ ଦୁଇ ଦେଶ ଆଗ୍ରହୀ, ତା'ହେଲେ ସେଥିପାଇଁ କେତେକ ସମସ୍ୟା ଯଥା ବିରଳ ମୃତ୍ତିକା ଏବଂ ଖଣିଜ ପଦାର୍ଥ ଏବଂ ରାସାୟନିକ ସାରଗୁଡ଼ିକ ଉପରେ ଚୀନ୍‌ର ଯେଉଁ ବଦ୍ଧମୁଷ୍ଟି ଅଧିକାର ରହିଛି, ସେ ସମ୍ପର୍କରେ ଆଲୋଚନା କରାଯିବା ସହିତ ଏହି ସମସ୍ୟାଗୁଡ଼ିକର ସମାଧାନ କରାଯିବା ଉଚିତ। ଉଭୟ ଦେଶ ଦକ୍ଷିଣ ବିଶ୍ୱ ସହିତ ସେମାନଙ୍କ ନିଜ ନିଜର ସଂଯୋଗ ସ୍ଥାପନକୁ ନେଇ ଗର୍ବିତ, ଯାହାର ସ୍ୱରକୁ ସେମାନେ ଅଧିକ ସାର୍ବଜନୀନ ମଞ୍ଚରେ ଶୁଣିବାକୁ ଅବଶ୍ୟ ଚାହିଁବେ। କିନ୍ତୁ ଏହା ସତ୍ତ୍ୱେ ରହିଛି ଭାରତ-ଚୀନ୍ ସମ୍ପର୍କର ମୁଖ୍ୟ ମୌଳିକ କଥାସବୁ, ଯେଉଁଗୁଡ଼ିକ ଏବେ ସୁଦ୍ଧା ପ୍ରଗତି ପଥରେ ରହିଥିବା କାର୍ଯ୍ୟ ଭାବରେ ଅଛି, ଯାହା ଉପରେ କାମ କରାଯିବା ଉଚିତ। ଚୀନ୍ ସହିତ ଭାରତର ସକ୍ରିୟ ଭୂମିକା ତାଳମେଳ ରକ୍ଷା କରି ଚାଲିବା ଉଚିତ ବୋଲି ଯଦି ଇଚ୍ଛାଟିଏ ସତରେ ରହିଥାଏ, ତା'ହେଲେ ଉପରୋକ୍ତ କାର୍ଯ୍ୟଗୁଡ଼ିକ ସମ୍ପାଦନ କରାଯିବାର ଆବଶ୍ୟକତା ରହିଛି, ଯାହା ସମ୍ଭବତଃ ହୋଇ ପାରିବ ଆଉ ଗୋଟିଏ ବ୍ରିକ୍‌ସ ସମ୍ମିଳନୀ ସମୟରେ, ମୋଦୀ-ଜିଙ୍କ ସାକ୍ଷାତ ଆଲୋଚନା କାଳରେ।

# କଠୋପନିଷଦ

ମହାତପା ନାମକ ଜଣେ ବିଦ୍ୱାନ ଋଷି ଥିଲେ। ତାଙ୍କର ପତ୍ନୀ ପ୍ରଜାପତି। ସେମାନଙ୍କ ପୁତ୍ରର ନାମ ଥିଲା କୁଶ ଓ କନ୍ୟାର ନାଁ ରେବତୀ। ପୁଅ ଥିଲା ରୂପବାନ୍ ଓ ମୃଦୁଭାଷୀ। ହେଲେ କନ୍ୟା ରେବତୀ ଥିଲେ ଅତ୍ୟନ୍ତ କଠୋରଭାଷିଣୀ ଓ କୁରୂପା। ପୁତ୍ର କୁଶକୁ ବିବାହ ଦେବା ସହଜ ଥିଲା, ମାତ୍ର କନ୍ୟା କୁରୂପା ହେତୁ ତାକୁ ବିବାହ ଦେବା କଷ୍ଟକର ଥିଲା। ଦିନେ ପତ୍ନୀ ପ୍ରଜାପତି ଋଷି ମହାତପାଙ୍କୁ କହିଲେ- 'ଭରଦ୍ୱାଜଙ୍କ ଆଶ୍ରମରେ ଅଗଣିତ ଛାତ୍ର ଅଧ୍ୟୟନ କରୁଛନ୍ତି। ଭରଦ୍ୱାଜଙ୍କୁ କନ୍ୟାର ବିବାହ ବିଷୟରେ ସାହାଯ୍ୟ ମାଗିଲେ ହୁଏତ ନିଶ୍ଚିତ ସାହାଯ୍ୟ ମିଳିବ।

ତେଣୁ ମହାତପା ସପରିବାର ଭରଦ୍ୱାଜଙ୍କ ଆଶ୍ରମରେ କିଛିଦିନ ରହିଲେ। ଦିନେ ମହାତପା ଭରଦ୍ୱାଜଙ୍କୁ ଏକାନ୍ତରେ ନିଜର ମନ କଥା ଜଣାଇଲେ। କିନ୍ତୁ ଭରଦ୍ୱାଜ କହିଲେ- 'ଏଠାରେ ଥିବା ଛାତ୍ରମାନଙ୍କ ଭିତରୁ ରେବତୀଙ୍କ ପାଣିଗ୍ରହଣ କରିବା ପାଇଁ ମୁଁ କାହାରିକୁ କହି ପାରିବି ନାହିଁ। କାରଣ, ସେମାନେ ହୁଏତ ଭାବି ପାରନ୍ତି ଯେ ମୁଁ ଗୁରୁ ଭାବରେ ନିଜ ଇଚ୍ଛାକୁ ସେମାନଙ୍କ ଉପରେ ସାବ୍ୟସ୍ତ କରୁଛି। ହେ ଋଷି ମହାତପା, ରେବତୀ ନିମନ୍ତେ ଉପଯୁକ୍ତ ବର ଶୀଘ୍ର ଆସୁଛି। ଆପଣ ନିଶ୍ଚିତରେ ଅପେକ୍ଷା କରି ରୁହନ୍ତୁ।'

କିଛିଦିନ ପରେ ଦିନେ କଠ ନାମକ ଜଣେ ଅତ୍ୟନ୍ତ ଭଦ୍ର, ରୂପବାନ୍, ସର୍ବଗୁଣସମ୍ପନ୍ନ ବ୍ରାହ୍ମଣ ଯୁବକ ଭରଦ୍ୱାଜଙ୍କ ଆଶ୍ରମକୁ ଆସିଲେ। ଭରଦ୍ୱାଜ କଠଙ୍କୁ ସମସ୍ତ ଶାସ୍ତ୍ର ଶିକ୍ଷା ଦେଲେ। ଖୁବ୍ କମ୍ ଦିନ ଭିତରେ କଠ ସବୁ ଶାସ୍ତ୍ରକୁ ଆୟତ୍ତ କରିନେଲେ। ଆଶ୍ରମରୁ କଠଙ୍କର ବିଦ୍ୟା ଶେଷ ହେଲା। କଠ ବିଦାୟ ନେବାକୁ ପ୍ରସ୍ତୁତ ହେଲେ। ବିଦ୍ୟା ପ୍ରାପ୍ତି ପରେ ଦିନେ କଠ ଗୁରୁଙ୍କୁ ପ୍ରଣାମ କରି ଆଶ୍ରମ ଛାଡ଼ିବାକୁ ସ୍ଥିର କଲେ। ଗୁରୁଙ୍କୁ କୃତଜ୍ଞତା ଜଣାଇଲେ। ଗୁରୁଙ୍କୁ ଦକ୍ଷିଣା ଦେବାକୁ ଚାହିଁଲା ବେଳେ ଗୁରୁ ଭରଦ୍ୱାଜ ଉତ୍ତର ଦେଲେ- 'ବତ୍ସ କଠ ! କିଛି ଦୂରରେ ମହାତପା ନାମକ ଋଷି ରହୁଛନ୍ତି। ତାଙ୍କର କନ୍ୟା ରେବତୀ ମୋର କନ୍ୟା ସଦୃଶ। ମୁଁ ଚାହୁଁଛି, ଗୁରୁ ଦକ୍ଷିଣା ସ୍ୱରୂପ ତା'ର ପାଣିଗ୍ରହଣ କର। କଠ ଗୁରୁଙ୍କ ଆଜ୍ଞା ଶ୍ରଦ୍ଧାର ସହିତ ପାଳନ କଲେ।

ବିବାହ ପରେ କଠ ଆଶ୍ରମ ଛାଡ଼ିଲେ। ପରେ ଶିବଙ୍କ ଉଦ୍ଦେଶ୍ୟରେ କଠୋର ତପସ୍ୟା କଲେ। ତାଙ୍କର ଅପୂର୍ବ ଗୁରୁ ଭକ୍ତିରେ ଶିବ ସନ୍ତୁଷ୍ଟ ହେଲେ। ତାଙ୍କୁ ସୁଖୀ ଓ ସୁସ୍ଥ ରହିବା ସହ ତାଙ୍କ କୁଳରେ ବ୍ରହ୍ମ ବିଦ୍ୟାର ଉପାସକ ଓ ପ୍ରଚାରକ ଜନ୍ମ ନେବେ ବୋଲି ବରଦାନ କରିଥିଲେ। ପାର୍ବତୀ ମଧ୍ୟ ରେବତୀକୁ ସୌଭାଗ୍ୟବତୀ, ପତିବ୍ରତା ହେବେ ବୋଲି ବର ଦେଇଥିଲେ। କିଛିଦିନ ପରେ କଠ ନିଜର ଆଶ୍ରମ ସ୍ଥାପନ କରିଥିଲେ ଓ କଠୋପନିଷଦ ରଚନା କରିଥିଲେ। ଗୁରୁ ଭକ୍ତି କାରଣରୁ କଠ ଏଭଳି ଏକ ଉପନିଷଦ ରଚନାରେ ସମର୍ଥ ହୋଇଥିଲେ। ସେହି ଉପନିଷଦ ହିଁ ତାଙ୍କର ସନ୍ତାନ ଭଳି ଥିଲା, ଯାହା କଠଙ୍କ ନାମରେ ନାମିତ ହୋଇ- 'କଠୋପନିଷଦ' ହେଲା।

ନିତିଦିନ NITIDIN



## ଭୂମିପୁତ୍ର ସେବା ପ୍ରତିଷ୍ଠାନ ପକ୍ଷରୁ ମକ୍‌ଡ୍ରିଲ୍



**ସୋର,୨୫।୬/ଏନ୍‌ଏନ୍‌ଏସ୍:** ଭୂମିପୁତ୍ର ସେବା ପ୍ରତିଷ୍ଠାନ ପକ୍ଷରୁ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ବାଲେଶ୍ୱର ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ସିମୁଳିଆ ବ୍ଲକ୍ ପ୍ରଶାସନ ଓ ବନ୍ୟା ଆଶ୍ରୟସ୍ଥଳୀ ପରିଚାଳନା ସମିତିର ସହଯୋଗରେ ଏକ ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ସିମୁଳିଆ ତହସିଲଦାର୍ ସୌମ୍ୟ ରଞ୍ଜନ ରାଉତ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥିଭାବେ ସିମୁଳିଆ ଫାୟାର୍ ଅଫିସର୍ ମାନସ ରଞ୍ଜନ ନାୟକ, ଏଇଇ ସରୋଜ କୁମାର ଟିଗ୍, ଜେଇଇ ଅଜୟ ମାଝୀଚାଲୁନିଗାଁ, ସରପଞ୍ଚ ମମତା ରାଣୀ ନାୟକ, ବାଟି ସରପଞ୍ଚ ହରପ୍ରିୟା ମଲ୍ଲିକ, ବାଟି ଓ ଚାଲୁନିଗାଁ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ରାଜସ୍ୱ ନିରୀକ୍ଷକ, ବନ୍ୟା ଆଶ୍ରୟସ୍ଥଳୀର ସମ୍ପାଦକ ବନମାଳି ନାୟକ ଓ ପ୍ରଦୀପ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ । ସିମୁଳିଆ ଅଗ୍ନିଶମ ବିଭାଗ ପକ୍ଷରୁ ବିପର୍ଯ୍ୟୟ ସମୟରେ ବିଭିନ୍ନ କୌଶଳ ପ୍ରଶିକ୍ଷଣ ପ୍ରଦାନ କରଯାଇଥିଲା । ପ୍ରାଥମିକ ଚିକିତ୍ସା, ବନ୍ୟା, ବାତ୍ୟା ଓ ଆଗ୍ନିକ ଦୁର୍ଘଟଣା ସମୟରେ କ'ଣ କରିବାର ଅଛି ସେନେଇ ପ୍ରଶିକ୍ଷଣ ପ୍ରଦାନ କରଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗ୍ରାମର ଯୁବଗୋଷ୍ଠୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ପଞ୍ଚାୟତ ପ୍ରତିନିଧି, ଟାସ୍କ ଫୋର୍ସ ସ୍ୱେଚ୍ଛାସେବୀ ଓ ଗ୍ରାମର ଜନସାଧାରଣ ଉପସ୍ଥିତ ଥିଲେ । ଭୂମିପୁତ୍ରର ସମ୍ପାଦକ ଶିଶିର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ରାଜସ୍ୱ କ୍ଷେତ୍ର କର୍ମଚାରୀଙ୍କ 'ମିଶନ୍ ସ୍ୱାଭିମାନ' ଆନ୍ଦୋଳନ ତୀବ୍ର

**ଭଦ୍ରକ,୨୫।୬/ଏନ୍‌ଏନ୍‌ଏସ୍:** ଓଡ଼ିଶାର ୩୦ଟି ଜିଲ୍ଲା ଓ ୩୧୭ଟି ତହସିଲ୍‌ରେ ରାଜସ୍ୱ ପ୍ରଶାସନର ମେରୁଦଣ୍ଡ ସାଜିଥିବା ରାଜସ୍ୱ କ୍ଷେତ୍ର କର୍ମଚାରୀ ଏବଂ ରାଜସ୍ୱ ନିରୀକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ରୂପ ନେଇଛି । ଅମାନୁଷିକ କାର୍ଯ୍ୟଭାର, ଭିତ୍ତିଭୂମିର ଅଭାବ, ବର୍ଷ ବର୍ଷ ଧରି ପଡ଼ି ରହିଥିବା ଦାବିର ସମାଧାନ ନହେବା ଓ କର୍ମଚାରୀ ସଂଖ୍ୟା ଘଟାଇବା ପ୍ରତିବାଦରେ ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ପକ୍ଷରୁ 'ମିଶନ୍ ସ୍ୱାଭିମାନ' ନାମରେ ରାଜ୍ୟବ୍ୟାପୀ ଆନ୍ଦୋଳନ ଆରମ୍ଭ କରାଯାଇଛି । ଭଦ୍ରକ ଜିଲ୍ଲା ସଂଘ ସଭାପତି ଧନେଶ୍ୱର ମାରାଣ୍ଡିଙ୍କ ନେତୃତ୍ୱରେ ଜିଲ୍ଲାର ସମସ୍ତ ୭ଟି ତହସିଲ୍‌ର କ୍ଷେତ୍ର କର୍ମଚାରୀ, ରାଜସ୍ୱ ନିରୀକ୍ଷକ ଓ ଅନ୍ୟାନ୍ୟ କର୍ମଚାରୀମାନେ ନିଜ ନିଜ ତହସିଲଦାର୍‌ଙ୍କୁ ଦାବିପତ୍ର ପ୍ରଦାନ କରିଥିବାବେଳେ ଜିଲ୍ଲା ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଆନ୍ଦୋଳନର ପ୍ରଥମ ପର୍ଯ୍ୟାୟରେ ଜୁନ୍ ୨୨ ତାରିଖରୁ କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ କରୁଥିବାବେଳେ ଆଜିଠାରୁ ସମସ୍ତ ସରକାରୀ ହ୍ୱାଟ୍ସଆପ୍ ଗ୍ରୁପ୍ ଛାଡ଼ି ଦେଇଛନ୍ତି । ଆସନ୍ତା ଜୁନ୍ ୩୦ରୁ ଅନଲାଇନ୍ କାର୍ଯ୍ୟବନ୍ଦ ଏବଂ ଦାବିପୂରଣ ନହେଲେ ଜୁଲାଇ ୧ରୁ ସମୂହ ଛୁଟି ଓ ଇସ୍ତଫା ଦେବାକୁ ସଂଘ ଚେତାବନୀ ଦେଇଛି ।

ସଂଘର ଅଭିଯୋଗ ଅନୁଯାୟୀ, ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ୯,୯୧୦ଟି ପଦବୀ ମଧ୍ୟରୁ

> **କଳାବ୍ୟାଜ୍ ପରିଧାନ, ସରକାରୀ ହ୍ୱାଟ୍ସଆପ୍ ଗ୍ରୁପ୍ ବର୍ଜନ**
>
> **ଜୁଲାଇ ୧ରୁ ଗଣଛୁଟି ଓ ଇସ୍ତଫା ଚେତାବନୀ**

୪,୫୬୬ଟି ପଦବୀ ଖାଲି ପଡ଼ିଥିବାରୁ ମାତ୍ର ୫୦ ପ୍ରତିଶତ କର୍ମଚାରୀଙ୍କୁ ନେଇ ପ୍ରାୟ ୨୦୦ ପ୍ରତିଶତ କାର୍ଯ୍ୟ ସମ୍ପାଦନ କରାଯାଉଛି । ଗ୍ରୁପ୍-ଡି କର୍ମଚାରୀ ଅଭାବରୁ ଆର୍‌ଆଇ ଓ ଏଆର୍‌ଆଇମାନେ ଅଫିସ୍ ପରିଚାଳନା, ନୋଟିସ୍ ବଣ୍ଟନ ଓ ବିଦ୍ୟୁତ୍ ବିଲ୍ ପୈଠ ଭଳି କାମ ନିଜ ଖର୍ଚ୍ଚରେ କରିବାକୁ ବାଧ ହେଉଛନ୍ତି । ଏହାସହ ଲାପଟପ୍, ପ୍ରିଣ୍ଟର୍, ଇଣ୍ଟରନେଟ୍ ଓ ଅନ୍ୟାନ୍ୟ ମୌଳିକ ସୁବିଧା ନଥିବା ସତ୍ତ୍ୱେ ମ୍ୟୁଟେସନ୍, ପ୍ରମାଣପତ୍ର ଓ ଇ-ପାଉତି ଭଳି ଗୁରୁତ୍ୱପୂର୍ଣ୍ଣ ଅନଲାଇନ୍ ସେବା ନିଜସ୍ୱ ସମ୍ବଳରେ ପ୍ରଦାନ କରାଯାଉଛି । ବାକି ରହିଥିବା ଯାତ୍ରା ଭତ୍ତା ଓ ମୋବାଇଲ୍ ଭତ୍ତା ମଧ୍ୟ ଏପର୍ଯ୍ୟନ୍ତ ପ୍ରଦାନ କରାଯାଇନଥିବା ସଂଘ ଦାବି କରିଛି । ସଂଘ ଆହୁରି କହିଛି ଯେ ରାଜସ୍ୱ କାର୍ଯ୍ୟ ବ୍ୟତୀତ ସୁଭଦ୍ରା ଯୋଜନା, ଧାନ ସଂଗ୍ରହ, ଜନ୍ମମୃତ୍ୟୁ ପ୍ରମାଣପତ୍ର ଯାଞ୍ଚ ଓ ଅନ୍ୟାନ୍ୟ ଅଣରାଜସ୍ୱ କାର୍ଯ୍ୟରେ ନିୟୋଜିତ ହେବା ଫଳରେ କର୍ମଚାରୀମାନେ ଦୈନିକ ୧୨ରୁ ୧୮ ଘଣ୍ଟା ପର୍ଯ୍ୟନ୍ତ କାମ କରିବାକୁ ବାଧ ହେଉଛନ୍ତି । ଏହା ସେମାନଙ୍କ ପାରିବାରିକ ଜୀବନ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ଗୁରୁତର ପ୍ରଭାବ ପକାଉଥିବା ସଂଘ ଅଭିଯୋଗ କରିଛି ।



ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ଏହି ଆନ୍ଦୋଳନ ସରକାର କିମ୍ବା ଜନସାଧାରଣଙ୍କ ବିରୋଧରେ ନୁହେଁ ବରଂ ରାଜସ୍ୱ ପ୍ରଶାସନକୁ ଅଧିକ ସୁଦୃଢ଼, ଦକ୍ଷ ଓ ଜନମୁଖୀ କରିବା ଉଦ୍ଦେଶ୍ୟରେ କରାଯାଉଛି । ପର୍ଯ୍ୟାପ୍ତ କର୍ମଚାରୀ, ଭିତ୍ତିଭୂମି ଓ ଆବଶ୍ୟକ ସୁବିଧା ଉପଲବ୍ଧ ହେଲେ ଜନସାଧାରଣଙ୍କୁ ଅଧିକ ତ୍ୱରିତ ଓ ସ୍ୱଚ୍ଛ ରାଜସ୍ୱ ସେବା ପ୍ରଦାନ ସମ୍ଭବ ହେବ ବୋଲି ସଂଘ ମତପ୍ରକାଶ କରିଛି । ମୁଖ୍ୟ ଦାବି ମଧ୍ୟରେ କଲମ-୨ କାର୍ଯ୍ୟକ୍ରମରୁ ବାଧ୍ୟତାମୂଳକ ଟାର୍ଗେଟ୍ ହଟାଇବା, ଅତିରିକ୍ତ କର୍ମଚାରୀ ନିଯୁକ୍ତି, ଅଣରାଜସ୍ୱ କାର୍ଯ୍ୟବନ୍ଦ, ସମସ୍ତ ଆର୍‌ଆଇ କାର୍ଯ୍ୟାଳୟକୁ ଆବଶ୍ୟକ ଡିଜିଟାଲ୍ ଭିତ୍ତିଭୂମି ଯୋଗାଇବା, ବକେୟା ଭତ୍ତା ପ୍ରଦାନ, ରବିବାର ଓ ସରକାରୀ ଛୁଟିଦିନରେ କାର୍ଯ୍ୟଭାର ବନ୍ଦ କରିବା, କ୍ୟାଡର୍ ପୁନର୍ଗଠନ ଓ ସମସ୍ତ ଖାଲି ପଦବୀ ପୂରଣ ଆଦି ରହିଛି । ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କ ନିକଟରେ ସକାରାତ୍ମକ ହସ୍ତକ୍ଷେପ ଓ ଆଲୋଚନା ମାଧ୍ୟମରେ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଅନୁରୋଧ କରିଛି । 'ମିଶନ୍ ସ୍ୱାଭିମାନ' କେବଳ କର୍ମଚାରୀଙ୍କ ଅଧିକାର ପାଇଁ ନୁହେଁ, ବରଂ ଓଡ଼ିଶାର ରାଜସ୍ୱ ପ୍ରଶାସନକୁ ଅଧିକ ସଶକ୍ତ ଓ ଜନମୁଖୀ କରିବା ଲାଗି ଏକ ଗଣତାନ୍ତ୍ରିକ ପ୍ରୟାସ ବୋଲି ସଂଘ ପକ୍ଷରୁ କୁହାଯାଇଛି । ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ ସମୟରେ ରାଜ୍ୟ ସଂଘ ଉପସଭାପତି ଜ୍ୟୋତିରଞ୍ଜନ ପଣ୍ଡା, ଜିଲ୍ଲା ସଂଘ ସଭାପତି ଧନେଶ୍ୱର ମାରାଣ୍ଡି, ସମ୍ପାଦକ ଶରତ ମହାନ୍ତିଙ୍କ ସମେତ ବହୁ ଆର୍‌ଆଇ, ଏଆର୍‌ଆଇ ଓ କ୍ଷେତ୍ର କର୍ମଚାରୀ ଉପସ୍ଥିତ ଥିଲେ ।

## 'ୟୁଟ୍ୟୁବର୍ ସେବା ପରିବାର' ପକ୍ଷରୁ ସିଲିକୋସିସ୍ ରୋଗୀଙ୍କୁ ସହାୟତା

**ସୋର,୨୫।୬/ଏନ୍‌ଏନ୍‌ଏସ୍:** ସୋରର 'ୟୁଟ୍ୟୁବର୍ ସେବା ପରିବାର' ପକ୍ଷରୁ ବାହାନଗା ବ୍ଲକ୍ କସବା ଜୟପୁର ପଞ୍ଚାୟତ ଅନ୍ତର୍ଗତ ଡାଲିଙ୍ଗିଆ ଗ୍ରାମର ସିଲିକୋସିସ୍ ରୋଗରେ ପୀଡ଼ିତ ଲକ୍ଷ୍ମୀଧର ଜେନାଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇଛି । ଲକ୍ଷ୍ମୀଧର ଦୀର୍ଘ ବର୍ଷ ଧରି ମୂର୍ତ୍ତି କାରିଗର ଭାବେ କାମ କରି ପରିବାର ଚଳାଉଥିଲେ । ତେବେ ଅସୁସ୍ଥ ହେବା ପରେ ଡାକ୍ତରୀ ପରୀକ୍ଷାରେ ସେ ସିଲିକୋସିସ୍ ରୋଗରେ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା । ରୋଗ ଧରାପଡ଼ିବା ପରଠୁ ସେ କାମ କରିବାକୁ ଅସମର୍ଥ ହୋଇପଡ଼ିଛନ୍ତି । ଚିକିତ୍ସାରେ ବହୁ ଅର୍ଥ ଖର୍ଚ୍ଚ ହୋଇସାରିଥିବାରୁ ପରିବାର ଏବେ ଆର୍ଥିକ ସଙ୍କଟ ମଧ୍ୟରେ ରହିଛି । ଘରେ ଛୋଟ ପିଲା ଓ ବୃଦ୍ଧ ପିତାମାତା ଥିବାରୁ ପରିବାର ଚିନ୍ତାରେ ଦିନ କାଟୁଛି । ଏହି ପରିସ୍ଥିତି ବିଷୟରେ ଜାଣିବା ପରେ 'ୟୁଟ୍ୟୁବର୍ ସେବା ପରିବାର' ପକ୍ଷରୁ ଏକ ମାସର ରାସନ୍ ସାମଗ୍ରୀ ଓ କିଛି ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା ।



ପରିବାର ପକ୍ଷରୁ ସଞ୍ଜୟ ନାୟକ, ଯୁଗେଶ ମହାନ୍ତି, ମନ୍ମଥ ଜେନା, ଇତିସ୍ମିତା ମହାନ୍ତି, ସରସ୍ୱତୀ ଧଳ, ସୁପ୍ରିୟା ନାୟକ, ସରସ୍ୱତୀ ଖୁଣ୍ଟିଆ ଓ ସସ୍ମିତା ଗୋଛାୟତ ଉପସ୍ଥିତ ରହି ଏହି ପରିବାରକୁ ସାନ୍ତ୍ୱନା ଦେଇଥିଲେ । ସମାଜର ସହୃଦୟ ବ୍ୟକ୍ତି ଓ ପ୍ରଶାସନକୁ ମଧ୍ୟ ଆଗକୁ ଆସି ସହଯୋଗ କରିବାକୁ ସଂଗଠନ ପକ୍ଷରୁ ଅନୁରୋଧ କରାଯାଇଥିଲା । ସେବା ଓ ମାନବିକତାର ଏହି ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ସ୍ୱାଗତ କରାଯାଇଛି ।

## ଭଞ୍ଜସେନାର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା

**ବାରିପଦା,୨୫।୬/ଏନ୍‌ଏନ୍‌ଏସ୍:** ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଅନୁମୋଦନକ୍ରମେ ନୂତନ କର୍ମକର୍ତ୍ତାଙ୍କ ସହିତ ଜିଲ୍ଲା ଯୁବ ଛାତ୍ର ଶାଖା ଗୁଡ଼ିକର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି । ଜିଲ୍ଲା ଉପସଭାପତି ସିଙ୍ଗରାୟ ହେମ୍ବ୍ରମ୍, ଜିଲ୍ଲା ସାଧାରଣ ସମ୍ପାଦକ ସୂର୍ଯ୍ୟ ବର୍ଦ୍ଧନ ସିଂହଦେଓ, ଜିଲ୍ଲା ଯୁବଛାତ୍ର ସଂଯୋଜକ ଏସ୍ କେ ରାଜାଖାନ୍, ଜିଲ୍ଲା ଯୁବଶାଖା ସଭାପତି କିଷନ କୁମାର ସାହୁ, ଜିଲ୍ଲା ଯୁବଶାଖା କାର୍ଯ୍ୟକାରୀ ସଭାପତି ଏମ୍ ଡି ରାଜା, ଜିଲ୍ଲା ଯୁବଶାଖା ଉପସଭାପତି ଦେବାଶିଷ ଦାସ, ରଘୁନାଥ ଦାସ, ଏମ୍ ଡି ଇସଲାମ୍, ଜିଲ୍ଲା ଯୁବଶାଖା ସାଧାରଣ ସମ୍ପାଦକ ସଞ୍ଜୟ ମହାନ୍ତ, ପାଞ୍ଚପୀଢ଼ ଉପଖଣ୍ଡ କାର୍ଯ୍ୟକାରୀ ସଭାପତି ଶୁଭଜିତ ଦାସଅଧିକାରୀ, ଜିଲ୍ଲା ଯୁବଶାଖା ବାରିପଦା ସହର ସଭାପତି ସଞ୍ଜୟ ମାହାର୍ଣ୍ଣା, ଜିଲ୍ଲା ଛାତ୍ରଶାଖା ସଭାପତି ଦୀପକ ବେହେରା, ଜିଲ୍ଲା ଛାତ୍ରଶାଖା ଉପସଭାପତି ରୁଦ୍ର ପଟ୍ଟନାୟକ, ଜିଲ୍ଲା ଛାତ୍ରଶାଖା ସାଧାରଣ ସମ୍ପାଦକ ମନୋଜ କୁମାର ସାହୁ, ରରୁଆଁ ବ୍ଲକ୍ ସଭାପତି ବିଶାଳ କୁମାର ସୁଲତାନିଆ, ଶୁକ୍ଳି ବ୍ଲକ୍ କାର୍ଯ୍ୟକାରୀ ସଭାପତି ଦିବ୍ୟଜ୍ୟୋତି ବେହେରା ଓ ସୋସିଆଲ୍ ମିଡିଆ ସହସଂଯୋଜକ ଦିବ୍ୟଜ୍ୟୋତି ଦାସ ପ୍ରମୁଖଙ୍କ ନାମ ଘୋଷଣା କରାଯାଇଛି । ଶିମିଳିପାଳର ସମ୍ପୂର୍ଣ୍ଣ ସୁରକ୍ଷା ସହିତ ପର୍ଯ୍ୟଟନ ଶିଳ୍ପ ଓ ପ୍ରାକୃତିକ ସମ୍ପଦର ଉପଯୋଗରେ ବେରୋଜଗାରଙ୍କୁ ରୋଜଗାରକ୍ଷମ କରାଇ ଜିଲ୍ଲାର ଦାଦନ ସମସ୍ୟା ଦୂର କରିବା ଲକ୍ଷ୍ୟ ନେଇ ମଶାଲ୍ ଶୋଭାଯାତ୍ରା କାର୍ଯ୍ୟକ୍ରମ ମାଧ୍ୟମରେ ସାଧାରଣଜନତାଙ୍କୁ ସଚେତନ କରିବା ସହିତ ସରକାରଙ୍କ ଉପରେ ଚାପ ସୃଷ୍ଟି ନିମନ୍ତେ ସଂଘର୍ଷରତ ଭଞ୍ଜସେନା ପକ୍ଷରୁ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ରତର କରିବାରେ ଏହି ନୂତନ କମିଟି ଅଧିକ ଲାଭପ୍ରଦ ହେବ । ଏହାସହ ଦାବିପୂରଣ ନହେବା ପର୍ଯ୍ୟନ୍ତ ସଂଗଠନ ପକ୍ଷରୁ ଆନ୍ଦୋଳନ ଜାରି ରହିବ ବୋଲି ଜିଲ୍ଲା ମୁଖପାତ୍ର ଜ୍ୟୋତି ରଞ୍ଜନ ପୃଷ୍ଟି ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

## 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ଉଦ୍‌ଯାପିତ




**ଖଇରା,୨୫।୬/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଉତ୍ସବ 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ଖଇରା ବ୍ଲକ୍‌ରେ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ଅଧିକାରୀଙ୍କ ଦ୍ୱାରା ଖଇରା ପଞ୍ଚାୟତ ସମିତିରେ ୨ ବର୍ଷ ମଧ୍ୟରେ ବିଭିନ୍ନ ଯୋଜନାରେ ଖର୍ଚ୍ଚ ହୋଇଥିବା ଅର୍ଥର ହିସାବ ପ୍ରଦାନ କରାଯାଇଥିଲା । ବିଧାୟକ ପଦ୍ମଲୋଚନ ପଣ୍ଡା, ବ୍ଲକ୍ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲ୍ଲାପରିଷଦ ସଭ୍ୟ ମାନସ କୁମାର ଦାଶ, ସଭ୍ୟା ରଶ୍ମିତା ମହାପାତ୍ର ଓ ଅତିରିକ୍ତ ତହସିଲଦାର୍ ରାଜେଶ ପ୍ରିୟଦର୍ଶୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖଇରା ବ୍ଲକ୍‌ରେ ସମସ୍ତ ଯୋଜନାର ସଫଳ ରୂପାୟନ ହୋଇଥିବାରୁ ବ୍ଲକ୍ ପ୍ରଶାସନକୁ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ବ୍ଲକ୍‌କୁ ଆଗକୁ ନେବାରେ ସହଯୋଗ କରିଥିବା ବିଡିଓ ନାରାୟଣ ସାହୁ, ବଡ଼ବାବୁ ବ୍ରହ୍ମାନନ୍ଦ ଦାଶ, ବିଏଫ୍‌ଓ ରୁଦ୍ରମାଧବ ବେହେରା, ସିଡିପିଓ ଉର୍ମିଳା ବେହେରା, ବିଏସ୍‌ଏସ୍‌ଓ ସରୋଜ କୁମାର ନାୟକ ଓ ବିପିସି ଅନନ୍ତ କୁମାର କୁଅଁର ତଥା ୪ ଦିନ ଧରି ମଞ୍ଚ ପରିଚାଳନା କରୁଥିବା ବିଜୟ କେତନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ବୟସ୍କ ବିଧବାଙ୍କୁ ନୂତନ ଭାବେ ଭତ୍ତା, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜାନରେ ନୂତନ ରାସନ୍ କାର୍ଡ, ଅଙ୍ଗନବାଡ଼ି କର୍ମୀଙ୍କୁ ନୂଆ ମୋବାଇଲ୍ ଓ ଅସହାୟଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ୪ ଦିନ ଧରି ବ୍ଲକ୍‌ର ସମସ୍ତ କର୍ମଚାରୀ ୨ ବର୍ଷ ପୂର୍ତ୍ତି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

## ରାଇସୁଆଁ କଲେଜ ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କେନ୍ଦୁଝର,୨୫।୬/ଏନ୍‌ଏନ୍‌ଏସ୍:** କେନ୍ଦୁଝର ସଦର ବ୍ଲକ୍‌ର ରାଇସୁଆଁରେ ଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରତିନ୍ଦ୍ର କୁମାର ପରିଡ଼ାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଶ୍ରୀ ପରିଡ଼ା ରାଇସୁଆଁ ମହାବିଦ୍ୟାଳୟ ସ୍ଥାପନା ହେବା ଦିନଠାରୁ ଇତିହାସ ଅଧ୍ୟାପକ ଭାବେ ଅଧ୍ୟାପନା କରୁଥିଲେ । ପରେ ସେ ଅଧ୍ୟକ୍ଷ ଦାୟିତ୍ୱରେ ଦୀର୍ଘଦିନ ରହି ଅବସର ନେଇଛନ୍ତି । ଏହି କାର୍ଯ୍ୟକ୍ରମରେ ରାଇସୁଆଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ବିପିନ ବିହାରୀ ସାହୁ ଅଧ୍ୟକ୍ଷତା କରି ବିଦାୟୀ ଅଧ୍ୟକ୍ଷ ଶ୍ରୀ ପରିଡ଼ାଙ୍କ କାର୍ଯ୍ୟକାଳ ସମୟରେ କଲେଜର ଉତ୍ତରୋତ୍ତର ଉନ୍ନୟନ ହୋଇଥିବା କହି ତାଙ୍କର ପ୍ରଶଂସା କରିଥିଲେ । ଏଥିରେ କଲେଜର ସଂସ୍ଥାପକ ସମ୍ପାଦକ ପଦ୍ମନାଭ ଖଣ୍ଡା, ପ୍ରତିଷ୍ଠାତା ସଦସ୍ୟ ପ୍ରଫୁଲ୍ଲ ଘୋଷ, ଅବସରପ୍ରାପ୍ତ ଅଧ୍ୟାପକ ଆଶିଷ ରାଉତ, +୩ ମହାବିଦ୍ୟାଳୟ ଅଧ୍ୟକ୍ଷା ଧନଲକ୍ଷ୍ମୀ ବିଷ୍ଣୁପ୍ରିୟା, କଲେଜ ପରିଚାଳନା କମିଟି ସଦସ୍ୟ ଶରତ ଚନ୍ଦ୍ର ଦାସ, ଲାଇବ୍ରେରୀଆନ୍ ଅଜୟ କୁମାର ସାହୁ, କେନ୍ଦୁଝର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଓ ଝୁମ୍ପୁରା କଲେଜର ଅଧ୍ୟାପକ ପ୍ରମୁଖ ବିଦାୟୀ ଅଧ୍ୟକ୍ଷ ଶ୍ରୀ ପରିଡ଼ାଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ ।ମୁଖ୍ୟଅତିଥି ତଥା କେନ୍ଦୁଝରର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ (ଡିଆଇବି) ଜ୍ୟୋତିର୍ମୟ ଭୁକ୍ତା ବିଦାୟୀ ଅଧ୍ୟକ୍ଷ ଶ୍ରୀ ପରିଡ଼ାଙ୍କ ମହାବିଦ୍ୟାଳୟରେ କାର୍ଯ୍ୟଶୈଳୀକୁ ନେଇ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସର୍ବୋପରି ଅଭିଭାବକଙ୍କ ନିକଟରେ ପରିଚିତ ଥିବା ଆଜିର ବିଦାୟୀକାଳୀନ ସଭାରୁ ଅନୁଭବ କରୁଛି ବୋଲି ମତପୋଷଣ କରିଥିଲେ । ଅଧ୍ୟାପିକା ସୁଜାତା ମିଶ୍ର ସଭା ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । କଲେଜ ପକ୍ଷରୁ ବିଦାୟୀ ଅଧ୍ୟକ୍ଷଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପହାର ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମାଜସେବୀ ଓ ପରିଚାଳନା କମିଟି ସଦସ୍ୟ ସେବତୀ ସିଂ, ଗୀତାରାଣୀ ଦାଶ, ମୁରଲୀଧର ରାଉତ, ଯୋଗେନ ସାହୁ, ମହମ୍ମଦ ତାହିର, ରକ୍ଷକର ରାଉତ, ବୃଷଭାନୁ ରାଉତ ଓ ସହଦେବ ଘୋଷଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।



## ବାବା ବାଲୁକେଶ୍ୱର ମନ୍ଦିରର ପୁନଃପ୍ରତିଷ୍ଠା ଓ ନାମଯଜ୍ଞ

**ବୈଶିଙ୍ଗା,୨୫।୬/ଏନ୍‌ଏନ୍‌ଏସ୍:** ବୈଶିଙ୍ଗା ଥାନା ଅନ୍ତର୍ଗତ ରାଇକମା ଗ୍ରାମରେ ପୂଜା ପାଉଥିବା ବାବା ବାଲୁକେଶ୍ୱର ମହାଦେବ ମନ୍ଦିରର ପୁନଃପ୍ରତିଷ୍ଠା ହୋଇଥିବା ଜଣାଯାଇଛି । ମନ୍ଦିରର ନବୀକରଣ ପରେ ଗତ ୧୯ ଓ ୨୦ ତାରିଖ ଦୁଇ ଦିନ ଧରି ବୈଦିକ ବ୍ରାହ୍ମଣଙ୍କ ଦ୍ୱାରା ପ୍ରତିଷ୍ଠା କାର୍ଯ୍ୟ କରାଯାଇଥିଲା । ୧୯ ତାରିଖରେ ଆରମ୍ଭ କରାଯାଇଥିବା ଅଷ୍ଟମ ପ୍ରହର ନାମଯଜ୍ଞ ୨୦ ତାରିଖରେ ସମ୍ପନ୍ନ ହୋଇଥିଲା । ଏହାସହ ତୁଳସୀ



ପ୍ରତିଷ୍ଠା, ୧୦୮ କ୍ଷିରାଭିଷେକ ଓ ଶୀତଳ ଷଷ୍ଠୀ ଦିନ ଶିବ ବିବାହ ଅନୁଷ୍ଠିତ ହୋଇଥିଲା । ଏଥିପାଇଁ ଶିବ ପାର୍ବତୀଙ୍କୁ ନେଇ ଗ୍ରାମ ପରିକ୍ରମା କରାଯାଇଥିଲା । ବୈଦିକ ବ୍ରାହ୍ମଣ ଭାବେ ପ୍ରଫୁଲ୍ଲ କୁମାର ମିଶ୍ର, ଅଶ୍ୱନୀ ମିଶ୍ର, ଅଜିତ କୁମାର ମିଶ୍ର ଓ ଦୀପ୍ତି ରଞ୍ଜନ ମିଶ୍ର ପ୍ରମୁଖ ବେଦ ଧ୍ୱନୀରେ ପୂଜାର୍ଚ୍ଚନା କରିଥିଲେ । ଅନ୍ନ ଯଜ୍ଞରେ ଦୁଇ ହଜାରରୁ ଅଧିକ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ । ଏଥିରେ ଶତାଧିକ ଗ୍ରାମବାସୀ ସହଯୋଗ କରିଥିଲେ ।

**ଶଙ୍କରପୁର ହତ୍ୟା ମାମଲା**

## ମୁଖ୍ୟ ଅଭିଯୁକ୍ତର ଆତ୍ମସମର୍ପଣ

**ବୈଶିଙ୍ଗା,୨୫।୬/ଏନ୍‌ଏନ୍‌ଏସ୍:** ଶଙ୍କରପୁର ହତ୍ୟା ଘଟଣାରେ ବୈଶିଙ୍ଗା ଥାନା ଅନ୍ତର୍ଗତ ଚୁଆପଦା ଗ୍ରାମର ଲକ୍ଷ୍ମୀଧର ଦାସ ଓରଫ ମୂଷା ବୈଶିଙ୍ଗା ଥାନାରେ ଆତ୍ମସମର୍ପଣ କରିଥିବା ଜଣାଯାଇଛି । ଏହି ଥାନା ସୀମାନ୍ତବର୍ତ୍ତୀ ଶଙ୍କରପୁର ଗ୍ରାମର ନଡ଼ିଆ ତୋଳାକୁ କେନ୍ଦ୍ରକରି ବଡ଼ଭାଇର ପ୍ରରୋଚନାରେ ସାନଭାଇକୁ ହତ୍ୟା କରିଥିବା ମୂଷା ୪ ଦିନ ଧରି ଫେରାର୍ ଥିବାବେଳେ ଗୁରୁବାର ଆତ୍ମସମର୍ପଣ କରିଥିଲା । ଉକ୍ତ ଘଟଣାଟି ବାଲେଶ୍ୱର ସଦର ଥାନା ଅଞ୍ଚଳରେ ହୋଇଥିବାରୁ ଅଭିଯୁକ୍ତକୁ ବାଲେଶ୍ୱର ସଦର ପୁଲିସ୍ ହାତରେ ଜିମା ଦିଆଯାଇଛି ।

ତେବେ ବାଲେଶ୍ୱର ପୁଲିସ୍ ମୂଷାର ଡାକ୍ତରୀ ମାଇନା କରି ସେ ହତ୍ୟାରେ ବ୍ୟବହାର କରିଥିବା ଧାରୁଆ ଅସ୍ତ୍ର ସହ ବାଲେଶ୍ୱର ନେଇ ଯାଇଛନ୍ତି । ଶୁକ୍ରବାର ଘଟଣାସ୍ଥଳକୁ ଆଣି ସିନ୍ ରିକ୍ରିଏସନ କରାଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି ।

## ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ




**ବାରିପଦା,୨୫।୬/ଏନ୍‌ଏନ୍‌ଏସ୍:** ବାରିପଦା ପୌରପାଳିକା କାର୍ଯ୍ୟାଳୟ ପକ୍ଷରୁ ବିକାଶର ଧାରା, ଓଡ଼ିଶା ସାରା ରାଜ୍ୟସ୍ତରୀୟ ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମର ସିଧାପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ବାରିପଦା ପୌରପାଳିକାର ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ, ଶ୍ରମ ବିଭାଗ କର୍ମଚାରୀ, ସମସ୍ତ ପାରିଷଦବୃନ୍ଦ, ସମସ୍ତ ବସ୍ତିବାସିନ୍ଦା, ଜନସାଧାରଣ, ଜଳସାଥୀ, ସ୍ୱଚ୍ଛସାଥୀ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ପୌରପାଳିକାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଏହି ଅବସରରେ ବିଧାୟକଯୋଗ୍ୟ ହିତାଧିକାରୀଙ୍କୁ ପିଏମ୍ ସ୍ୱନିଧି ଯୋଜନାର ଋଣ, ଆୟୁଷ୍ମାନ କାର୍ଡ, ଇ-ଶ୍ରମ କାର୍ଡ ଓ ରାସନ୍ କାର୍ଡ ପ୍ରଦାନ କରିଥିଲେ ।

# ଏନ୍‌ଫୋର୍ସମେଣ୍ଟ ଟିମ୍ ଉପରେ ଆକ୍ରମଣକୁ ଟିପିଏନ୍‌ଓଡିଏଲ୍‌ର ନିନ୍ଦା

**ଜନସାଧାରଣ ସହଯୋଗ କରିବାକୁ ଅପିଲ୍**

**ବାଲେଶ୍ୱର,୨୫।୬/ଏନ୍‌ଏନ୍‌ଏସ୍:** ଭଦ୍ରକ ଜିଲ୍ଲା ଚାନ୍ଦିପୁର ଗ୍ରାମକୁ ଗତ ୧୯ ତାରିଖରେ ବିଦ୍ୟୁତ୍ ଚୋରି ରୋକିବାକୁ ଯାଞ୍ଚ ପାଇଁ ଯାଇଥିବା ଏନଫୋର୍ସମେଣ୍ଟ ଟିମ୍ ଉପରେ ଆକ୍ରମଣକୁ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ପକ୍ଷରୁ ନିନ୍ଦା କରାଯାଇଛି । ଏନେଇ ଜନସାଧାରଣ ସହଯୋଗ କରିବାକୁ କମ୍ପାନୀ ପକ୍ଷରୁ ଅପିଲ୍ କରାଯାଇଛି । ସୂଚନାନୁସାରେ ସାଧାରଣ ବିଦ୍ୟୁତ୍ ବିତରଣ ବ୍ୟବସ୍ଥାର ସ୍ୱଚ୍ଛତା ବଜାୟ ରଖିବା ଏବଂ ଅଞ୍ଚଳର ସମସ୍ତ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଅଧିକାରୀମାନେ ନିଜ ଦାୟିତ୍ୱ ତୁଲାଉଥିଲେ । ଏନେଇ ଟିପିଏନ୍‌ଓଡିଏଲ୍ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଏଭଳି ଘଟଣାର ପୁନରାବୃତ୍ତି ରୋକିବା ପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ କରିଛି । ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଣ ନେଇ ଲାଇନମ୍ୟାନ୍, ଇଞ୍ଜିନିୟର୍, ସହକାରୀ ସଂସ୍ଥା କର୍ମଚାରୀ, ଏନଫୋର୍ସମେଣ୍ଟ କର୍ମଚାରୀ ଓ ଗ୍ରାହକ ସେବା ଅଧିକାରୀ ପ୍ରମୁଖ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଅକ୍ଲାନ୍ତ ପରିଶ୍ରମ କରିଥାନ୍ତି । ଦୁର୍ଗମ ଅଞ୍ଚଳ, ବିଳମ୍ବିତ ରାତି, ପ୍ରତିକୂଳ ପାଗ, ବାତ୍ୟା ତଥା କାଳବୈଶାଖୀ ସମୟରେ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରିବା, ଯାଞ୍ଚ କରିବା ଓ ଉପଭୋକ୍ତାଙ୍କୁ ଉପଯୁକ୍ତ ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ସଦାସର୍ବଦା କାର୍ଯ୍ୟରତ ରହିଥାନ୍ତି । ଏଭଳି ହିଂସାତ୍ମକ କାର୍ଯ୍ୟ କର୍ତ୍ତବ୍ୟରତ କର୍ମଚାରୀଙ୍କ ସୁରକ୍ଷାକୁ ବିପଦରେ ପକାଇବା ସହ ନିର୍ଭରଯୋଗ୍ୟ ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ଦିନରାତି କାର୍ଯ୍ୟରତ କର୍ମଚାରୀଙ୍କ ମନୋବଳ ହ୍ରାସ କରିଥାଏ । ଏହି ଘଟଣାକୁ ନିନ୍ଦା କରି ଟିପିଏନ୍‌ଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଷ୍ୟନ୍ତ କୁମାର ତ୍ୟାଗୀ କହିଛନ୍ତି ଯେ କମ୍ପାନୀ ଏଭଳି ଘଟଣାକୁ ଜନସ୍ୱାର୍ଥ ତଥା ବିକାଶର ଏକ ପ୍ରତିବନ୍ଧକ ଭାବେ ଗ୍ରହଣ କରେ । କ୍ଷେତ୍ରସ୍ତରରେ କାର୍ଯ୍ୟରତ ବିଦ୍ୟୁତ୍ ଅଧିକାରୀଙ୍କୁ ସହଯୋଗ କରିବା ସହ ସେମାନଙ୍କ କର୍ତ୍ତବ୍ୟରେ ବାଧା ସୃଷ୍ଟି କରୁଥିବା ଆଚରଣରୁ ବିରତ ରହିବାକୁ ଉପଭୋକ୍ତାଙ୍କୁ ସେ ଅନୁରୋଧ କରିଛନ୍ତି । ଏହାସହ ଟିପିଏନ୍‌ଓଡିଏଲ୍ ନିଜ ନିଜ ଅଞ୍ଚଳରେ ହେଉଥିବା ବିଦ୍ୟୁତ୍ ଚୋରି ସମ୍ପର୍କରେ ସୂଚନା ଦେବାକୁ ଉପଭୋକ୍ତାଙ୍କୁ ଆହ୍ୱାନ କରିଛି ।

ନିତିଦିନ NITIDIN



## ପ୍ରଥମ ପୃଷ୍ଠାରୁ

## କମର୍ସିଆଲ୍ ଏଲ୍‌ପିଜି ...

ଅନୁଯାୟୀ, ଯୋଗାଣ ସ୍ଥିତିରେ ସାମ୍ପ୍ରତିକ ସୁଧାର ଯୋଗୁଁ ଏଲପିଜି ଯୋଗାଣରେ ଏହି ସକାରାତ୍ମକ ପରିବର୍ତ୍ତନ ଆସିଛି। ଏହାଦ୍ୱାରା ବ୍ୟବସାୟିକ ଏବଂ ଶିଳ୍ପ ଗ୍ରାହକମାନେ ବହୁତ ଉପକୃତ ହେବେ, କାରଣ ଏହା ସେମାନଙ୍କର ପରିଚାଳନାଗତ ଖର୍ଚ୍ଚ ହ୍ରାସ କରିବ। ଏହି ନିଷ୍ପତ୍ତି ବଜାରରେ ଗ୍ୟାସର ଉପଲବ୍ଧତାକୁ ବଢ଼ାଇବ, ଯାହାଫଳରେ ଉତ୍ପାଦନ କାର୍ଯ୍ୟକଳାପ ବୃଦ୍ଧି ପାଇବ ଏବଂ ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେବ। ପଶ୍ଚିମ ଏସିଆ ସଙ୍କଟ ସମୟରେ, ଘରୋଇ ଏଲପିଜି ଉତ୍ପାଦନ ବୃଦ୍ଧି କରିବା ପାଇଁ ସରକାର ସ୍ୱତନ୍ତ୍ର ନିର୍ଦ୍ଦେଶ ଜାରି କରିଥିଲେ। ଅତ୍ୟାବଶ୍ୟକ ସାମଗ୍ରୀ ଆକ୍ଟ ଅଧୀନରେ ଏହି ନିର୍ଦ୍ଦେଶ ଜାରି କରାଯାଇଥିଲା। ଏଥିରେ ବିଶେଷ ଭାବେ ଏଲ୍‌ପିଜି ଉତ୍ପାଦନ ପାଇଁ ସି-୩, ସି-୪ ଷ୍ଟ୍ରିମ୍‌ଗୁଡ଼ିକୁ ପରିବର୍ତ୍ତନ କରିବାକୁ ବାଧ୍ୟତାମୂଳକ କରାଯାଇଥିଲା, ଯାହା ଅନ୍ୟଥା ପେଟ୍ରୋକେମିକାଲ୍ସ ଏବଂ ଅନ୍ୟାନ୍ୟ ଡାଉନ୍‌ଷ୍ଟ୍ରିମ୍ ପ୍ରୟୋଗ ପାଇଁ ବ୍ୟବହାର କରାଯାଉଥିଲା। ଘରୋଇ ଏଲପିଜି ଅଭାବର ମୁକାବିଲା ପାଇଁ ଏହି ପଦକ୍ଷେପ ନିଆଯାଇଥିଲା, ଯଦିଓ ଏହା ଶିଳ୍ପଗୁଡ଼ିକ ପାଇଁ କିଛି ସମସ୍ୟା ସୃଷ୍ଟି କରିଥିଲା। ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ ଏହାଦ୍ୱାରା ଘରୋଇ ଏଲପିଜିର ଉପଲବ୍ଧତା ଉପରେ କୌଣସି ପ୍ରତିକୂଳ ପ୍ରଭାବ ପଡ଼ିବ ନାହିଁ। ସୋଟାଲ୍ ସ୍ୱଦେଶୀ ଏଲପିଜି ଉତ୍ପାଦନ ଦୈନିକ କମ୍‌ରୁ କମ୍ ୪୦,୦୦୦ ମେଟ୍ରିକ ଟନ୍ ବଜାୟ ରଖାଯିବ। ସାଧାରଣ ଗ୍ରାହକମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ତାହା ନିଶ୍ଚିତ କରାଯିବ। ସରକାର ଘରୋଇ ଯୋଗାଣକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ଜାରି ରଖିବେ। ଏହି ନିଷ୍ପତ୍ତି ବଜାର ସନ୍ତୁଳନ ରକ୍ଷା କରିବ ଏବଂ ଗ୍ରାହକମାନେ ନିୟମିତ ଯୋଗାଣ ପାଇବା ଜାରି ରଖିବେ।

## ବଢ଼ିଲା ପାସ୍‌ପୋର୍ଟ ...

ସଂଶୋଧିତ ଦର ଆସନ୍ତା ଜୁଲାଇ ୧ରୁ ଲାଗୁ ହେବ। ବର୍ତ୍ତମାନ ୧୮ ବର୍ଷ କିମ୍ବା ତା'ଠାରୁ ଅଧିକ ବୟସ୍କ ଆବେଦନକାରୀଙ୍କ ପାଇଁ ୩୬ ପୃଷ୍ଠାର ପାସପୋର୍ଟ କିମ୍ବା ପୁନଃଜାରି (ରି-ଇସ୍ୟୁ) ପାସପୋର୍ଟର ସାଧାରଣ ଶୁଳ୍କ ୧,୫୦୦ ଟଙ୍କା ରହିଛି। ନୂଆ ଦର ଲାଗୁ ହେବା ପରେ ଆବେଦନକାରୀଙ୍କୁ ୨,୫୦୦ ଟଙ୍କା ଦେବାକୁ ହେବ। ସସେହିପରି ତତ୍କାଳ ସେବା ପାଇଁ ଦାମ ୩,୫୦୦ ଟଙ୍କାରୁ ବଢ଼ି ୫,୦୦୦ ଟଙ୍କା ହୋଇଛି। ସେହିଭଳି ୬୦ ପୃଷ୍ଠାର ପାସପୋର୍ଟ ପାଇଁ ସାଧାରଣ ଶୁଳ୍କ ୨,୦୦୦ ଟଙ୍କାରୁ ବଢ଼ି ୩,୫୦୦ ଟଙ୍କା ହୋଇଥିବା ବେଳେ ତତ୍କାଳ ସେବାରେ ଏହା ୪,୦୦୦ ଟଙ୍କାରୁ ବଢ଼ି ୬,୦୦୦ ଟଙ୍କା କରାଯାଇଛି। ବିଦେଶ ମନ୍ତ୍ରାଳୟ ପକ୍ଷରୁ ପାସପୋର୍ଟ (ସଂଶୋଧନ) ନିୟମ, ୨୦୨୬ ଅନୁଯାୟୀ ଏହି ସଂଶୋଧିତ ଶୁଳ୍କ ଘୋଷଣା କରାଯାଇଛି। ୨୦୧୨ ପରେ ପାସପୋର୍ଟ ଶୁଳ୍କରେ ଏହା ପ୍ରଥମ ବଡ଼ ପରିବର୍ତ୍ତନ। ଏହାବ୍ୟତୀତ ହଜିଯାଇଥିବା କିମ୍ବା କ୍ଷତିଗ୍ରସ୍ତ ପାସପୋର୍ଟ ବଦଳାଇବା ପାଇଁ ମଧ୍ୟ ଏବେ ଅଧିକ ଟଙ୍କା ଦେବାକୁ ପଡ଼ିବ। ୩୬ ପୃଷ୍ଠା ସାଧାରଣ ଶ୍ରେଣୀର ପାସପୋର୍ଟ ବଦଳାଇବା ପାଇଁ ୫,୦୦୦ ଟଙ୍କା ଓ ତତ୍କାଳ ସେବା ପାଇଁ ୭,୫୦୦ ଟଙ୍କା ଲାଗିବ। ସେହିପରି ୬୦ ପୃଷ୍ଠାର ପାସପୋର୍ଟ ବଦଳ ପାଇଁ ସାଧାରଣ ଶୁଳ୍କ ୬,୦୦୦ ଟଙ୍କା ଓ ତତ୍କାଳ ଶୁଳ୍କ ୮,୫୦୦ ଟଙ୍କା ଧାର୍ଯ୍ୟ ହୋଇଛି। ୧୮ ବର୍ଷରୁ କମ୍ ବୟସର ଆବେଦନକାରୀଙ୍କ ପାଇଁ ୩୬ ପୃଷ୍ଠାର ନୂଆ କିମ୍ବା ପୁନଃଜାରି ପାସପୋର୍ଟର ସାଧାରଣ ଶୁଳ୍କ ୧,୨୫୦ ଟଙ୍କା ଓ ତତ୍କାଳ ଶୁଳ୍କ ୪,୨୫୦ ଟଙ୍କା ରହିଛି। ନାବାଳକଙ୍କ ହଜିଯାଇଥିବା କିମ୍ବା କ୍ଷତିଗ୍ରସ୍ତ ପାସପୋର୍ଟ ବଦଳ ପାଇଁ ସାଧାରଣ ଶ୍ରେଣୀରେ ୪,୨୫୦ ଟଙ୍କା ଓ ତତ୍କାଳ ସେବାରେ ୬,୭୫୦ ଟଙ୍କା ଦେବାକୁ ପଡ଼ିବ। ବିଦେଶ ମନ୍ତ୍ରାଳୟ ସ୍ପଷ୍ଟ କରିଛି ଯେ ଜୁଲାଇ ୧ ତାରିଖରୁ ଆବେଦନ ହେଉଥିବା ସମସ୍ତ ପାସପୋର୍ଟ ଆବେଦନ ଉପରେ ଏହି ନୂଆ ଶୁଳ୍କ ଲାଗୁ ହେବ। ଜୁନ୍ ୨୦ରେ ପାସପୋର୍ଟ ଆଇନ, ୧୯୬୭ର ଧାରା ୨୪ ଅନୁଯାୟୀ ଜାରି ହୋଇଥିବା ବିଜ୍ଞପ୍ତିରେ ବିଭିନ୍ନ ଭ୍ରମଣ ଦଲିଲ ଓ ପାସପୋର୍ଟ ସମ୍ବନ୍ଧୀୟ ସେବାର ଶୁଳ୍କ ମଧ୍ୟ ସଂଶୋଧନ କରାଯାଇଛି। ୨୦୧୨ରେ ଶେଷଥର ପାଇଁ ପାସପୋର୍ଟ ଶୁଳ୍କ ବୃଦ୍ଧି କରାଯାଇଥିଲା। ସେତେବେଳେ ୩୬ ପୃଷ୍ଠାର ସାଧାରଣ ପାସପୋର୍ଟର ଶୁଳ୍କ ୧,୦୦୦ ଟଙ୍କାରୁ ୧,୫୦୦ ଟଙ୍କା ଓ ତତ୍କାଳ ପାସପୋର୍ଟ ଦାମ ୨,୫୦୦ ଟଙ୍କାରୁ ୩,୫୦୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା।

## ଫାଇନାଲ୍ ଚାର୍ଜସିଟ୍ ...

୧୬ଟି ପେନ୍ ଡ୍ରାଇଭ୍ ଦାଖଲ କରିଛି। ପୀତବାସଙ୍କ ସରକାରୀ ଓକିଲଙ୍କ ପକ୍ଷରୁ ଗୁରୁବାର ଫାଇନାଲ ଚାର୍ଜସିଟ ଦାଖଲ କରାଯାଇଥିବା କୋର୍ଟରେ ଦର୍ଶାଯାଇଛି। ବିକ୍ରମ ପଣ୍ଡାଙ୍କ ପକ୍ଷରୁ ଚାର୍ଜସିଟର କପି ପ୍ରଦାନ କରିବା ପାଇଁ ଆବେଦନ କରାଯାଇଛି। ଆଗାମୀ ଦିନରେ ପୁଣି ବିକ୍ରମ ପଣ୍ଡାଙ୍କ ପକ୍ଷରୁ ଡିସଚାର୍ଜ ପିଟିସନ ଆବେଦନ କରାଯାଇପାରେ ବୋଲି କହିଛନ୍ତି ତାଙ୍କ ଓକିଲ ଦୀପକ ପଟ୍ଟନାୟକ। ଏହି ମାମଲାରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ସମେତ ୧୬ ଜଣ ଅଭିଯୁକ୍ତ ରହିଛନ୍ତି। ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା ଓ ପୂର୍ବତନ ମେୟର ଶିବ ଶଙ୍କର ଦାଶଙ୍କ ସମେତ ମୋଟ ୧୬ ଜଣଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ରାଜେନ୍ଦ୍ର କୁମାର ସାହୁଙ୍କୁ ଜାମିନ ମିଳିଛି। ବ୍ୟକ୍ତିଗତ, ଆର୍ଥିକ ଓ ରାଜନୀତିକ କାରଣ ପାଇଁ ପୀତବାସ ପଣ୍ଡାଙ୍କୁ ହତ୍ୟା କରାଯାଇଛି ବୋଲି ପୂର୍ବରୁ ଏକ ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ଏସ୍‌ପି ସୂଚନା ଦେଇଥିଲେ।

## ୩ଙ୍କୁ ବାନ୍ଧିଲା ...

ଅନୁଦାନରେ ଏଲ୍‌ଇଡି ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନରେ ବ୍ୟାପକ ଅନିୟମିତତା ଓ ସରକାରୀ ପାଣ୍ଠିର ଆତ୍ମସାତ୍ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ଏହି ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। କେନ୍ଦୁଝର, ନୟାଗଡ଼ ଓ ଯାଜପୁର ଜିଲ୍ଲାରେ ହୋଇଥିବା ପ୍ରାୟ ୩କୋଟି ଟଙ୍କାର ଦୁର୍ନୀତିରେ ଯେଉଁ ୩ ଜଣ ଠିକାଦାରଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ମୟୂରଭଞ୍ଜ ଜିଲ୍ଲା ବାରିପଦାର ମେସର୍ସ ଟ୍ରାନ୍ସପାୱାରର ମାଲିକ ଗିରିଜା ଶଙ୍କର ଦାଶ, ଯାଜପୁର ଟାଉନର ମେସର୍ସ ବିରଜା ଇଲେକ୍ଟ୍ରିକାଲ୍ସ ଆଣ୍ଡ କନଷ୍ଟ୍ରକସନର ମାଲିକ ଧରଣୀଧର ସାହୁ ଓ ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ମେସର୍ସ ଯୋଗମାୟା ଟ୍ରେଡର୍ସର ମାଲିକ ବିଭୂତି ରଞ୍ଜନ ବିଶ୍ୱାଳ। ଏହି ୩ଜଣ ଠିକାଦାରଙ୍କ ବିରୁଦ୍ଧରେ ଭିଜିଲାନ୍ସ ପକ୍ଷରୁ ଦୁର୍ନୀତି ନିବାରଣ ଆଇନ ଓ ବିଭିନ୍ନ ସଙ୍ଗୀନ ଦଫାରେ ୩ଟି ପୃଥକ ପୃଥକ ମାମଲା ରୁଜୁ ହୋଇଛି। ତଦନ୍ତବେଳେ ଏହି ୩ଜଣ ଠିକାଦାର ଉକ୍ତ ୩ଟି ଜିଲ୍ଲାରେ ଠିକା କାମ ନେଇ ସରକାରୀ ଅର୍ଥ ହରିଲୁଟ୍ କରିବାରେ ମୁଖ୍ୟ ଅଭିଯୁକ୍ତ ସାଜିଥିବା ଜଣାପଡ଼ିଛି। ଭିଜିଲାନ୍ସର ସୂଚନା ଅନୁସାରେ, ପଂଚମ ରାଜ୍ୟ ଅର୍ଥ ଆୟୋଗଙ୍କ ଅନୁଦାନ ପାଣ୍ଠିରୁ ୨୦୨୧ରୁ ୨୦୨୩ ମସିହା ମଧ୍ୟରେ କେନ୍ଦୁଝର, ଯାଜପୁର ଓ ନୟାଗଡ଼ ଜିଲ୍ଲାରେ ପ୍ରାୟ ୧୦୦୦ଟି କ୍ଲଷ୍ଟରରେ ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ପାଇଁ ଅର୍ଥ ବ୍ୟବସ୍ଥା କରାଯାଇଥିଲା। ପ୍ରତ୍ୟେକ କ୍ଲଷ୍ଟରରେ ୧୦ଟି ଲେଖାଏଁ ଲାଇଟ୍ ଲଗାଇବାର ନିୟମ ଥିଲା। ମାତ୍ର ଏହି କାର୍ଯ୍ୟକାରିତାରେ ବ୍ୟାପକ ହେରଫେର କରାଯାଇ ପ୍ରାୟ ୩ କୋଟି ଟଙ୍କା ଆତ୍ମସାତ କରାଯାଇଥିବାର ପ୍ରମାଣ ମିଳିଛି। ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷରେ ପଞ୍ଚମ ରାଜ୍ୟ ଅର୍ଥ ଆୟୋଗଙ୍କ ଅନୁଦାନରେ ପ୍ରତି ପଞ୍ଚାୟତର ଗୋଟିଏ ଲେଖାଏଁ ଗାଁରେ 'ଟର୍ଣ୍ଣ-କି' ଭିତ୍ତିରେ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ସହ ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ତେବେ ଏହି ଷ୍ଟ୍ରିଟ୍ ଲାଇଟ୍ ପ୍ରକଳ୍ପ କାର୍ଯ୍ୟକାରୀ ପ୍ରକ୍ରିୟା ଓ ଟେଣ୍ଡର ନିୟମାବଳୀରେ ବ୍ୟାପକ ଉଲ୍ଲଙ୍ଘନ ହୋଇଥିବା ନେଇ ଅଭିଯୋଗ ପରେ ଭିଜିଲାନ୍ସ ପକ୍ଷରୁ ବୁଧବାର ବଡ଼ଧରଣର ଚଢ଼ଉ ହୋଇଥିଲା।

## ଗୁଳିମାଡ଼ରେ ବ୍ୟବସାୟୀ ...

ଅପରାହ୍ନରେ ଗୁଳିକାଣ୍ଡ ଘଟିଛି। ଆଉ ଗୁଳିକାଣ୍ଡରେ ଯୁବ ବ୍ୟବସାୟୀ ତଥା ରେମୁଣା ଗୋଲେଇ ନିକଟ ଫ୍ରିଡମ୍ କାର ଫେସନର ମାଲିକ ସେକ୍ ହମିଦ୍‌ଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁସାରେ ହମିଦ୍ ଗୁରୁବାର ଅପରାହ୍ନରେ ଅରଡ଼ବଜାରକୁ ନିଜ ସମ୍ପର୍କୀୟଙ୍କ ଘରକୁ ଆସିଥିବା ବେଳେ ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଗୋଟିଏ କି ଦୁଇଟି ନୁହେଁ, ୮ ରାଉଣ୍ଡ ଫାୟାରିଂ କରି ଚମ୍ପଟ୍ ମାରିଥିଲେ ଦୁର୍ବୃତ୍ତ। କେହିକିଛି ବୁଝିବା ଆଗରୁ ସେଇଠି ହିଁ ଟଳିପଡ଼ିଥିଲେ ଏସ.କେ. ହମିଦ୍। ଧାରଧାର ହୋଇ ମୁଣ୍ଡରୁ ବହିଯାଇଥିଲା ରକ୍ତ। ତାଙ୍କୁ ଗୁରୁତର ଅବସ୍ଥାରେ ବାଲେଶ୍ୱର ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ପକ୍ଷରୁ ଘଟଣାସ୍ଥଳରୁ ୮ଟି ଖୋକା ଜବତ୍ ପୂର୍ବକ ଏକ ମାମଲା ରୁଜୁ କରି ଘଟଣାର ଛାନଭିନ ଚଲିଛି। ଏସପି ପ୍ରତ୍ୟୁଷ ଦିବାକର ଘଟଣାସ୍ଥଳ ପରିଦର୍ଶନ କରିଥିବା ବେଳେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ମଧ୍ୟ ଡାକ୍ତରଖାନା ଯାଇଥିଲେ।

## ପୁଷ୍କରା, ମାଇଁ ସ୍ୱିଟ ...

ଭଟ୍ଟାଚାର୍ଯ୍ୟ ଏବଂ ୨୦୨୪ ପାଇଁ ନମ୍ରତା ଦାସଙ୍କୁ ମୋହନ ସୁନ୍ଦରଦେବ ଗୋସ୍ୱାମୀ ପୁରସ୍କାର ପ୍ରଦାନ କରାଯିବ। ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା କରିବା ସହିତ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିଶ୍ଚିତ ଭାବରେ ଓଡ଼ିଶାରେ ଓଡ଼ିଆ ଭାଷାରେ ଉନ୍ନତ, ମୂଲ୍ୟବୋଧ ଭିତ୍ତିକ, ସାମାଜିକ ପ୍ରାସଙ୍ଗିକତା ବିଷୟ ବସ୍ତୁ ଉପରେ ଆଧାରିତ ଚଳଚ୍ଚିତ୍ର ପ୍ରସ୍ତୁତ କରିବା ନିମନ୍ତେ ପ୍ରୋତ୍ସାହନ ଯୋଗାଇବ। ଏଥିସହ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଓଡ଼ିଆ ଚଳଚ୍ଚିତ୍ର ଜଗତର ବିକାଶ ଓ ସମୃଦ୍ଧିରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିବ ବୋଲି ମନ୍ତ୍ରୀ ମତପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ ଯେ, ୩୫ତମ ଓ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରିବା ଚଳଚ୍ଚିତ୍ର ଜଗତର ବିଶିଷ୍ଟ ନିର୍ଦ୍ଦେଶକ ପ୍ରଣବ ଦାସଙ୍କ ଅଧ୍ୟକ୍ଷତାରେ ଏକ ଜୁରୀ କମିଟି ଗଠନ କରାଯାଇଥିଲା। ଆଜିର ସାମ୍ବାଦିକ ସମ୍ମିଳନୀରେ ପ୍ରଣବ ଦାସଙ୍କ ସମେତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡ଼. ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ।

# ରଥଯାତ୍ରା ପାଇଁ ପ୍ରଥମ ମକ୍ ଡ୍ରିଲ୍

**ପୁରୀ,୨୫ା୬/ଏନ୍‌ଏନ୍‌ଏସ୍:** ଆଗାମୀ ରଥଯାତ୍ରା କୁ ଶୃଙ୍ଖଳିତ ତଥା ସୁରକ୍ଷିତ ଭାବେ ସମ୍ପର୍ଣ୍ଣ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସୁସମନ୍ୱୟ ର ପ୍ରଥମ ମକ ଡ୍ରିଲ ଆଜି ଟାଉନ ଥାନା ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଚଳିତ ରଥଯାତ୍ରାରେ ଅଧିକ ଶ୍ରଦ୍ଧାଳୁ ଙ୍କ ଯୋଗ ଦାନ ଆଶା କରାଯାଉଛି। ତେଣୁ ଆମକୁ ଯାତ୍ରୀ ଙ୍କ ସୁବିଧା ଓ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି। ପରସ୍ପର ମଧ୍ୟରେ ସୁସମନ୍ୱୟ ଓ ସହଯୋଗ ଦ୍ୱାରା ଆମେ ପ୍ରତ୍ୟେକ ପରିସ୍ଥିତି କୁ ସଫଳ ଭାବେ ମୁକାବିଲା କରିପାରିବା। ପୋଲିସ, ଏନଡିଆରଏଫ, ଓଡ୍ରାଫ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ, ବେସାମରିକ ପ୍ରତିରକ୍ଷା ବାହିନୀ ପ୍ରଭୃତି ଙ୍କ ସହଯୋଗ ରଥଯାତ୍ରା ରେ ଆମ ସେବା କାର୍ଯ୍ୟ କୁ ଅଧିକ କ୍ରିୟାଶୀଳ କରିବ ବୋଲି ଜିଲ୍ଲାପାଳ ଶ୍ରୀ ପରିଡା କହିଥିଲେ। ମକଡ୍ରିଲ ମାଧ୍ୟମରେ କୌଣସି ପରିସ୍ଥିତି ପାଇଁ ଆମେ ଆମର ପ୍ରସ୍ତୁତି ରେ କେତେ ସକ୍ଷମ ଓ ଦକ୍ଷ ଜାଣି ପାରିବା କେଉଁଠାରେ ସମସ୍ୟା ରହୁଛି ବା ତାହାକୁ କିପରି ଆହୁରି ଭଲ ଭାବେ କମ ସମୟ ମଧ୍ୟରେ କରି ପାରିବା ତାହା ମଧ୍ୟ ଆମକୁ ଶିକ୍ଷା ମିଳିବ। ଆଜି ଏହା ପ୍ରଥମ ଓ ଜୁଲାଇ ୧୦ ତାରିଖରେ ଆହୁରି ଥରେ ଏହାର ପୂର୍ବାଭାସ କରିବା ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ।



ଏସ୍‌ପି ପ୍ରତୀକ ସିଂ କୌଣସି ଘଟଣା ଘଟିଲେ କେତେ କମ ସମୟରେ, କେତେ ସଠିକ ଭାବେ ଆମେ କାର୍ଯ୍ୟ ନିର୍ବାହ କରୁଛନ୍ତି ତାହା ଆମକୁ ଏହି ମକ ଡ୍ରିଲ୍‌ରୁ ଶିଖିବାକୁ ମିଳୁଛି। ଏହା ଦ୍ୱାରା ଆମେ ସଶକ୍ତ ହେବା ସହ କାର୍ଯ୍ୟକୁ ଖୁବ୍ ଭଲ ଭାବରେ ପରିଚାଳନା କରିବାର ଅଭିଜ୍ଞତା ହାସଲ କରିବା ବୋଲି ଶ୍ରୀ ସିଂ କହିଥିଲେ। ଓସ୍‌ତାମାର ଡି ଜିଏମ୍ ସୁନୀଲ କୁମାର ସାହୁ ମକ ଡ୍ରିଲ୍‌ର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିବା ସହ ମକ ଡ୍ରିଲ ପରିଚାଳନା କରିଥିଲେଏହି ଅବସରରେ ରଥଯାତ୍ରାର ଏସଓପି ପୁସ୍ତିକା ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ କୁମାର ବେହେରା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଶେଷରେ ଡେପୁଟି କଲେକ୍ଟର ଅନୁଭବ ଗନ୍ତାୟତ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଅକ୍ଷୟ ଶତପଥୀ, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ ମହାରଣା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ଜଗନ୍ନାଥ ମନ୍ଦିର ସୁରକ୍ଷା ଅଧିକାରୀ ହେମନ୍ତ ପାଢୀ, ଅତିରିକ୍ତ ଏସପି ସୌମ୍ୟରଞ୍ଜନ ମଲ୍ଲିକ, ସଚିନ ପାଟିଲ, ସୁଶୀଲ ମିଶ୍ର, ଦେବୀ ପ୍ରସାଦ ପ୍ରତାପ, ଏନଡିଆରଏଫ ଡେପୁଟି କମାଣ୍ଡାଣ୍ଟ ପ୍ରବୀଣ ଚୌହାନ ବିଭିନ୍ନ ବିଭାଗର ଅଧିକାରୀ, ପୋଲିସ ଅଧିକାରୀ, ସ୍ୱଛାସେବୀମାନେ ଏହି ମକଡ୍ରିଲ୍‌ରେ ଯୋଗ ଦେଇଥିଲେ। ପରେ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ, ଅଗ୍ନିଶମ, ମେଡିକାଲ, ପୋଲିସ, ପରିବହନ ଆମ୍ବୁଲାନ୍ସ, ପୌର ପ୍ରଶାସନ, ସୂଚନା ଇତ୍ୟାଦି ବିଭାଗର ସମ୍ମିଳିତ ମକ୍‌ଡ୍ରିଲ୍‌ର କାର୍ଯ୍ୟକୁ ଇଣ୍ଟିଗ୍ରେଟେଡ୍ ନିୟନ୍ତ୍ରଣ କକ୍ଷ ମାଧ୍ୟମରେ ପରିଚାଳନା କରାଯାଇଥିଲା। ରଥଯାତ୍ରା ସମୟରେ କୌଣସି ଘଟଣା ଦୁର୍ଘଟଣା ଘଟିଲେ କିପରି ତାହାର ସଫଳ ମୁକାବିଲା ତ୍ୱରାନ୍ୱିତ ଭାବରେ କରାଯାଇପାରିବ ତାହାର କୌଶଳ ପ୍ରଦର୍ଶନ କରାଯାଇ ସଚେତନ କରାଯାଇଥିଲା।

## ମହାନଦୀର ବିଭିନ୍ନ ଘାଟରୁ ଉଠୁଛି ବାଲି, ରାଜସ୍ୱ ହରାଉଛନ୍ତି ସରକାର

**ଖଣ୍ଡପଡ଼ା,୨୫ା୬/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ଅଞ୍ଚଳ ଦେଇ ପ୍ରବାହିତ ମହାନଦୀର ବିଭିନ୍ନ ଘାଟରୁ ଚୋରାରେ ବାଲି ଚାଲାଣ ହେଉଥିବା ଅଭିଯୋଗ ହେଉଛି। ଫଳରେ ରାଜ୍ୟ ସରକାର ବିପୁଳ ପରିମାଣର ରାଜସ୍ୱ ହରାଉଥିବା ଜଣାପଡିଛି। ବାଲି ମାଫିଆଙ୍କ ଠାରୁ ଆରମ୍ଭ କରି ରାଜସ୍ୱ ଓ ଖଣି ବିଭାଗର କିଛି ଅସାଧୁ କର୍ମଚାରୀ ପ୍ରତି ମାସରେ ବାଲି ମାଫିଆଙ୍କ ଠାରୁ ମୋଟା ଅଙ୍କର ଅର୍ଥ ନେଇ ପରୋକ୍ଷରେ ଚୋରାରେ ବାଲି କାରବାରକୁ ପ୍ରୋତ୍ସାହନ ଯୋଗାଇ ଆସୁଥିବା ଅଭିଯୋଗ ହେଉଛି। ଭାପୁର ଓ ଗଣିଆ ବ୍ଲକ ଅଧୀନରେ ଥିବା ପଥରଚକଡ଼ା, ମାଧପୁର ଓ ଓ୍ୱାଲିପୁର ଗ୍ରାମ ପାର୍ଶ୍ୱସ୍ଥ ମହାନଦୀ ଘାଟରୁ ବେଆଇନ ଭାବେ ଜେସିବି ମେସିନ ଯୋଗେ ବାଲି ଉତ୍ତୋଳନ କରାଯାଇ ଆଖପାଖ ଅଞ୍ଚଳକୁ ହାଇୱା ଗାଡି ଯୋଗେ ଚୋରାରେ ବାଲି ଚାଲାଣ କରାଯାଉଥିବା ଅଭିଯୋଗ ହେଉଛି। କିବା ଦିନ ଓ ରାତିରେ ମହାନଦୀରୁ ଟ୍ରିପ ଟ୍ରିପ ବାଲି ଚାଲାଣ ହେଉଥିବା ବେଳେ ତହସିଲ ପ୍ରଶାସନ ଓ ଖଣି ବିଭାଗ ଅଧିକାରୀମାନେ ସବୁ ଦେଖି କିଛି ନ ଦେଖିବା ନ୍ୟାୟରେ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। ତେଣୁ ଏଥିପ୍ରତି ଖଣି ଓ ରାଜସ୍ୱ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ବାଲି ମାଫିଆଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ସେହିପରି ନୟାଗଡ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ବାଲି ମାଫିଆଙ୍କ କାର୍ଯ୍ୟକଳାପ ପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି।

## ବାଲି ବୋଝେଇ ଟ୍ରକ୍ ଜବତ, ଚାଳକ ଗିରଫ

**ମୁଣ୍ଡମୁହାଣ,୨୫ା୬/ଏନ୍‌ଏନ୍‌ଏସ୍:** ଇନଫୋଭ୍ୟାଲି ଥାନା ପୁଲିସ ବେଆଇନ ବାଲି ଚାଲାଣ ଅଭିଯୋଗରେ ଅଭିଯୁକ୍ତ ହାଇୱା ଚାଳକ ଜଟଣୀ ଗୋପିନାଥପୁରର ବିଧାନ ଚନ୍ଦ୍ର ଭୁଜବଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ଏକ ବାଲି ଭର୍ତ୍ତି ହାଇୱା ଟ୍ରକ ଜବତ କରିଛନ୍ତି। ସୂଚନା ଅନୁସାରେ ଇନଫୋଭ୍ୟାଲି ଥାନାର ଏକ ସ୍ୱତନ୍ତ୍ର ଟିମ ୧୬ ନମ୍ବର ଜାତୀୟ ରାଜପଥରେ ପେଟ୍ରୋଲିଂ କରୁଥିବା ବେଳେ, ଏକ ବେଆଇନ ବାଲି ଭର୍ତ୍ତି ଟ୍ରକ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିବାର ଦେଖିଥିଲେ। ପୋଲିସ କର୍ମଚାରୀମାନଙ୍କୁ ଦେଖି ଚାଳକ ଜଣକ ଦ୍ରୁତ ଗତିରେ ଗାଡ଼ି ନେଇ ପଳାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ପୋଲିସ ଦଳ ଟ୍ରକର ପିଛା କରି ତାକୁ ଓଗଳପଡ଼ା ନିକଟରେ ଅଟକାଇବାରେ ସକ୍ଷମ ହୋଇଥିଲେ। ଯାଞ୍ଚ କରିବା ପରେ, ଟ୍ରକରେ ବାଲି ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଥିଲା। ବାଲି ପରିବହନ ପାଇଁ ବୈଧ କାଗଜପତ୍ର, ପରମିଟ୍ କିମ୍ବା ଅନୁମତିପତ୍ର ଦେଖାଇବାକୁ ଡ୍ରାଇଭରଙ୍କୁ କୁହାଯାଇଥିଲା, କିନ୍ତୁ ସେ ଏପରି କୌଣସି କାଗଜପତ୍ର ଦେଖାଇ ପାରିନଥିଲେ। ପଚରାଉଚରା ସମୟରେ ସେ ସ୍ୱୀକାର କରିଥିଲେ ଯେ, ଟ୍ରକ୍‌ର ମାଲିକ ପ୍ରଭାକର ଓରଫ ପବିତ୍ର ସାହୁଙ୍କ ନିର୍ଦ୍ଦେଶକ୍ରମେ ସେ କଟକ, ତୀର୍ଥପଡା ଘାଟରୁ ବେଆଇନ ଭାବରେ ବାଲି ପରିବହନ କରୁଥିଲେ।

## ନବନିର୍ମାଣ କୃଷକ ସଂଗଠନର ଜିଲ୍ଲା ସମ୍ମିଳନୀ

**ଖୋର୍ଦ୍ଧା,୨୫ା୬/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲା ନବନିର୍ମାଣ କୃଷକ ସଂଗଠନର ଜିଲ୍ଲା ସାଙ୍ଗଠନିକ ସମ୍ମିଳନୀ ବାଟମଙ୍ଗଳା ପୀଠଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଯୋଜକ ସୁରେଶ ଚନ୍ଦ୍ର ମାନସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ରାଜ୍ୟ ମହିଳା ନେତ୍ରୀ ମଧୁମିତା ସାମଲ, ଯୁବ ଛାତ୍ର ସଂଯୋଜକ ମନୱର ଅଲ୍ଲୀ ଅତିଥି ଭାବେ ଯୋଗଦେଇ ଥିଲେ। ବୈଠକ ଆରମ୍ଭରେ ରାଜ୍ୟ ମହିଳା ନେତ୍ରୀ ମଧୁମିତା ସାମଲ ଏବଂ ଜିଲ୍ଲା ସଂଯୋଜକ ସୁରେଶ ଚନ୍ଦ୍ର ମାନସିଂହ ବୈପ୍ଳବିକ ସଂଗୀତ ଗାନ କରିଥିଲେ। ପରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କୃଷକମାନଙ୍କୁ ଉଦବୋଧନ ଦେଇ କହିଲେ ଯେ, ଆମେ କେବଳ ଧାନର ଦର୍ ବୃଦ୍ଧି କିମ୍ବା, ଚାଷୀଙ୍କ ପାଇଁ ଲଢେଇ କରୁନେ, ଆମେ ସମାଜରେ ସମ୍ପୂର୍ଣ୍ଣ ବ୍ୟବସ୍ଥା ପରିବର୍ତ୍ତନ ପାଇଁ ଏ ଲଢେଇ କରୁଛୁ। ବ୍ୟବସ୍ଥା ପରିବର୍ତ୍ତନ ପାଇଁ ଯେଉଁମାନେ ଲଢେଇ କରିବେ, ସେମାନେ ବୈପ୍ଳବିକ ଭାବେ ବିଚାରରେ ଶାଣିତ ହେଲା ପରେ, ସେ ଯେକୌଣସି ଲଢେଇକୁ କାନ୍ଧରେ ବୋହି ଆଗକୁ ନେଇପାରିବ। ଯୁବ ଛାତ୍ର ସଂଯୋଜକ ମନୱର ଅଲ୍ଲୀ କହିଥିଲେ ଯେ, ନବନିର୍ମାଣ କୃଷକ ସଂଗଠନର ଐତିହାସିକ ଲଢେଇ ଫଳରେ କେବଳ କାଳିଆ, ଧାନ ଦର ବୃଦ୍ଧି, କିମ୍ବା ବାର୍ଦ୍ଧକ୍ୟ ଭତ୍ତା ନୁହେଁ ପଲ୍ୟୁସନ ପର୍ଯ୍ୟନ୍ତ ସରକାର ବ୍ରେକ୍ ଲଗାଇଛନ୍ତି। ନବନିର୍ମାଣ ସବୁବେଳେ ବୈପ୍ଳବିକ ସଂସ୍ଥା ଭାବେ ଲୋକଙ୍କ ପାଇଁ ଲଢେଇ କରିଛି। ସଂଗଠନର ରାଜ୍ୟ ମହିଳା ନେତ୍ରୀ ମଧୁମିତା ସାମଲ କହିଥିଲେ ଯେ, ଅକ୍ଷୟ କୁମାରଙ୍କ ନେତୃତ୍ୱରେ କ୍ରମାଗତ ଚାଲିଥିବା ଚାଷୀ ଆନ୍ଦୋଳନ ଓଡ଼ିଶା ଚାଷୀଙ୍କ ଆଶା ଓ ଭରସାର କେନ୍ଦ୍ର ବିନ୍ଦୁ ପାଲଟିଛି। ଏହି ଚାଷୀ ଆନ୍ଦୋଳନରେ ଛାତ୍ର, ଯୁବକ, ମହିଳା ସମସ୍ତ ଉତ୍ସର୍ଗତ ଭାବରେ ଲଢେଇ କଲେ ଏହି ଆନ୍ଦୋଳନ ଓଡ଼ିଶାରେ ପୂର୍ଣ୍ଣାଙ୍ଗ ଆନ୍ଦୋଳନ ହେବା ସହ ଚାଷୀ କୂଳର ସ୍ୱାର୍ଥ ହାସଲ ହେଇପାରିବ। ବରିଷ୍ଠ ସଂଗଠନ ଜୟନ୍ତ ତ୍ରିପାଠୀ, ବେଗୁନିଆ ସଂଗଠକ ମଦନ ସାହୁ, ବୋଲଗଡ଼ ସଂଯୋଜକ କାହ୍ନୁ ବେହେରା ପ୍ରମୁଖ ଖୋର୍ଦ୍ଧା ଜିଲ୍ଲାରେ ସଂଗଠନକୁ ଶକ୍ତିଶାଳୀ କରିବା ପାଇଁ ଆହ୍ୱାନ ଦେବା ସହ ଆଗାମୀ ଦିନରେ ବିଶାଳ ଚାଷୀ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ଆଜିର ବୈଠକରେ ସମିତି ସଭ୍ୟ ରଂଜନ ପଣ୍ଡା, ମୃତ୍ୟୁଞ୍ଜୟ ପ୍ରଧାନ, ରାଜ କିଶୋର ଦାସ, ନିକୁଞ୍ଜ ବିହାରୀ ଦାସ, ନାରାୟଣ ସେନ, ରସିକ୍ ସେନ୍, ସଞ୍ଜୟ ପାତ୍ର, ଅଧିକାରୀ ବେହେରା, ନିରଞ୍ଜନ ପ୍ରଧାନ, ପ୍ରସନ୍ନ ପ୍ରଧାନ, ପ୍ରସନ୍ନ ଭଞ୍ଜ, ସୁବାଷ ଚନ୍ଦ୍ର ରାଏ, ପ୍ରଫୁଲ୍ଲ ପରିଡ଼ା, ମୁରଲୀ ଜେନା, ମୁନାୱର ଅଲ୍ଲୀ, ପ୍ରେମାନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



## ପ୍ରତାପନଗରୀ ରାଧାରମଣ ସେବାକୁଞ୍ଜର ରଥଯାତ୍ରା ପ୍ରସ୍ତୁତି



**ଫୁଲନଖରା,୨୫ା୬/ଏନ୍‌ଏନ୍‌ଏସ୍:** ସିଏମସି ୫୮ ନମ୍ବର ୱାର୍ଡ ଅନ୍ତର୍ଗତ ପ୍ରତାପନଗରୀ ଶ୍ରୀ ଶ୍ରୀ ରାଧାରମଣ ସେବାକୁଞ୍ଜ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏବର୍ଷ ରଥଯାତ୍ରା ସୁପରିଚାଳନା ପାଇଁ ସଭାପତି ଦିଲ୍ଲିପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ପ୍ରତାପନଗରୀସ୍ଥିତ ସାଇ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମହାପ୍ରଭୁ ଜଗନ୍ନାଥଙ୍କ ରଥ ପ୍ରତାପନଗରୀ ସ୍ଥିତ ଶ୍ରୀମନ୍ଦିରରୁ ବାହାରି ଜାତୀୟ ରାଜପଥ ଦେଇ ଭାଣପୁର, ଡାହାଳିଆବାଗ ଅତିକ୍ରମ କରି ପାଇକସାହିସ୍ଥିତ ମାଉସୀ ମା' ମନ୍ଦିରରେ ପହଞ୍ଚିବେ। ଠିକ ସେହିଭଳି ବାହୁଡ଼ାରେ ମହାପ୍ରଭୁ ପାଇକସାହିସ୍ଥିତ ମାଉସୀ ମା ମନ୍ଦିର ରୁ ବାହାରି ଡାହାଳି ଆବାଗ, ଭାଣପୁର ଅତିକ୍ରମ କରି ପ୍ରତାପ ନଗରୀ ସ୍ଥିତ ଶ୍ରୀମନ୍ଦିର ବିଜେ କରିବେ ଏବଂ ସମସ୍ତ ନୀତି କାନ୍ତି ସୁଚାରୁ ରୂପେ ପାଳନ କରାଯିବା ପାଇଁ ସ୍ଥିର କରାଯାଇଛି। ରଥ ଯିବା ସମୟରେ ଯେଉଁ ବିଦ୍ୟୁତ ଖୁଣ୍ଟ ଓ ତାର ସମସ୍ୟା ସୃଷ୍ଟିକରୁଛି ବିଦ୍ୟୁତ ବିଭାଗ ଓ ସ୍ଥାନୀୟ କର୍ପୋରେଟରଙ୍କ ସହଯୋଗରେ ସେଗୁଡିକୁ ସାନାନ୍ତର କରିବାପାଇଁ ସ୍ଥିର କରାଯାଇଛି। ବୈଠକରେ ରାଜା ନାରାୟଣ ରାଉତ, କମିଟି ସଂପାଦକ ସୁଶାନ୍ତ କୁମାର ମହାନ୍ତି, କୋଷାଧ୍ୟକ୍ଷ ନଳିନ କୁମାର ସେନାପତି, କାର୍ଯ୍ୟକାରୀ ସଭାପତି ରବିନ୍ଦ୍ର ସ୍ୱାଇଁ, ଚତୁର୍ଭୁଜ ମହାପାତ୍ର, ଉପ-ସଭାପତି ମହାଦେବ ନାୟକ, ପୁଲିନ ମହାପାତ୍ର, ସହ-ସଂପାଦକ ପ୍ରଶାନ୍ତ ରାଉତ, ମାଧାକୁଲେଇ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ପ୍ରମୋଦ ସ୍ୱାଇଁ, ସହ-ସଂପାଦକ ବାଦଲ ଜେନା, ପରିଚାଳନା କମିଟି ସଂଯୋଜକ ଗୋବିନ୍ଦ ଚନ୍ଦ୍ର ରାଉତ, ଲାଲମୋହନ ରାଉତ, ପ୍ରଦିପ ସେନାପତି, ହୃଷିକେଶ ବେହେରା, ଜିତେନ୍ଦ୍ର ବାରିକ, ସନ୍ତୋଷ ସେନାପତି, ବିଭୁତି ଭୂଷଣ ସେନାପତି, କିଶୋର ଚନ୍ଦ୍ର ବାରିକ, ଅକ୍ଷୟ ବେହେରା, ଶିବାଜୀ ବେହେରା, ବିଜୟ କୁମାର ସାହୁ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

## ଭେନେଜୁଏଲା ଛାରଖାର ...

ବନ୍ଦ ରହିଥିଲା। ଏହି କାରଣରୁ ଅଧିକାଂଶ ଲୋକ, ଛାତ୍ରଛାତ୍ରୀ ନିଜ ନିଜ ଘରେ ଥିଲେ। ଉଭୟ ଭୂକମ୍ପ ରାଜଧାନୀ କାରାକାସ୍ ଠାରୁ ପ୍ରାୟ ୨୯୦ କିଲୋମିଟର ପଶ୍ଚିମରେ ଆସିଥିଲା। ଏହାଯୋଗୁଁ ଅନେକ ସହରରେ ବିଲ୍ଡିଂଗୁଡ଼ିକ ଭାଙ୍ଗି ପଡ଼ିଛି କିମ୍ବା ବିପଦଜନକ ଭାବେ ଢଳିଯାଇଛି। କାରାକାସ୍ ସ୍ଥିତ ସାଇମନ୍ ବୋଲିଭାର ଅନ୍ତର୍ଜାତୀୟ ଏୟାରପୋର୍ଟ ଛାତର କିଛି ଅଂଶ ମଧ୍ୟ ଭାଙ୍ଗି ପଡିଛି, ଯେଉଁଥିପାଇଁ ଚାରିଆଡ଼େ ଧୂଳିର ଆସ୍ତରଣ ଦେଖିବାକୁ ମିଳିଥିଲା। ଭେନେଜୁଏଲାର କାର୍ଯ୍ୟକାରୀ ରାଷ୍ଟ୍ରପତି ଦେଲସି ରୋଡ୍ରିଗେଜ୍ ପରିସ୍ଥିତିକୁ ଦୃଷ୍ଟିରେ ରଖି ସମଗ୍ର ଦେଶରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି। ଏଥିସହ ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ତୁରନ୍ତ ଡାକ୍ତରଖାନାରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉପକୂଳବର୍ତ୍ତୀ 'ଲା ଗ୍ୱାଇରା' ରାଜ୍ୟକୁ ବିପର୍ଯ୍ୟୟ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ଏଠାରେ ଡଜନରୁ ଅଧିକ ବହୁତଳ ପ୍ରାସାଦ ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଛି ଏବଂ ସେଠାରେ ସେନା ଓ ବିପର୍ଯ୍ୟୟ ପ୍ରଶମନ ଦଳ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଭୂକମ୍ପର ପ୍ରଭାବ ଯୋଗୁଁ ରାଜଧାନୀ କାରାକାସ୍ ସମେତ ଅନେକ ପ୍ରମୁଖ ସହରରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଯାଇଛି ଏବଂ ମୋବାଇଲ୍ ନେଟୱର୍କ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ସୁରକ୍ଷା ଦୃଷ୍ଟିରୁ ମେଟ୍ରୋ ରେଳ ସେବା ଓ ଗ୍ୟାସ୍ ଯୋଗାଣ ବନ୍ଦ କରିଦିଆଯାଇଛି। ସ୍କୁଲ ଓ କଲେଜଗୁଡ଼ିକୁ କିଛି ଦିନ ପାଇଁ ବନ୍ଦ ରଖାଯାଇ ଆଶ୍ରୟସ୍ଥଳୀରେ ପରିଣତ କରାଯାଇଛି। ଗତ ୧୨୬ ବର୍ଷ ମଧ୍ୟରେ ଏହା ଦେଶର ସବୁଠାରୁ ଶକ୍ତିଶାଳୀ ଭୂକମ୍ପ ହୋଇଥିବା ବେଳେ ଏହାର ତୀବ୍ରତା ପଡ଼ୋଶୀ ବ୍ରାଜିଲ୍ ଓ କଲୋମ୍ବିଆରେ ମଧ୍ୟ ଅନୁଭୂତ ହୋଇଛି। ଭେନେଜୁଏଲାର ଏହି ବିପର୍ଯ୍ୟୟ ସମୟରେ ଅନ୍ତର୍ଜାତୀୟ ସ୍ତରରୁ ସହାୟତାର ହାତ ବଢ଼ିଛି। ଆମେରିକା, ମିଳିତ ଜାତିସଂଘ, ଭାରତ ସମେତ ଅନେକ ଦେଶ ଭେନେଜୁଏଲାବାସୀଙ୍କ ଏହି କ୍ଷତି ପାଇଁ ଶୋକବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଏକ୍ସ ଆକାଉଣ୍ଟରେ ଭେନେଜୁଏଲାରେ ହୋଇଥିବା ଭୟାବହ ଭୂକମ୍ପ ପାଇଁ ଗଭୀର ଦୁଃଖ ପ୍ରକାଶ କରିବା ସହ ଭାରତ ତରଫରୁ ସମସ୍ତ ପ୍ରକାରର ସହାୟତା ଯୋଗାଇଦେବା ପାଇଁ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହି ବାର୍ତ୍ତା ପରେ, ଭେନେଜୁଏଲାର କାର୍ଯ୍ୟକାରୀ ରାଷ୍ଟ୍ରପତି ଡେଲସି ରୋଡ୍ରିଗେଜ୍ ଭାରତର ଏହି ସହଯୋଗ ମନୋଭାବକୁ ସ୍ୱାଗତ କରିଛନ୍ତି। ସେ କହିଛନ୍ତି ଯେ ଦୁର୍ଦ୍ଦିନ ସମୟରେ ଭାରତ ଦେଖାଇଥିବା ଏହି ସହାନୁଭୂତି ଦୁଇ ଦେଶ ମଧ୍ୟରେ ଥିବା ମଜବୁତ ବନ୍ଧୁତା ଓ ସହଯୋଗର ପ୍ରତୀକ ଅଟେ।

## ବିଜେଡିରେ ସୁଜାତାଙ୍କ ...

ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ, ଲକ୍ଷ ଲକ୍ଷ ବିଜୁ ଜନତା ଦଳର କର୍ମୀଙ୍କ ସହଯୋଗ ନେଇ ନିଷ୍ଠା ଓ ସମର୍ପିତ ଭାବେ ଦଳ ଓ ରାଜ୍ୟ ପାଇଁ କାର୍ଯ୍ୟ କରିବି ବୋଲି ସୁଜାତା କହିଛନ୍ତି। ଅପରପକ୍ଷେ ସୁଜାତାଙ୍କ ଏଣ୍ଟ୍ରି ଉତ୍ସବରେ କିନ୍ତୁ ପୂର୍ବତନ ସଂଗଠନ ସମ୍ପାଦକ ତଥା ଦିନ ବିଜେଡିର ଦ୍ୱିତୀୟ କ୍ଷମତା କେନ୍ଦ୍ର କୁହାଯାଉଥିବା ବବି ଦାସ ଥିଲେ ଅନୁପସ୍ଥିତ ରହିଥିଲେ। କେବଳ ବବି ନୁହଁନ୍ତି, ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ରାଜନୈତିକ ବ୍ୟାପାର କମିଟି ସଦସ୍ୟ ବିକ୍ରମ ଆରୁଖ, ବିଧାୟକ ରାଜା ସ୍ୱାଇଁ, ବଦ୍ରି ପାତ୍ର, ଲତିକା ପ୍ରଧାନ ଓ ଭୂପିନ୍ଦର ସିଂଙ୍କ ଭଳି ବରିଷ୍ଠଙ୍କର ମଧ୍ୟ ଦେଖା ନଥିଲା। ପୂର୍ବରୁ ବଦ୍ରି ଓ ଭୂପିନ୍ଦର ସୁଜାତାଙ୍କ ଏଣ୍ଟ୍ରିକୁ ଖୋଲାଖୋଲି ବିରୋଧ କରିଥିଲେ। ଦଳ କିନ୍ତୁ କହିଛି ବ୍ୟକ୍ତିଗତ କାରଣ ପାଇଁ କେହି ଆସିପାରିନଥିବେ। ଅସନ୍ତୁଷ୍ଟଙ୍କୁ ବୁଝାଯିବ।

## ଯୁବସାମ୍ବାଦିକଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

**କୁଆଁପାଳ,୨୫ା୬/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକର ବରାହିପୁର ପଞ୍ଚାୟତର ମଣିଯୋରୀ ସ୍ଥିତ ସହିତ ଭବନ ପରିସରରେ ମାହାଙ୍ଗା ବୁଦ୍ଧିଜୀବୀ ସାରସ୍ୱତ ସେବା ସଂଗଠନ ମଣିଯୋରୀର ଆନୁକୂଲ୍ୟରେ ଯୁବସାମ୍ବାଦିକ ସ୍ୱର୍ଗତ ଦୀପକ କୁମାର ସାହୁଙ୍କ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଗବେଷକ ଡଃ ଏକାଦଶୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଅତିଥିମାନେ ସ୍ୱର୍ଗତ ଦୀପକ ସାହୁଙ୍କ ଫଟୋଚିତ୍ରରେ ପୁଷ୍ପ,ଧୂପ ପ୍ରଦାନ କରିଥିଲେ। ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯିବା ପରେ ଭଜନ ପରିବେଷଣ କରାଯାଇଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରାଧ୍ୟାପକ ଡଃ ଜନାର୍ଦ୍ଦନ ରାଉତ, ପ୍ରାକ୍ତନ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ନାୟକ, ଡଃ ଭାବଗ୍ରାହୀ ରାଉତ, ଦ୍ୱିତୀୟଭଞ୍ଜ ସାହିତ୍ୟସଂସ୍କୃତି ସଂସଦର ସଂପାଦକ ଗୌତମ ଚରଣ ଜେନା, ସ୍ତମ୍ଭକାର ବିବେକାନନ୍ଦ ଦାସ, କଲ୍ଲୋଳ ଚନ୍ଦ୍ର ମହାନ୍ତି, ହରିବନ୍ଧୁ ରାଉତ, ଶୈଳେନ୍ଦ୍ର ଶେଖର ସାହୁ, ଆଶୁକବି ବିଜୟ କୁଅଁର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦୀପକ ସାହୁଙ୍କ ସଂପର୍କରେ ଆଲୋକପାତ କରିବା ସହ ମାହାଙ୍ଗା ଅଞ୍ଚଳରେ ସମ୍ବାଦର ସାମ୍ବାଦିକ ଭାବେ କାର୍ଯ୍ୟକରି ସେ ସୁନାମ ଅର୍ଜନ କରିଥିବା ମତବ୍ୟକ୍ତ କରିଥିଲେ। ତାଙ୍କ ବିୟୋଗରେ ମାହାଙ୍ଗା ଅଞ୍ଚଳ ଜଣେ ନିର୍ଭିକ ସାମ୍ବାଦିକ ହରାଇଲା ବୋଲି ବକ୍ତାମାନେ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶରତ ଚନ୍ଦ୍ର ରାଉତ, ଅନନ୍ତ ମହାରଣା, ରାଜକିଶୋର ମହାନ୍ତି, ରମେଶ ଚନ୍ଦ୍ର ସାହୁ ସରୋଜ କୁମାର ସାହୁ, ଶୁଭସ୍ମିତା ବେହେରା,ରବିନ୍ଦ୍ରନାଥ ବେହେରା, ଉଷାରାଣୀ ଦାସ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ନଳିନୀକାନ୍ତ ମହାନ୍ତି ପ୍ରାରମ୍ଭିକ ସୂଚନାପ୍ରଦାନ କରିଥିଲା ବେଳେ କୈବଲ୍ୟ ମହାନ୍ତି ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

# ହାତୀ 'ମାଣିକି'ଙ୍କୁ ବନତାରାରେ ମିଳିଲା ନୂତନ ଜୀବନ



- ଆସାମରୁ ଜାମନଗରକୁ ଅଣାଗଲା
- ବିଶେଷଜ୍ଞଙ୍କ ତତ୍ତ୍ୱାବଧାନରେ ହେବ ଚିକିତ୍ସା

**ଭୁବନେଶ୍ୱର,ଜାମନଗର,୨୫।୬/ଏନ୍ଏନ୍ଏସ୍:** ପ୍ରାୟ ୪୮ ବର୍ଷ ବୟସର ମାଣିକି ନାମକ ଏକ ହାତୀର ଚିକିତ୍ସା ଏବଂ ଉନ୍ନତ ଯତ୍ନ ପାଇଁ ଜାମନଗର ସ୍ଥିତ ବନତାରାରେ ପହଞ୍ଚିଛି। କିଛି ବର୍ଷ ଧରି, ସେ ନିଜର ଆଗ ବାମ ଗୋଡ଼ରେ ଏକ ଗମ୍ଭୀର ସମସ୍ୟା ସହିତ ସଂଘର୍ଷ କରୁଥିଲା, ଯାହା ଦ୍ୱାରା ଚାଲିବାରେ ବହୁତ ଅସୁବିଧା ସୃଷ୍ଟି ହେଉଥିଲା। ବୟସ ସହିତ ଏହାର ଅବସ୍ଥା ଖରାପ ହୋଇଯାଇଥିଲା ଏବଂ ଶରୀରରେ ଜଳ କମ ହୋଇଯାଇଥିଲା। ଅନେକ କ୍ଷତ ସଂକ୍ରମିତ ହୋଇଯାଇଥିଲା ଏବଂ ଗୋଟିଏ ଆଖିରେ ଦୃଷ୍ଟି ଶକ୍ତି ଦୁର୍ବଳ ହୋଇଯାଇଥିଲା। କିଛି ଦିନ ପୂର୍ବରୁ ଆସାମକୁ ଚିକିତ୍ସା ପାଇଁ ନିଆଯାଇଥିବା ସମୟରେ ମାଣିକିର ଏକ ଭିଡିଓ ଲୋକଲୋଚନକୁ ଆସିଥିଲା। ଭିଡିଓରେ ସେ ଏକ ରାସ୍ତାରେ ଯନ୍ତ୍ରଣାରେ ଛୋଟେଇ ଛୋଟେଇ ଚାଲୁଥିବା ଦେଖାଯାଇଥିଲା। ଏହି ଭିଡିଓ ସାମାଜିକ ଗଣମାଧ୍ୟମ ବା ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା, ଯାହା ଫଳରେ ସାରା ଦେଶବାସୀ ଏହା ପାଇଁ ଉପଯୁକ୍ତ ଚିକିତ୍ସା ଏବଂ ଉତ୍ତମ ଯତ୍ନ ଦାବି କରିଥିଲେ। ମାଣିକିର ଗୁରୁତର ଅବସ୍ଥାକୁ ଦୃଷ୍ଟିରେ ରଖି, ତାଙ୍କ ମାଲିକ ରୁଚି ଚେତିଆ ଏହାକୁ ବନତାରାକୁ ସ୍ଥାନାନ୍ତର କରିବା ପାଇଁ ସୁପ୍ରିମକୋର୍ଟ ଦ୍ୱାରା ନିଯୁକ୍ତ କମିଟିଠାରୁ ଅନୁମତି ମାଗିଥିଲେ। ଏହି କମିଟି ସହିତ, ଆସାମ ଏବଂ ଗୁଜରାଟ ସରକାର ମଧ୍ୟ ଅନୁମୋଦନ ପ୍ରଦାନ କରିବା ପରେ ମାଣିକିକୁ ସୁରକ୍ଷିତ ଭାବରେ ଜାମନଗର ସ୍ଥାନାନ୍ତରିତ କରାଯାଇଥିଲା। ବନତାରାର ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ ମାଣିକିକୁ ଦୀର୍ଘକାଳୀନ ବିଶେଷଜ୍ଞ ଚିକିତ୍ସାର ଆବଶ୍ୟକତା ରହିଛି। ଏହାର ଯନ୍ତ୍ରଣାକୁ କମ କରିବା ପାଇଁ ଔଷଧ ଦିଆଯିବ ଏବଂ ହାଇଡ୍ରୋଥେରାପି, ଆକୁପଙ୍କଚର, କ୍ଷତର ଉପଚାର ଏବଂ ପୁଷ୍ଟିକର ଖାଦ୍ୟ ଦିଆଯିବ। ଏହାର ସ୍ୱାସ୍ଥ୍ୟ ଉପରେ ଲଗାତାର ନଜର ରଖାଯିବ। ବନତାରାର ଜଣେ ମୁଖପାତ୍ର କହିଛନ୍ତି ଯେ, ଚିକିତ୍ସା ସହିତ, ମାଣିକିର ଆରାମ ସୁନିଶ୍ଚିତ କରିବା ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦିଆଯିବ। ଏହାର ଆହତ ଗୋଡ଼ ଉପରେ ଚାପ କମ କରିବା ପାଇଁ ଏକ ନରମ ଭୂମି ପ୍ରସ୍ତୁତ କରାଯାଇଛି, ଏବଂ ଏହା ପାଖରେ ପ୍ରାକୃତିକ ପୋଖରୀର ସୁବିଧା ରହିବ, ଯାହା ମାଣିକିର ଗୋଡ଼କୁ ଆରାମ ଦେବ। ସେ ଅନ୍ୟ ହାତୀମାନଙ୍କ ସହିତ ଏକ ପ୍ରାକୃତିକ ପରିବେଶରେ ରହିପାରିବ। ବନତାରାର ପ୍ରତିଷ୍ଠା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନନ୍ତ ଅମ୍ବାନୀଙ୍କ ଦ୍ୱାରା କରାଯାଇଥିଲା। ଏହା ପଶୁ ଉଦ୍ଧାର, ଚିକିତ୍ସା, ପୁନର୍ବାସ ଏବଂ ଦୀର୍ଘକାଳୀନ ଯତ୍ନ ପାଇଁ ଉତ୍ସର୍ଗୀକୃତ ଏକ ବିଶ୍ୱସ୍ତରୀୟ କେନ୍ଦ୍ର। ଏଠାରେ ଅତ୍ୟାଧୁନିକ ବନ୍ୟପ୍ରାଣୀ ହସ୍ପିଟାଲ ରହିଛି। ଏଠାରେ ହାତୀମାନଙ୍କ ପାଇଁ ବିଶ୍ୱର ସର୍ବବୃହତ ହସ୍ପିଟାଲ ମଧ୍ୟରୁ ଅନ୍ୟତମ ରହିଛି। ଏଠାରେ ବିଶେଷଜ୍ଞଙ୍କ ତତ୍ତ୍ୱାବଧାନରେ ପ୍ରାଣୀମାନେ ଆବଶ୍ୟକ ଚିକିତ୍ସା ଏବଂ ଯତ୍ନ ପାଇଥାନ୍ତି।

ଟାଇମ୍ସ ହାୟର୍ ଏଜୁକେସନ୍ ସଷ୍ଟେନେବିଲିଟି ଇମ୍ପାକ୍ଟ ର୍ୟାଙ୍କିଂ ୨୦୨୬

# କିସ୍‌ର ପ୍ରଭାବୀ ପ୍ରଦର୍ଶନ



**ଭୁବନେଶ୍ୱର,୨୫।୬/ଏନ୍ଏନ୍ଏସ୍:** ଟାଇମ୍ସ ହାୟର୍ ଏଜୁକେସନ୍ ସଷ୍ଟେନେବିଲିଟି ଇମ୍ପାକ୍ଟ ର୍ୟାଙ୍କିଙ୍ଗ୍ ୨୦୨୬ରେ ଭାରତର ସମସ୍ତ ସରକାରୀ ଏବଂ ଘରୋଇ ଶିକ୍ଷାନୁଷ୍ଠାନ ମଧ୍ୟରେ କିସ୍ ପ୍ରଭାବୀ ପ୍ରଦର୍ଶନ କରିଛି। କିସ୍ ବିଶ୍ୱବିଦ୍ୟାଳୟ ଚଳିତବର୍ଷ ପ୍ରଥମ ଥର ପାଇଁ ସଷ୍ଟେନେବିଲିଟି ଇମ୍ପାକ୍ଟ ରାଙ୍କିଂରେ ଅଂଶଗ୍ରହଣ କରି ୪୦୧–୬୦୦ ଗ୍ଲୋବାଲ୍ ବ୍ୟାଣ୍ଡରେ ସ୍ଥାନ ପାଇ ରାଜ୍ୟର ଗୌରବ ଆଣିଛି। ଏହା ସହ ଭାରତରେ ସାମଗ୍ରିକ ଭାବରେ ୭ମ ସ୍ଥାନ ହାସଲ କରିଛି।

ପ୍ରଥମ ଥର ପାଇଁ ଏହି ପ୍ରତିଷ୍ଠିତ ଗ୍ଲୋବାଲ୍ ରାଙ୍କିଂରେ ଅଂଶଗ୍ରହଣ କରି କିସ୍ ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ରେ ସ୍ୱୀକୃତି ପାଇଛି। ଏହି ତାଲିକାର ଗୁଣାତ୍ମକ ଶିକ୍ଷା ବର୍ଗରେ କିସ୍ ବିଶ୍ୱ ରାଙ୍କର ୯୦ ସ୍ଥାନରେ ରହିଥିବା ବେଳେ ଲିଙ୍ଗ ସମାନତାରେ ୬୦ ସ୍ଥାନ ହାସଲ କରିଛି। ସେହିପରି ଦାରିଦ୍ର୍ୟ ଦୂରୀକରଣରେ ୧୦୧-୨୦୦ ଗ୍ଲୋବାଲ୍ ବ୍ୟାଣ୍ଡରେ ସ୍ଥାନ ପାଇଥିବା ବେଳେ ଅସମାନତା ହ୍ରାସ ପାଇଁ ୪୦୧-୬୦୦ ବ୍ୟାଣ୍ଡରେ ମଧ୍ୟ ସ୍ଥାନ ପାଇଛି। ଜନଜାତି ଓ ଅବହେଳିତ ଛାତ୍ରଛାତ୍ରୀଙ୍କୁ ବିନାଦେୟରେ ସାମଗ୍ରିକ ଶିକ୍ଷା ପ୍ରଦାନ କରି ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା ଦିଗରେ କିସ୍‌ର ଦୀର୍ଘକାଳୀନ ପ୍ରତିବଦ୍ଧତା ପାଇଁ ଏହି ରାଙ୍କିଂ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଟାଇମ୍ସ ହାଇୟର ଏଜୁକେସନ୍ ବିଶ୍ୱବିଦ୍ୟାଳୟଗୁଡ଼ିକର ଗ୍ଲୋବାଲ୍ ର୍ୟାଙ୍କିଂ କରିବା ବ୍ୟତୀତ ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ ଆଧାରରେ କେଉଁ ସବୁ ବିଶ୍ୱବିଦ୍ୟାଳୟ କେତେ ପରିମାଣରେ ସାମାଜିକ ପ୍ରଭାବ ସୃଷ୍ଟି କରିଛନ୍ତି ତା ଉପରେ ମଧ୍ୟ ର୍ୟାଙ୍କିଂ କରିଥାଏ। ସେହି ଆଧାରରେ କିସ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ କିସ୍ ଭଲ ର୍ୟାଙ୍କ ପ୍ରଦର୍ଶନ କରିଛି। ଏଥିରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି କିସ୍ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଇମ୍ପାକ୍ଟ ର୍ୟାଙ୍କିଂରେ ଚମତ୍କାର ପ୍ରଦର୍ଶନ କରିଛି। ଏହି ମାନ୍ୟତା ଅନ୍ତର୍ଭୁକ୍ତି ଶିକ୍ଷା, ସାମାଜିକ ପରିବର୍ତ୍ତନ ଏବଂ ସ୍ଥାୟୀ ବିକାଶ ପ୍ରତି କିସ୍ ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ବୋଲି ଶ୍ରୀ ସାମନ୍ତ କହିଛନ୍ତି।

## ଏନ୍ଇପି ସଚେତନତା କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୫।୬/ଏନ୍ଏନ୍ଏସ୍:** ଉତ୍କଳ ବିଶ୍ୱବିଦ୍ୟାଳୟର ମାଲବୀୟ ମିଶନ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର (ଏମଏମଟିଟିସି), ଦୂର ଓ ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟ (ଡିଡିସିଇ) ଏବଂ ମହାବିଦ୍ୟାଳୟ ବିକାଶ ପରିଷଦ (ସିଡିସି)ର ମିଳିତ ଆନୁକୂଲ୍ୟରେ 'ଜାତୀୟ ଶିକ୍ଷା ନୀତି (ଏନଇପି) ଅଭିମୁଖୀକରଣ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଜୁନ୍ ୨୩ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଜୁଲାଇ ୨ ପର୍ଯ୍ୟନ୍ତ ଚାଲିବ। ଉଚ୍ଚଶିକ୍ଷା କ୍ଷେତ୍ରର ଅଧ୍ୟାପକ, ଅଧ୍ୟାପିକା ଓ ଗବେଷକମାନଙ୍କୁ ଜାତୀୟ ଶିକ୍ଷା ନୀତି-୨୦୨୦ର ଦୂରଦୃଷ୍ଟି ଏବଂ ଏହାର ପ୍ରଭାବଶାଳୀ ରୂପାୟନ ସମ୍ପର୍କରେ ଅବଗତ କରାଇବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ, ଅନୁବନ୍ଧିତ ଓ ସ୍ୱୟଂଶାସିତ ମହାବିଦ୍ୟାଳୟ, ବେସରକାରୀ ଶିକ୍ଷାନୁଷ୍ଠାନ ଏବଂ ପଲିଟେକନିକ୍ କଲେଜରୁ ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଶୈକ୍ଷିକ ନେତୃତ୍ୱ, ଉଚ୍ଚଶିକ୍ଷା ଓ ସମାଜ, ସାମଗ୍ରିକ ଓ ବହୁମୁଖୀ ଶିକ୍ଷା, ଦକ୍ଷତା ବିକାଶ, ଭାରତୀୟ ଜ୍ଞାନ ପରମ୍ପରା, ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା, ଗବେଷଣା ଓ ବିକାଶ ଏବଂ ଛାତ୍ର ବିବିଧତା ଓ ଅନ୍ତର୍ଭୁକ୍ତ ଶିକ୍ଷା ଭଳି ଆଠଟି ପ୍ରମୁଖ ବିଷୟ ଉପରେ ବିଶେଷଜ୍ଞମାନେ ଆଲୋଚନା କରୁଛନ୍ତି। ଆଭାସି ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରତିଯୋଗୀମାନଙ୍କୁ ଜାତୀୟ ସ୍ତରର ଶୈକ୍ଷିକ ଦୃଷ୍ଟିକୋଣ ଓ ବୌଦ୍ଧିକ ବିକାଶ ସମ୍ପର୍କରେ ଜାଣିବାର ସୁଯୋଗ ପ୍ରଦାନ କରୁଛି। ସେହିପରି ଦେଶର ବିଭିନ୍ନ ପ୍ରାନ୍ତର ଶିକ୍ଷାବିତ୍ ଓ ସହକର୍ମୀମାନଙ୍କ ସହ ଭାବ ବିନିମୟ ମାଧ୍ୟମରେ ଉଚ୍ଚଶିକ୍ଷାର ସମସାମୟିକ ଧାରାକୁ ବୁଝିବାରେ ଏହା ସହାୟକ ହେଉଛି। ଏହି ଜାତୀୟ ସ୍ତରର ଅଭିମୁଖୀକରଣ କାର୍ଯ୍ୟକ୍ରମ ଆଗାମୀ ଦିନରେ ଉଚ୍ଚଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରିବା ସହ ଅଂଶଗ୍ରହଣକାରୀ ପ୍ରତିଯୋଗୀମାନଙ୍କୁ ଏକ ନୂତନ ଶୈକ୍ଷିକ ଦିଗଦର୍ଶନ ପ୍ରଦାନ କରିବ ବୋଲି ଆଶା ପ୍ରକାଶ ପାଇଛି। ଶେଷରେ ଏହି ଆଭାସି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିବାରେ ସଂଗଠନର ସମସ୍ତ ସଦସ୍ୟ ଓ ବିଶେଷଜ୍ଞମାନେ ସହଯୋଗ କରିଥିଲେ।

ହେଲ୍ଥ ଆଇକନ୍ସ ଓଡ଼ିଶା କାର୍ଯ୍ୟକ୍ରମ

# ସ୍ୱାସ୍ଥ୍ୟସେବା ପାଇବା ହେଉଛି ଲୋକଙ୍କ ଅଧିକାର: ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୨୫।୬/ଏନ୍ଏନ୍ଏସ୍:** ସ୍ୱାସ୍ଥ୍ୟ ସେବା ପାଇବା ହେଉଛି ଲୋକଙ୍କ ଅଧିକାର। ସେ ଅଧିକାରର ସୁରକ୍ଷାକୁ ଆମେ ଆମର ଦାୟିତ୍ୱ ଭାବେ ଗ୍ରହଣ କରିଛୁ। ପୂର୍ବରୁ ଆମର ସ୍ୱାସ୍ଥ୍ୟନୀତିର ଲକ୍ଷ୍ୟ ଥିଲା ଲୋକଙ୍କୁ ଭଲ ସ୍ୱାସ୍ଥ୍ୟସେବା ପାଇଁ ଭିତ୍ତିଭୂମି ସୃଷ୍ଟି କରିବା। ଯେପରି ଲୋକମାନେ ସହଜରେ ନିକଟସ୍ଥ ହସ୍ପିଟାଲକୁ ବା ଚିକିତ୍ସାକେନ୍ଦ୍ରକୁ ଯାଇ ପାରିବେ ଏବଂ ସେବା ପାଇପାରିବେ। ବର୍ତ୍ତମାନ ଆମର ନୀତି ଆଉ ଟିକେ ଉପରକୁ ଚିନ୍ତା କରିଛୁ। ଭଲ ଭିତ୍ତିଭୂମି, ଭଲ ହସ୍ପିଟାଲ, ଭଲ ଇନ୍ଷ୍ଟ୍ରୁମେଣ୍ଟ ଆଦି ଅତ୍ୟନ୍ତ ଆବଶ୍ୟକ ଏବଂ ଏହାର ବିକାଶ ମଧ୍ୟ କରାଯାଉଛି। କିନ୍ତୁ, ତାହାଠୁ ମଧ୍ୟ ଆହୁରି ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି, ବ୍ୟବସ୍ଥା ଉପରେ ଭରସା। ରୋଗୀଙ୍କୁ ଠିକ୍ ସମୟରେ ଚିକିତ୍ସା, ସମ୍ମାନ ପ୍ରଦାନ, ସେବାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ ଉପରେ ଗୁରୁତ୍ୱ ଆରୋପ କରାଯାଉଛି। ଗାଁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରୁ ସହରର ସୁପର ସ୍ପେସିଆଲ୍‌ଟି ହସ୍ପିଟାଲ ପର୍ଯ୍ୟନ୍ତ ଆମର ସମ୍ପୂର୍ଣ୍ଣ ହେଲ୍ଥ କେୟାର ନେଟୱାର୍କକୁ ଦକ୍ଷ ଓ ବିଶ୍ୱସନୀୟ କରିବା ପାଇଁ ଆମର ଉଦ୍ୟମ ଜାରି ରହିଛି। ଗୁରୁବାର ଏକ ଜାତୀୟ ଖବରକାଗଜ ପକ୍ଷରୁ ଆୟୋଜିତ ହେଲ୍ଥ ଆଇକନ୍ସ ଓଡିଶା କାର୍ଯ୍ୟକ୍ରମରେ ଯୋଗଦେଇ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ଆମେ ସମୃଦ୍ଧ ଓଡିଶା ଗଠନ କରିବା ପାଇଁ ଉଦ୍ୟମ ଆରମ୍ଭ କରିଛୁ। ସାରା ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ବିକଶିତ ଭାରତ ଗଠନ ପଥରେ, ଆମେ ଅଗ୍ରସର ହେଉଛୁ। ଏହାର ମୂଳଭିତ୍ତି ହେଉଛି, ଏକ ସୁସ୍ଥ ଓଡ଼ିଶା, ଏକ ସୁସ୍ଥ ଭାରତ। ଓଡ଼ିଶା ସୁସ୍ଥ ନହେଲେ ସମୃଦ୍ଧ ହେବ ନାହିଁ। ଭାରତ ସୁସ୍ଥ ନହେଲେ, ବିକଶିତ ହେବ ନାହିଁ। ଆୟୁଷ୍ମାନ ଭାରତ ପରି ଏକ ଯୁଗାନ୍ତକାରୀ ଯୋଜନା ଜରିଆରେ ଦେଶର କୋଟି କୋଟି ସାଧାରଣ ଜନତା ଯେଉଁମାନେ ସ୍ୱାସ୍ଥ୍ୟ ସମସ୍ୟା ଆସିଲେ ଦୁଃଖରେ ଭାଙ୍ଗି ପଡନ୍ତି, ସେମାନଙ୍କ ପାଇଁ ଆଜି ଚିକିତ୍ସା ସମସ୍ୟା ସବୁ ଦିନ ପାଇଁ ଦୂର ହୋଇଛି। ୭୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତଙ୍କ ପାଇଁ ଆୟୁଷ୍ମାନ ବୟୋବନ୍ଦନା ଯୋଜନା ମଧ୍ୟ ଲାଗୁ କରାଯାଇଛି। ଓଡ଼ିଶାରେ ଆୟୁଷ୍ମାନ ଭାରତ ଯୋଜନାକୁ କେବଳ ନିଛକ ରାଜନୈତିକ କାରଣରୁ କାର୍ଯ୍ୟକାରୀ କରାଯାଉ ନଥିଲା। ଆମ ସରକାର ଆସିଲା ପରେ, ଏହା ଲାଗୁ ହେଲା ଏବଂ ବର୍ତ୍ତମାନ ଓଡ଼ିଶାର ୩ କୋଟି ୫୨ ଲକ୍ଷ ଲୋକ ଦେଶର ୩୨ ହଜାର ହସ୍ପିଟାଲରେ ଏହାର ସୁବିଧା ନେବା ପାଇଁ ଯୋଗ୍ୟ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ,ଓଡ଼ିଶାରେ ବର୍ତ୍ତମାନ ୧୫ଟି ସରକାରୀ ମେଡିକାଲ କଲେଜ ଅଛି। ନବରଙ୍ଗପୁରରେ ଏକ ମେଡିକାଲ କଲେଜ ପାଇଁ ଭିତ୍ତିପ୍ରସ୍ତର ଦିଆଯାଇଛି। ଏହା ସହିତ ଢେଙ୍କାନାଳ, ଜଗତସିଂହପୁର ଓ ଭଦ୍ରକରେ ମଧ୍ୟ ଖୁବ୍‌ଶୀଘ୍ର ମେଡିକାଲ କଲେଜ ସ୍ଥାପନ କରାଯିବ। ଏହା ସହିତ ୮ଟି ନର୍ସିଂ କଲେଜ, ୩ଟି ଆୟୁର୍ବେଦିକ କଲେଜ ଓ ୨ଟି ହୋମିଓପାଥିକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି। ଗତ ୨ ବର୍ଷ ମଧ୍ୟରେ ରାଜ୍ୟରେ ୫,୧୯୭ ମେଡିକାଲ ଅଫିସର ଓ ପାରାମେଡିକ୍ସ ନିଯୁକ୍ତି ଦିଆଯାଇଛି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ୬,୬୭୫ଟି ନୂଆ ପଦବୀ ସୃଷ୍ଟି କରାଯାଇଛି। ୧୨,୧୨୧ଟି ପଦବୀ ପୂରଣ ପାଇଁ ବିଭିନ୍ନ ନିଯୁକ୍ତି ଆୟୋଗକୁ ପ୍ରସ୍ତାବ ଦିଆଯାଇଛି।

## ପୁସ୍ତିକା 'ବିକାଶର ଧାରା, ଓଡ଼ିଶା ସାରା' ଉନ୍ମୋଚିତ

**ଭୁବନେଶ୍ୱର,୨୫।୬/ଏନ୍ଏନ୍ଏସ୍:** ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପୁରୀ ପୌରପାଳିକାର ଟାଉନ୍ ହଲ୍‌ଠାରେ ରାଜ୍ୟ ସ୍ତରୀୟ 'ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମ' ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ନାଗରିକମାନଙ୍କର ସହଭାଗିତାକୁ ସୁଦୃଢ଼ କରିବା ଏବଂ ବିଗତ ଦୁଇ ବର୍ଷ ମଧ୍ୟରେ ସହରାଞ୍ଚଳ କ୍ଷେତ୍ରରେ ହାସଲ ହୋଇଥିବା ଉଲ୍ଲେଖନୀୟ ସଫଳତାକୁ ପ୍ରଦର୍ଶିତ କରିବା ପାଇଁ ଏକ ପ୍ରମୁଖ ମାଧ୍ୟମ ସାଜିଥିଲା। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗର ସ୍ୱତନ୍ତ୍ର ପୁସ୍ତିକା 'ବିକାଶର ଧାରା, ଓଡ଼ିଶା ସାରା' (ଦୁଇ ବର୍ଷରେ ଦୁଇଗୁଣା ବିକାଶ) କୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ। ଏହି ପୁସ୍ତିକାରେ ବିଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଶାର ସହରାଞ୍ଚଳଗୁଡ଼ିକରେ ହାତକୁ ନିଆଯାଇଥିବା ବିଭିନ୍ନ ରୂପାନ୍ତରଣମୂଳକ ପଦକ୍ଷେପ, ଯେପରିକି- ସହରାଞ୍ଚଳ ଭିତ୍ତିଭୂମି, ପରିମଳ, ପାନୀୟ ଜଳ ଯୋଗାଣ, ଆବାସନ, ଗମନାଗମନ, ନାଗରିକ-କେନ୍ଦ୍ରିକ ସେବା ଏବଂ କଲ୍ୟାଣକାରୀ କାର୍ଯ୍ୟକ୍ରମ କ୍ଷେତ୍ରରେ ହୋଇଥିବା ପ୍ରମୁଖ ଅଗ୍ରଗତି ବିଷୟରେ ଆଲୋକପାତ କରାଯାଇଛି। ସହରଗୁଡ଼ିକୁ ଅନ୍ତର୍ଭୁକ୍ତିକରଣ, ସହନଶୀଳ ଏବଂ ଭବିଷ୍ୟତ-ଉପଯୋଗୀ ଭାବେ ଗଢ଼ିତୋଳିବା ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସର ଏକ ବିସ୍ତୃତ ବିବରଣୀ ଏଥିରେ ଉପସ୍ଥାପନ କରାଯାଇଛି। ସଭାକୁ ସମ୍ବୋଧିତ କରି ଡକ୍ଟର ମହାପାତ୍ର ଗୁରୁତ୍ୱାରୋପ କରିଥିଲେ ଯେ, ସ୍ଥାୟୀ ସହରାଞ୍ଚଳ ବିକାଶ ପାଇଁ ପ୍ରଭାବଶାଳୀ ଜନସମ୍ପର୍କ ଏବଂ ସକ୍ରିୟ ନାଗରିକ ସହଭାଗିତା ଅତ୍ୟନ୍ତ ଜରୁରୀ। ସେ କହିଥିଲେ ଯେ ଯେତେବେଳେ ନାଗରିକମାନେ ବିକାଶମୂଳକ ଯୋଜନାର ପ୍ରଣୟନ, କାର୍ଯ୍ୟାନ୍ୱୟନ ଏବଂ ଅନୁଧ୍ୟାନରେ ସକ୍ରିୟ ଭାବେ ଯୋଗଦାନ କରନ୍ତି, ସେତେବେଳେ ସହରାଞ୍ଚଳ ରୂପାନ୍ତରଣ ଅଧିକ ଅର୍ଥପୂର୍ଣ୍ଣ ଏବଂ ପ୍ରଭାବଶାଳୀ ହୋଇପାରିବ। ଏହି କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ପୁରୀ ପୌରପାଳିକା କମିଶନର ସ୍ନେହା ଓର୍ଗୁଲାଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ, ପୁରୀ ପୌରପାଳିକାର ପ୍ରତିନିଧି, ଜନପ୍ରତିନିଧି ଏବଂ ବିପୁଳ ସଂଖ୍ୟାରେ ନାଗରିକମାନେ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ନେତୃତ୍ୱରେ ଓଡ଼ିଶାର ସହରାଞ୍ଚଳ କ୍ଷେତ୍ରରେ ହାସଲ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ପ୍ରଗତି ଉପରେ ବକ୍ତାମାନେ ଆଲୋକପାତ କରିବା ସହ ସହରୀ ବିକାଶର ଗତିକୁ ତ୍ୱରାନ୍ୱିତ କରିବା, ସେବା ପ୍ରଦାନରେ ସୁଧାର ଆଣିବା ଏବଂ ଶାସନରେ ନାଗରିକଙ୍କ ସହଭାଗିତାକୁ ଅଧିକ ସୁଦୃଢ଼ କରିବା ପାଇଁ ବିଭାଗର ପ୍ରତିବଦ୍ଧତାକୁ ଦୋହରାଇଥିଲେ।

## ଜାରି ରହିବ ଅବାଧ ସ୍ୱାସ୍ଥ୍ୟସେବା

**ଭୁବନେଶ୍ୱର,୨୫।୬/ଏନ୍ଏନ୍ଏସ୍:** ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ନିଜ ଅଫିସ କକ୍ଷରେ ଓଡିଶା ମେଡିକାଲ ସର୍ଭିସ ଆସୋସିଏସନ୍ ଅଧିକାରୀଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ବୈଠକ କରିଛନ୍ତି। ଡାକ୍ତର ସଂଘ ପକ୍ଷରୁ ଜନସ୍ୱାର୍ଥକୁ ଗୁରୁତ୍ୱ ଦେଇ ସରକାର ସହ ଆଲୋଚନା ଜାରି ରଖିବା ଏବଂ ସ୍ୱାସ୍ଥ୍ୟ ସେବା ଅବାଧ ଭାବେ ଜାରି ରଖିବା ଦିଗରେ ସକାରାତ୍ମକ ମନୋଭାବ ପ୍ରକାଶ କରାଯାଇଛି। ବୈଠକରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଏମଡ଼ି ଡ଼ ବୃନ୍ଦା ଡ଼ି, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ମହେଶ ମୋହନ ପଣ୍ଡା, ଅତିରିକ୍ତ ଶାସନ ସଚିବ ଗୌରହରୀ ବେହେରା ଏବଂ ଓମ୍ସାର ସଭାପତି ଡ଼ କିଶୋର ଚନ୍ଦ୍ର ମିଶ୍ର, ସାଧାରଣ ସମ୍ପାଦକ ଡ଼ ସଞ୍ଜୀବ କୁମାର ପ୍ରଧାନ ଉପସ୍ଥିତ ଥିଲେ।

## ପଣ୍ଡିତ ଓଁକାରନାଥ ଠାକୁରଙ୍କ ଜୟନ୍ତୀ



**ଭୁବନେଶ୍ୱର,୨୫।୬/ଏନ୍ଏନ୍ଏସ୍:** ଭୁବନେଶ୍ୱରର ଅଗ୍ରଣୀ ଶାସ୍ତ୍ରୀୟ ସଂଗୀତ ଅନୁଷ୍ଠାନ 'ସ୍ୱରରଙ୍ଗ' ଆନୁକୂଲ୍ୟରେ ଭାରତର ପ୍ରସିଦ୍ଧ ସଂଗୀତଜ୍ଞ ସଂଗୀତ ମାର୍ତ୍ତଣ୍ଡ ପଦ୍ମଶ୍ରୀ ପଣ୍ଡିତ ଓଁକାରନାଥ ଠାକୁର (ପ୍ରଣବରଙ୍ଗ)ଙ୍କ ୧୨୯ତମ ଜୟନ୍ତୀ ଉତ୍ସବ ସ୍ଥାନୀୟ ବୁଦ୍ଧ ମନ୍ଦିର ପ୍ରେକ୍ଷାଳୟରେ ପାଳିତ ହୋଇଯାଇଛି। ଏହି ଉତ୍ସବକୁ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ମୁଖ୍ୟ ଅତିଥି ଏବଂ ବରିଷ୍ଠ ଚଳଚ୍ଚିତ୍ର ସମାଲୋଚକ ଦିଲ୍ଲୀପ୍ ହାଲୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅତିଥିମାନେ ସ୍ୱରରଙ୍ଗ ଅନୁଷ୍ଠାନର ପୂଜ୍ୟପୂଜା ପରମ୍ପରା ଏବଂ ଏହି ପ୍ରସିଦ୍ଧ ସଂଗୀତ ବିଦ୍ୱାନଙ୍କ ସାଂଗୀତିକ ରଚନାର ପ୍ରଚାର ପ୍ରସାର ପାଇଁ କରାଯାଉଥିବା ନିରନ୍ତର ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ସମାରୋହରେ ଅନୁଷ୍ଠାନର ଉପଦେଷ୍ଟା ଗୁରୁ ପଣ୍ଡିତ ଦେବେନ୍ଦ୍ର ନାରାୟଣ ଶତପଥୀ ପଣ୍ଡିତଜୀଙ୍କ ଜୀବନୀ ଓ ସାଂଗୀତିକ ସାଧନା ସମ୍ବନ୍ଧରେ ଆଲୋକପାତ କରିଥିବା ବେଳେ କୋଷାଧ୍ୟକ୍ଷା ଶ୍ରୀମତୀ ମାନସୀ ହୋତା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସାନ୍ଧ୍ୟକାଳୀନ କାର୍ଯ୍ୟକ୍ରମରେ 'ପ୍ରଣବ-ରଙ୍ଗ'ଙ୍କ ବିଭିନ୍ନ ରାଗରେ ରଚିତ ଭାବପୂର୍ଣ୍ଣ ବନ୍ଦିଶ ଗାୟନରୁ ଶାସ୍ତ୍ରୀୟ ସଂଗୀତର ଆସର ଆରମ୍ଭ ହୋଇଥିଲା। ଏହାକୁ ଲିପ୍ସା ନନ୍ଦ, ଦୀପ୍ତି ନନ୍ଦ, ଗୁରୁ ଶ୍ରୀ କୃଷ୍ଣଚନ୍ଦ୍ର ଦାଶ, ଗୁରୁ ପଣ୍ଡିତ ହରିହର ରଥ, ଗୁରୁ ପଣ୍ଡିତ କରୁଣାକର ନାୟକ, ଗୁରୁ ପଣ୍ଡିତ ଡ଼. ରଘୁନାଥ ସାହୁ ଏବଂ ଗୁରୁ ଅନ୍ତର୍ଯ୍ୟାମୀ ବରାଳ ପ୍ରମୁଖ ସୁଲଳିତ କଣ୍ଠରେ ପରିବେଷଣ କରିଥିଲେ। ଏହି ସଂଗୀତ ଆସରରେ ତବଲାରେ ଗୁରୁ ଶ୍ରୀ ସୁଶାନ୍ତ କୁମାର ଜେନା ଓ ଗୁରୁଶ୍ରୀ ଭୀମସେନ୍ ପରିଡ଼ା ଏବଂ ହାରମୋନିୟମରେ (ବାଦ୍ୟଯନ୍ତ୍ର) ଗୁରୁ ଜୀବନ ପ୍ରକାଶ ଦାଶ ସହଯୋଗ କରିଥିଲେ। ଉଚ୍ଚକୋଟୀର ସାଂଗୀତିକ ମୂର୍ଚ୍ଛନାରେ ସମଗ୍ର ପ୍ରେକ୍ଷାଳୟ ଆନ୍ଦୋଳିତ ହୋଇଉଠିଥିବା ବେଳେ ଏହି କାର୍ଯ୍ୟକ୍ରମଟି ଶେଷ ପର୍ଯ୍ୟନ୍ତ ଶାସ୍ତ୍ରୀୟ ସଂଗୀତ ପ୍ରେମୀ ଦର୍ଶକମାନଙ୍କୁ ସମ୍ପୂର୍ଣ୍ଣ ଭାବେ ବାନ୍ଧି ରଖିବାରେ ସଫଳ ହୋଇଥିଲା।

## ଭୁବନେଶ୍ୱର ଏବଂ ଲୋକମାନ୍ୟ ତିଲକ ମଧ୍ୟରେ ସ୍ପେଶାଲ୍ ଟ୍ରେନ୍ ଚଳାଇବ ପୂର୍ବତଟ ରେଳପଥ

**ଭୁବନେଶ୍ୱର,୨୫।୬/ଏନ୍ଏନ୍ଏସ୍:** ଯାତ୍ରୀମାନଙ୍କ ଯାତ୍ରାକୁ ସୁବିଧାଜନକ କରିବା ଏବଂ ଅତିରିକ୍ତ ଭିଡ଼କୁ ହ୍ରାସ କରିବା ପାଇଁ, ପୂର୍ବତଟ ରେଳପଥ, ଭୁବନେଶ୍ୱର ଏବଂ ଲୋକମାନ୍ୟ ତିଲକ ଟର୍ମିନସ୍ ମଧ୍ୟରେ ଏକ ସ୍ୱତନ୍ତ୍ର ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରିବାକୁ ନିଷ୍ପତ୍ତି ନେଇଛି। ଏହା କେବଳ ଗୋଟିଏ ପାର୍ଶ୍ୱରୁ ଅର୍ଥାତ ଭୁବନେଶ୍ୱରଠାରୁ ଲୋକମାନ୍ୟ ତିଲକ ଟର୍ମିନସ୍ ମଧ୍ୟରେ ଯାତ୍ରା ସମାପ୍ତ କରିବ। ଟ୍ରେନ୍ ନମ୍ବର ୦୮୪୦୭ ଭୁବନେଶ୍ୱର-ଲୋକମାନ୍ୟ ତିଲକ ସ୍ୱତନ୍ତ୍ର ଏକ୍ସପ୍ରେସ୍ ୨୬ ଜୁନ୍ ୨୦୨୬ରେ ରାତି ୧୧ଟାରେ ଭୁବନେଶ୍ୱରରୁ ଛାଡ଼ିବ ଏବଂ ୨୮ ଜୁନ୍, ୨୦୨୬ରେ ସକାଳ ୯ଟାରେ ଲୋକମାନ୍ୟ ତିଲକରେ ପହଞ୍ଚିବ। ଏଥିରେ ଏସି ୨-ଟାୟାର୍ ୩ କୋଚ୍, ଏସି ୩-ଟାୟାର୍ ୪ କୋଚ୍, ସ୍ଲିପର କ୍ଲାସ୍ ୯ କୋଚ୍, ଲଗେଜ୍-ସହ-ଜେନେରେଟର-ସହ-ବ୍ରେକ୍ ଭ୍ୟାନ୍ ୨ କୋଚ୍ ରହିଛି। ଯାତ୍ରୀମାନଙ୍କୁ ସମୟସୂଚୀ ପ୍ରତି ଧ୍ୟାନ ଦେବାକୁ ଏବଂ ସେହି ଅନୁଯାୟୀ ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ ଦିଆଯାଇଛି। ଟ୍ରେନ୍‌ର ସଦ୍ୟତମ ସୂଚନା ପାଇଁ ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ ନ୍ୟାସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମ୍ ପରିଦର୍ଶନ କରିପାରିବେ କିମ୍ବା ଅଫିସିଆଲ୍ ରେଳବାଇ ଅନୁସନ୍ଧାନ ସେବାର ବ୍ୟବହାର କରିପାରିବେ।

# ସ୍ୱତନ୍ତ୍ର ସଘନ ସଂଶୋଧନ ଅଭିଯାନ ଶେଷ ହେବାକୁ ଆଉ ମାତ୍ର ୩ ଦିନ

**ଭୁବନେଶ୍ୱର,୨୫।୬/ଏନ୍ଏନ୍ଏସ୍:** ଓଡ଼ିଶାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନଅଭିଯାନ ବର୍ତ୍ତମାନ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ରାଜ୍ୟବ୍ୟାପୀ ଏହି ବୃହତ୍ ଗଣତାନ୍ତ୍ରିକ କାର୍ଯ୍ୟକ୍ରମ ଶେଷ ହେବାକୁ ଆଉ ମାତ୍ର ୩ ଦିନ ବାକି ଥିବାବେଳେ, ନିର୍ବାଚନ ପ୍ରଶାସନ ପକ୍ଷରୁ ଶେଷ ପର୍ଯ୍ୟାୟର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟର ୯୯.୯୩ ପ୍ରତିଶତ ଭୋଟରଙ୍କ ନିକଟରେ ପରିଗଣନା ଫର୍ମ ସଫଳତାର ସହ ପହଞ୍ଚି ସାରିଛି। ଏପର୍ଯ୍ୟନ୍ତ ୩ କୋଟି ୩୩ ଲକ୍ଷ ୭ ହଜାର ୫୪୫ ଜଣ ଭୋଟରଙ୍କୁ ଫର୍ମ ବଣ୍ଟନ କରାଯାଇଥିବାବେଳେ, ଅବଶିଷ୍ଟ ଭୋଟରଙ୍କ ନିକଟରେ ଫର୍ମ ପହଞ୍ଚାଇବା ପାଇଁ କ୍ଷେତ୍ରସ୍ତରରେ ଅଧିକାରୀମାନେ ଦିନରାତି କାମ କରୁଛନ୍ତି। କେବଳ ଫର୍ମ ବଣ୍ଟନ ନୁହେଁ, ବରଂ ଏକ ସ୍ୱଚ୍ଛ, ନିର୍ଭୁଲ ଓ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତି ଦିଗରେ ତଥ୍ୟର ଡିଜିଟାଇଜେସନ କାର୍ଯ୍ୟ ମଧ୍ୟ ଦ୍ରୁତ ଗତିରେ ଚାଲିଛି। ବର୍ତ୍ତମାନ ସୁଦ୍ଧା ୯୩.୮୪ ପ୍ରତିଶତ, ଅର୍ଥାତ ୩ କୋଟି ୧୩ ଲକ୍ଷ ୪୨ ହଜାର ୭୯୪ ଜଣ ଭୋଟରଙ୍କ ତଥ୍ୟ ଡିଜିଟାଇଜେସନ ସମ୍ପୂର୍ଣ୍ଣ ହୋଇସାରିଛି। ଏହି ଅଭିଯାନରେ ଅଧିକରୁ ଅଧିକ ଜନସହଭାଗିତା ସୁନିଶ୍ଚିତ କରିବା ସହ କୌଣସି ଯୋଗ୍ୟ ଭୋଟର ଯେପରି ବାଦ୍ ନ ପଡ଼ନ୍ତି, ସେଥିପାଇଁ ଆଜି ରାଜ୍ୟର ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବୁଥ୍ ସ୍ତରୀୟ ଅଧିକାରୀ ଏବଂ ବୁଥ୍ ସ୍ତରୀୟ ଏଜେଣ୍ଟ ମାନଙ୍କ ମଧ୍ୟରେ ସମନ୍ୱୟ ବୈଠକ ଆୟୋଜିତ ହୋଇଥିଲା। ବୈଠକରେ ଅବଶିଷ୍ଟ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏକ ସ୍ୱଚ୍ଛ, ନିର୍ଭରଯୋଗ୍ୟ ଓ ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତ କରିବା ହେଉଛି ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ଅଭିଯାନର ମୂଳ ଲକ୍ଷ୍ୟ। କ୍ଷେତ୍ରସ୍ତରରେ ନିୟୋଜିତ କର୍ମଚାରୀମାନଙ୍କ ନିଷ୍ଠାପର ପରିଶ୍ରମ, ବିଭିନ୍ନ ପ୍ରଶାସନିକ ଟିମ୍‌ର ସୁଦୃଢ଼ ସମନ୍ୱୟ ଏବଂ ସାଧାରଣ ଜନତାଙ୍କ ସକ୍ରିୟ ସହଯୋଗ ଯୋଗୁଁ ଏହି ଅଭିଯାନ ଏକ ଐତିହାସିକ ସଫଳତା ଦିଗରେ ଅଗ୍ରସର ହୋଇଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ଅବଶିଷ୍ଟ କାର୍ଯ୍ୟକୁ ଆସନ୍ତା ୩ ଦିନ ମଧ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପୂର୍ଣ୍ଣ କରାଯିବ, ଯାହା ମାଧ୍ୟମରେ ରାଜ୍ୟର ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ନାମ ଭୋଟର ତାଲିକାରେ ସଠିକ୍ ଭାବେ ସ୍ଥାନ ପାଇବ ଏବଂ ଗଣତନ୍ତ୍ରର ମୂଳ ଭିତ୍ତି ଆହୁରି ସୁଦୃଢ଼ ହେବ।

# ଜାତୀୟ ମୂଲ୍ୟବୋଧ ପ୍ରତିଯୋଗିତାରେ ଓଡିଏମ୍ ପବ୍ଲିକ ସ୍କୁଲ୍‌ର ସଫଳତା



**ଭୁବନେଶ୍ୱର,୨୫।୬/ଏନ୍ଏନ୍ଏସ୍:** ଭଗବଦ୍‌ଗୀତା ଆଧାରିତ ଭାରତର ସର୍ବବୃହତ ମୂଲ୍ୟବୋଧ ଶିକ୍ଷା ପ୍ରତିଯୋଗିତା (ଭାଲ୍ୟୁ ଏଡ୍ୟୁକେସନ୍ କଣ୍ଟେଷ୍ଟ-ଭି.ଇ.ସି)ରେ ଓଡିଏମ୍ ପବ୍ଲିକ ସ୍କୁଲ, ଶିଶୁବିହାର, ପଟିଆ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଆନ୍ତର୍ଜାତୀୟ କୃଷ୍ଣ ଭାବନାମୃତ ସଂଘ (ଇସ୍କନ) ପକ୍ଷରୁ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ), ବେଙ୍ଗାଲୁରୁ ଏବଂ ଆଇଆଇଟି ଦିଲ୍ଲୀର ସହଯୋଗରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଓଡିଏମ୍ ପବ୍ଲିକ ସ୍କୁଲରୁ ସର୍ବାଧିକ ସଂଖ୍ୟକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଭଗବଦ୍‌ଗୀତା ଶ୍ରେଣୀରେ ଯୋଗଦେବା ସହିତ ଗୀତାର ଶାଶ୍ୱତ ମୂଲ୍ୟବୋଧ ଓ ଜୀବନଦର୍ଶନକୁ ଅନୁଭବ କରିଥିଲେ। ମୂଲ୍ୟବୋଧ ଶିକ୍ଷା ପ୍ରତି ସ୍କୁଲର ନିଷ୍ଠା ଏବଂ ଉତ୍କୃଷ୍ଟ ଅଂଶଗ୍ରହଣ ପାଇଁ ବିଦ୍ୟାଳୟର ଅଧକ୍ଷା ଡ଼. ସନ୍ଧ୍ୟାରାଣୀ ସ୍ୱାଇଁଙ୍କୁ ସ୍ୱତନ୍ତ୍ର ସ୍ମାରକ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ରାଜ୍ୟସ୍ତରରେ ଚତୁର୍ଥ ଶ୍ରେଣୀର ଛାତ୍ର ଶ୍ରୀମାନ ରିସନ୍ଥ ମହାନ୍ତି ଜୁନିୟର ବର୍ଗରେ ଏବଂ ନବମ ଶ୍ରେଣୀର ଛାତ୍ରୀ ସୁଶ୍ରୀ ସାଇ ପ୍ରତିକ୍ଷା ସିନିୟର ବର୍ଗରେ ସମଗ୍ର ରାଜ୍ୟରେ ଶ୍ରେଷ୍ଠ ସ୍ଥାନ ଅଧିକାର କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଉଭୟ ବିଜେତାଙ୍କୁ ସେମାନଙ୍କ ଅସାଧାରଣ ପ୍ରଦର୍ଶନ ପାଇଁ ଟ୍ୟାବଲେଟ୍ ପୁରସ୍କାର ପ୍ରଦାନ କରାଯାଇଛି। ଏଥିସହିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ବିଭିନ୍ନ ଶ୍ରେଣୀର ଶ୍ରେଷ୍ଠ ପ୍ରଦର୍ଶନକାରୀ ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ଉପହାର ଦିଆଯାଇଥିଲା। ବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ସତ୍ୟବ୍ରତ ମୀନକେତନଙ୍କ ସହ ଭୁବନେଶ୍ୱର ଇସ୍କନ୍ ସୋସାଇଟିର ସଭାପତି ଶ୍ରୀପାଦ ସତ୍ୱତପତି ଦାସ, ପ୍ରିନ୍ସିପାଲ ଡ଼. ସନ୍ଧ୍ୟାରାଣୀ ସ୍ୱାଇଁ ଓ ସିନିୟର୍ ପ୍ରିନ୍ସିପାଲ ଡ଼. ରାଜେଶ ପାଢ଼ୀ ସଫଳ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରି ସେମାନଙ୍କ ନିଷ୍ଠା, ଶୃଙ୍ଖଳା ଓ ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରତି ଆଗ୍ରହକୁ ପ୍ରଶଂସା କରିଥିଲେ।

## ଆଜିର ଇତିହାସ

- ୧୮୩୮-ଉପନ୍ୟାସକାର ବଙ୍କିମଚନ୍ଦ୍ର ଚାଟାର୍ଜୀ ଏହି ଦିନ ଜନ୍ମଗ୍ରହଣ କରିଥିଲେ।
- ୧୯୮୨-ଏୟାର୍ ଇଣ୍ଡିଆର ପ୍ରଥମ ବୋଇଂ ବିମାନ 'ଗୌରୀଶଙ୍କର' ମୁମ୍ବାଇ ଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।
- ୧୯୯୫-ମଧ୍ୟପ୍ରଦେଶକୁ ବାଘର ରାଜ୍ୟ ଭାବରେ ଘୋଷଣା କରାଯାଇଥିଲା।
- ୨୦୦୪-ପ୍ରସିଦ୍ଧ ଫିଲ୍ମ ନିର୍ମାତା ଯଶ ଜୋହର୍‌ଙ୍କର ନିଧନ।
- ୨୦୧୩-ଉତ୍ତରାଖଣ୍ଡରେ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇ ୨୦ ଜଣ ଲୋକ ମୃତ୍ୟୁବରଣ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** - ଆର୍ଥିକ ଭାବରେ ଦିନଟି ଉତ୍ତମ। ନିକଟ ବନ୍ଧୁଙ୍କ ସାହାଯ୍ୟରେ କିଛି ବ୍ୟାପାରୀ ଧନ ଲାଭ କରିବେ। ସନ୍ଧ୍ୟା ସମୟରେ ଶୁଭ ସମାଚାର ପାଇବେ। ରଚନାତ୍ମକ କ୍ଷେତ୍ରର ଲୋକମାନେ ସଫଳତା ପ୍ରାପ୍ତ କରିବେ।

**ବୃଷ** - ସ୍ୱାସ୍ଥ୍ୟକୁ ଅଣଦେଖା କରନ୍ତୁ ନାହିଁ। ପ୍ରୋଜେକ୍ଟରୁ ସଫଳତା ପାଇବେ। ରୋମାଣ୍ଟିକ ଜୀବନ ଖୁବ୍ ରହିବ। ପରିବାରର ସଦସ୍ୟଙ୍କ ସହିତ ଖୁବ୍ ଭଲ ସମୟ ବିତେଇବେ। କଲିଗ୍ କାମକୁ ପ୍ରଶଂସା କରିବେ।

**ମିଥୁନ** - ଖାଦ୍ୟପେୟ ପ୍ରତି ଅବହେଳା କରନ୍ତୁ ନାହିଁ। କୌଣସି ପେଣ୍ଡିଂ ପେମେଣ୍ଟ କରିପାରନ୍ତି। ଆର୍ଥିକ ଲାଭ ଯୋଗୁ ଧନର ସ୍ଥିତିରେ ସୁଧାର ହେବ। ଘରକୁ ଅତିଥିଙ୍କ ଆଗମନ ହୋଇପାରେ।

**କର୍କଟ** - କରଜ ଶୁଝିବାରେ ସଫଳ ହେବେ। କାର୍ଯ୍ୟସ୍ଥଳରେ ନୂଆ ଭୂମିକା ଗ୍ରହଣ କରିବେ। ଉଚ୍ଚ ଅଧିକାରୀଙ୍କ ସହଯୋଗ ପାଇବେ। ପରିବାରକୁ ସମୟ ଦେବେ। ବାଣୀ ଉପରେ ସଂଯମ ରଖନ୍ତୁ।

**ସିଂହ** - ଗର୍ଭବତୀ ମହିଳାମାନେ ଖାସ୍ ଧ୍ୟାନ ଦେବେ। କାରୋବାରୀ ସ୍ଥିତି ମଜଭୁତ ରହିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ବିବାହିତ ଲୋକମାନଙ୍କ ପ୍ରେମ ଜୀବନ ଶାନ୍‌ଦାର ରହିବ।

**କନ୍ୟା** - ମନ ଆଜି ପ୍ରସନ୍ନ ରହିବ। ଶୈକ୍ଷିକ କାମରେ ସଫଳତା ମିଳିବ। ସନ୍ତାନ ତରଫରୁ ସୁଖଦ ସମାଚାର ପାଇବେ। ମାତାଙ୍କ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ। ଅତିବାଦୀ ନହେଲେ ଭଲ। ଆର୍ଥିକ ଲାଭ ହୋଇପାରେ।

**ତୁଳା** - ଶାରୀରିକ ଭାବରେ ଫିଟ୍ ରହିବା ପାଇଁ ବ୍ୟାୟାମ କରନ୍ତୁ। ନିବେଶର ଅବସର ପାଇବେ। ଧନର ସ୍ଥିତିରେ ସୁଧାର ହେବ। ନୂଆ ଗ୍ରାହକମାନଙ୍କ ପାଇଁ ଶାନ୍‌ଦାର ଦିନଟିଏ। ଯାତ୍ରା ଲାଭକାରୀ ରହିବ।

**ବିଛା** - ମନରେ ଶାନ୍ତି ଓ ପ୍ରସନ୍ନ ଭାବ ରହିବ। ଆତ୍ମବିଶ୍ୱାସରେ ଭରି ରହିବେ। ପରିବାରରେ ସୁଖ-ଶାନ୍ତି ରହିବ। ସୁଖଦ ସମାଚାର ମିଳିପାରେ। ଆୟ ବୃଦ୍ଧି ହେବ। ଭୂମି, ବାହନ କିଣିବା ସମ୍ଭବ।

**ଧନୁ** - ଆଜି ମଉଜ-ମସ୍ତି କରିବେ। ଧନ ଲାଭର ସମ୍ଭାବନା ରହିଛି। ବ୍ୟାପାରୀ ବ୍ୟବସାୟର ବିସ୍ତାର କରିପାରନ୍ତି। ଜୀବନସାଥି ଆବଶ୍ୟକତା ପୂରଣ କରିବେ। ପରିବାର ସହିତ ଧାର୍ମିକ ଯାତ୍ରା ସମ୍ଭବ।

**ମକର** - ଆତ୍ମବିଶ୍ୱାସରେ ବୃଦ୍ଧି ହେବ। ଅଧିକ ବ୍ୟୟ ହେବା ଯୋଗୁ ମନ ଚିନ୍ତିତ ରହିବ। ମାତାଙ୍କ ସ୍ୱାସ୍ଥ୍ୟରେ ସୁଧାର ହେବ। କୌଣସି ମିତ୍ରଙ୍କ ସହଯୋଗରେ ପରିବର୍ତ୍ତନ ଆସିବ। ଯାତ୍ରାରୁ ଲାଭ ମିଳିପାରେ।

**କୁମ୍ଭ** - ଆଜି ପ୍ରେମ ଓ ସନ୍ତାନରୁ ଲାଭ ମିଳିବ। ଜୀବନସାଥିଙ୍କ ସହଯୋଗ ପାଇବେ। କାମରେ ସିନିୟର୍‌ଙ୍କ ସହଯୋଗ ମିଳିବ। ନୂଆ କାମର ଆରମ୍ଭ ସମ୍ଭବ। ସମ୍ପର୍କୀୟଙ୍କ କାରଣରୁ ମାନସିକ ଚାପ ମିଳିପାରେ।

**ମୀନ** - ଜୀବନସାଥିଙ୍କ ସହିତ ଯୁକ୍ତିତର୍କ ନକଲେ ଭଲ। ସମ୍ପର୍କରେ ଫାଟ ସୃଷ୍ଟି ହେବ। ଭବିଷ୍ୟତ ପାଇଁ ସଞ୍ଚୟ କରିବେ। ଆର୍ଥିକ ସମସ୍ୟାର ସମ୍ମୁଖୀନ ହେବେ। ବ୍ୟବସାୟିକ ଦୃଷ୍ଟିରୁ ଦିନଟି ଉତ୍ତମ।



**ଅନୁବନ୍ଧଂ କ୍ଷୟଂ ହିଂସାମନବେକ୍ଷ୍ୟ ଚ ପୌରୁଷମ୍।**
**ମୋହାଦାରଭ୍ୟତେ କର୍ମ ଯତ୍ତତ୍ତାମସମୁଚ୍ୟତେ। (୧୮/୨୫)**

ଯେଉଁ କର୍ମ ଭବିଷ୍ୟତରେ କି ପ୍ରକାର ପ୍ରତିକ୍ରିୟା ସୃଷ୍ଟି କରିବ ବା କାହାକୁ ହାନି ପହଞ୍ଚାଇବ କି ନାହିଁ ସେସବୁ ଚିନ୍ତା ନକରି ମୋହ ବଶରେ ଯେଉଁ କର୍ମ ସମ୍ପାଦିତ ହୁଏ ତାହାକୁ ତାମସ କର୍ମ କୁହାଯାଏ।

ଶ୍ରୀ ରାମକୃଷ୍ଣ କହନ୍ତି - ଗଭୀର ତପସ୍ୟା କରିବା ଉତ୍ତାରୁ ଲୋକେ ଅଶୁଦ୍ଧତା ଓ ପାପରୁ ମୁକ୍ତ ହୁଅନ୍ତି। ଯେଉଁମାନେ ଅନିଷ୍ଟତା, ଚତୁରତା ଓ ଜଟିଳ ମାନସିକତାରୁ ମୁକ୍ତ ସେମାନେ ଈଶ୍ୱରଙ୍କର ଦର୍ଶନ କରନ୍ତି। କିନ୍ତୁ ସରଳତା ନାଁରେ ଲୋକେ ସରଳ ହେବା ଉଚିତ ନୁହେଁ। ଭକ୍ତ ହେବା ଭଲ କିନ୍ତୁ ବୋକା ହେବା ଉଚିତ ନୁହେଁ। କେଉଁଟା ଠିକ୍ ବୋଲି ଜାଣ ତା'ପରେ ଭଲ କାମ କର।

# କଇଁଛକୁ ସମ୍ମାନ



ଜୋନାଥନ୍ ନାମକ ସବୁଠାରୁ ବୟସ୍କ କଇଁଛ ବିଷୟରେ ଗୁଜବ ଉଠିଥିଲା ଯେ ତା'ର ମୃତ୍ୟୁ ହୋଇସାରିଛି। କିନ୍ତୁ ସେ ସୁସ୍ଥ ରହିବା ସହିତ ଗିନିଜ ୱାର୍ଲଡ୍ ରେକର୍ଡ ଦ୍ୱାରା ସମ୍ମାନିତ ହୋଇଛି। ୧୭ ତାରିଖ ଦିନ ଆଧିକାରିକ ଭାବରେ ଜୋନାଥନ୍‌କୁ ଗିନିଜ ୱାର୍ଲଡ୍ ରେକର୍ଡ ଆଇକନ୍ସ ମଧ୍ୟରୁ ଅନ୍ୟତମ ଭାବରେ ମାନ୍ୟତା ଦିଆଯାଇଥିଲା। ୧୮୩୨ ପୂର୍ବରୁ ଜନ୍ମଗ୍ରହଣ କରିଥିବା ଜୋନାଥନ୍‌ର ବୟସ ଅତି କମ୍‌ରେ ୧୯୪ ହୋଇଥିବା କଥା କୁହାଯାଉଛି ଓ ସେ ଦୁନିଆର ସବୁଠାରୁ ଅଧିକ ଦିନ ଜୀବିତ ରହୁଥିବା ସ୍ଥଳୀୟ ଜୀବ ଭାବରେ ରେକର୍ଡ ମଧ୍ୟ କରିଛି। ବର୍ତ୍ତମାନ ଜୋନାଥନ୍ ଦକ୍ଷିଣ ଆଟ୍‌ଲାଣ୍ଟିକରେ ସ୍ଥିତ ବ୍ରିଟିଶ ବିଦେଶୀ କ୍ଷେତ୍ର ସେଣ୍ଟ ହେଲେନା ଦ୍ୱୀପରେ ପ୍ଲାଣ୍ଟେସନ ହାଉସ୍ ପରିସରରେ ରହୁଛି। ଗିନିଜ ବୁକ୍ ଅନୁସାରେ ଯେତେବେଳେ ୧୮୮୨ରେ ଜୋନାଥନ୍‌କୁ ଦକ୍ଷିଣ ଆଟ୍‌ଲାଣ୍ଟିକ୍‌ର ସେଣ୍ଟ ହେଲେନା ଦ୍ୱୀପକୁ ଅଣାଯାଇଥିଲା ସେବେ ତା'ର ଆନୁମାନିକ ବୟସ ଥିଲା ୫୦ ବର୍ଷ। କିନ୍ତୁ ସେସେଲ୍ସ ପ୍ରଜାତିର ବିଶାଳ କଇଁଛର ହାରାହାରି ବୟସ କେବଳ ୧୫୦ ବର୍ଷ ହୋଇଥାଏ। ସେ ସମୟରେ ଜୋନାଥନ୍‌କୁ ସେଣ୍ଟ ହେଲେନାର ଭାବୀ ଗଭର୍ଣ୍ଣରଙ୍କୁ ଉପହାର ଭାବରେ ଦିଆଯାଇଥିଲା ଓ ସେବେଠାରୁ ସେ ପ୍ଲାଣ୍ଟେସନ୍ ହାଉସ୍‌ରେ ରହୁଛି। ଗିନିଜ ବୁକ୍ ଅନୁସାରେ ଜୋନାଥନ୍‌ର ଅସ୍ତିତ୍ୱ ମାନବ ଜାତିର କେତେକ ମହତ୍ତ୍ୱପୂର୍ଣ୍ଣ ଐତିହାସିକ ଘଟଣା ପୂର୍ବରୁ ଥିଲା ଯଥା- ପ୍ରଥମ ଫଟୋର ଜନ୍ମ, ପ୍ରଥମ ଟେଲିଫୋନ୍ କଲ୍ ଓ ଏଫିଲ୍ ଟାୱାର୍‌ର ନିର୍ମାଣ ପୂରା ହେବା ଆଦି। ତେବେ ଏ ବର୍ଷର ପ୍ରାରମ୍ଭରେ ଏପ୍ରିଲ୍ ଫୁଲ୍ ଡେ'ରେ ଜୋନାଥନ୍‌ର ମୃତ୍ୟୁ ହୋଇଥିବାର ମିଥ୍ୟା ଖବରର ପ୍ରଚାର ହୋଇଥିଲା। ସ୍ଥାନୀୟ ଲୋକମାନେ ଜୋନାଥନ୍‌କୁ 'ମିଷ୍ଟର ଜୋନୋ' ବୋଲି କହନ୍ତି। ତେବେ ଏବେ ବି ଜୋନାଥନ୍ ଜୀବିତ ରହିବା ସହିତ ସୁସ୍ଥ ଅଛି।

# ମହରମ୍



ଇସ୍ଲାମିକ୍ କ୍ୟାଲେଣ୍ଡର୍‌ର ପ୍ରଥମ ଓ ସବୁଠାରୁ ପବିତ୍ର ମାସ ହେଉଛି ମହରମ୍। ଏହି ମାସର ସବୁ ଦିନର ରହିଛି କିଛି ନା କିଛି ମହତ୍ତ୍ୱ। ଇସ୍ଲାମିକ୍ କ୍ୟାଲେଣ୍ଡର୍ ଅନୁସାରେ ଏ ବର୍ଷ ୧୭ ଜୁନ୍‌ରୁ ଆରମ୍ଭ ହୋଇଛି ମହରମ୍ ଓ ଆଶୁରା ପାଳନ କରିବାର ତାରିଖ ୨୬ ଜୁନ୍। ମହରମ୍‌କୁ ନୂଆ ବର୍ଷ ଭାବରେ ପାଳନ କରାଯାଉଥିବା ବେଳେ ଏହି ଦିନଟିକୁ ଶୋକର ଦିନ ବୋଲି ମଧ୍ୟ କୁହାଯାଏ। ମହରମ୍‌ର ଦଶମ ଦିନଟିକୁ ୟୋମ-ଏ-ଆଶୁରା ନାମରେ ସମସ୍ତେ ଜାଣନ୍ତି। ଇସ୍ଲାମୀ ମାନ୍ୟତା ଅନୁସାରେ ଏହି ଦିନ ହଜରତ ଇମାମ ହୁସୈନ ସହିଦ୍ ହୋଇଥିଲେ। ତାଙ୍କୁ ସ୍ମରଣ କରାଯାଇ ମହରମ୍‌ର ଦଶମ ଦିନଟିକୁ ଶୋକ ଦିବସ ଭାବରେ ପାଳନ କରାଯାଏ ଯାହାକୁ ଆଶୁରା ବୋଲି ଲୋକମାନେ କହନ୍ତି। ହଜରତ୍ ଇମାମ୍ ହୁସୈନ, ହଜରତ ମହମ୍ମଦ ସାହେବଙ୍କ ଛୋଟ ନାତି ସେ ଥିଲେ। ସେ ଥିଲେ ମାନବତା ଓ ଅହିଂସାର ପ୍ରତୀକ। ମହରମ୍‌କୁ ନେଇ ଶିୟା ଓ ସୁନ୍ନି ଦୁଇଟି ସମ୍ପ୍ରଦାୟରେ ଅଲଗା ଅଲଗା ମାନ୍ୟତା ରହିଛି। ତେବେ ଏହି ଦିନ ରୋଜା ରଖିଲେ ଆଲ୍ଲା ଖୁସି ହୁଅନ୍ତି ଓ ତାଙ୍କ ଆଶୀର୍ବାଦ ପ୍ରାପ୍ତ ହୁଏ ବୋଲି ମାନ୍ୟତା ରହିଛି। ଏହି ପର୍ବ ପାଳନ କରିବା ପଛରେ ଥିବା କାହାଣୀ ଅନୁସାରେ ହଜରତ ଇମାମ୍ ହୁସୈନ ତାଙ୍କର ୭୨ ଜଣ ସାଥିଙ୍କ ସହିତ ମହରମ୍ ମାସର ଦଶମ ଦିନ କର୍ବଲାରେ ସହିଦ୍ ହୋଇଯାଇଥିଲେ। ଏଥିପାଇଁ ତାଙ୍କର ଶହାଦତ୍ ଓ ତ୍ୟାଗକୁ ସମ୍ମାନ ଜଣାଇ ଏହି ଦିନକୁ ସ୍ମରଣ କରାଯାଏ ଓ କିଛି ସ୍ଥାନରେ ଜୁଲୁସ୍‌ର ଆୟୋଜନ ମଧ୍ୟ ହୋଇଥାଏ। ଆଶୁରା ଦିନ ତାଜିୟାର ରହିଛି ଖାସ୍ ମହତ୍ତ୍ୱ। ଏହାକୁ ସୁନା, ରୁପା, କାଠ, ବାଉଁଶ, ଷ୍ଟିଲ୍, କପଡ଼ା ଓ ରଙ୍ଗବେରଙ୍ଗ କାଗଜରେ ତିଆରି କରାଯାଏ। ମକବରା ଆକାରରେ ତାଜିୟାକୁ ତିଆରି କରାଯାଇ ଆଶୁରା ଦିନ ଜୁଲୁସ୍‌ର ଆୟୋଜନ କରାଯାଏ।

# ଲାଉ ଜୁସ୍ ବନାମ ବେଲ ସରବତ୍

**ଗରମ ଦିନରେ ଶରୀରକୁ ଥଣ୍ଡା ରଖିବା, ଡିହାଇଡ୍ରେସନ୍ ଓ ଊର୍ଜା ବଜାୟ ରଖିବା ପାଇଁ ଲୋକମାନେ ବିଭିନ୍ନ ପ୍ରକାରର ପ୍ରାକୃତିକ ସ୍ୱାସ୍ଥ୍ୟ ପାନୀୟ ସେବନ କରିବା ଆରମ୍ଭ କରିଦିଅନ୍ତି। ଏଥି ମଧ୍ୟରେ ରହିଛି ଦୁଇଟି ଲୋକପ୍ରିୟ ପାନୀୟ- ଲାଉ ଜୁସ୍ ଓ ବେଲ ସରବତ୍। ଏହି ଦୁଇ ପାନୀୟକୁ ଆୟୁର୍ବେଦ ଓ ଆଧୁନିକ ପୋଷଣ ବିଜ୍ଞାନରେ ଲାଭକାରୀ ବୋଲି ପ୍ରମାଣିତ କରାଯାଇଛି।**

**ସଠିକ୍ ପାନୀୟର ଚୟନ**-ଗରମ ଦିନେ ଶରୀରରୁ ଅଧିକ ଝାଳ ବାହାରେ ଯେଉଁ କାରଣରୁ ପାଣି ଓ ଇଲେକ୍ଟ୍ରୋଲାଇଟ୍‌ର ଅଭାବ ଦେଖାଯାଏ। ସମୟ ଥାଉ ଥାଉ ଯଦି ଏସବୁର ପୂରଣ କରାଯାଉ ନାହିଁ ତେବେ କ୍ଳାନ୍ତ ଲାଗିବା, ମୁଣ୍ଡ ବୁଲେଇବା, ମୁଣ୍ଡବ୍ୟଥା ଓ ହିଟ୍ ଷ୍ଟ୍ରୋକ୍ ଆଦିର ସମସ୍ୟା ହୋଇପାରେ। ଏଥିପାଇଁ ଗରମ ଦିନେ ଏପରି ପାନୀୟର ଚୟନ କରିବା ଉଚିତ ଯାହା ଶରୀରକୁ ହାଇଡ୍ରେଟ୍ ରଖିବ, ପାଚନରେ ସୁଧାର ଆଣୁଥିବ, ପୋଷଣ ପ୍ରଦାନ କରୁଥିବ ଓ ଶରୀରକୁ ପ୍ରାକୃତିକ ଭାବରେ ଥଣ୍ଡା ରଖୁଥିବ। ତେଣୁ ଏପରି ସ୍ଥିତିରେ ଲାଉ ଜୁସ୍ ଓ ବେଲ ସରବତ୍ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି।




**ଲାଉ ଜୁସ୍**-ଲାଉ ଏକ ହାଲୁକା, ପାଣିରେ ଭରପୂର ଥିବା ପରିବା। ଦୀର୍ଘ ସମୟ ହେଲାଣି ଡିଟକ୍ସ ଡ୍ରିଙ୍କ୍ ଓ ଓଜନ ହ୍ରାସ କରେଇବା ପାଇଁ ଏହାର ଜୁସ୍‌କୁ ପ୍ରାକୃତିକ ପେୟ ଭାବରେ ଉପଯୋଗ କରାଯାଏ।

**ପୋଷକ ତତ୍ତ୍ୱ**- ଲାଉରେ ପାଖାପାଖି ୯୦-୯୫ ପ୍ରତିଶତ ପାଣି ଥାଏ, ଫାଇବର୍, ଭିଟାମିନ୍-ସି, ପୋଟାସିୟମ୍, ମ୍ୟାଗ୍ନେସିୟମ୍, ଆଣ୍ଟିଅକ୍ସିଡେଣ୍ଟ୍ସ ଭରପୂର ମାତ୍ରାରେ ଥାଏ।

**ଲାଭ**- ପାଣିର ମାତ୍ରା ଅଧିକ ଥିବାରୁ ଡିହାଇଡ୍ରେସନ୍‌ରୁ ରକ୍ଷା ପାଇବାର ଉପାୟରେ ଏହା ଖୁବ୍ ପ୍ରଭାବୀ ଢ଼ଙ୍ଗରେ କାମ କରେ। ଓଜନ ହ୍ରାସ ପାଇଁ ଏହା ଏକ ଖୁବ୍ ବଢ଼ିଆ ବିକଳ୍ପ ଓ ଶୀଘ୍ର ଭୋକ ମଧ୍ୟ ଲାଗେ ନାହିଁ। ଆୟୁର୍ବେଦ ଲାଉକୁ ଶରୀର ଶୁଦ୍ଧ କରୁଥିବା ପରିବା ଭାବରେ ଗ୍ରହଣ କରିଛି। ଲିଭର୍‌ର କାର୍ଯ୍ୟକ୍ଷମତାକୁ ଏହା ସପୋର୍ଟ କରେ। ଏଥିରେ ରହୁଥିବା ପୋଟାସିୟମ୍‌ର ଭାଗ ଶରୀରରେ ସୋଡିୟମ୍ ସନ୍ତୁଳନକୁ ବଜାୟ ରଖିବାରେ ସହାୟତା କରେ।

**ବେଲ ସରବତ୍**-ଏହା ଏକ ପାରମ୍ପରିକ ଭାରତୀୟ ଫଳ ଯାହାକୁ ଗରମ ଦିନେ ପାନୀୟ ଭାବରେ ଲୋକମାନେ ସବେନ କରନ୍ତି। ବେଲ ସରବତ୍ ସ୍ୱାଦିଷ୍ଟ ହେବା ସହିତ ଅନେକ ସ୍ୱାସ୍ଥ୍ୟ ଲାଭ ଦେଇଥାଏ।

**ପୋଷକ ତତ୍ତ୍ୱ**- ବେଲରେ ଫାଇବର୍, ଭିଟାମିନ୍-ସି, କ୍ୟାଲ୍‌ସିୟମ୍, ଆୟରନ୍ ଓ ପ୍ରାକୃତିକ କାର୍ବୋହାଇଡ୍ରେଟ୍ ଥାଏ।

**ଲାଭ**-ପାଚନ ତନ୍ତ୍ରକୁ ମଜଭୁତ କରେ, କୋଷ୍ଠକାଠିନ୍ୟରୁ ରକ୍ଷା କରେ, ପେଟର ଗରମକୁ କମ୍ କରାଏ, ଊର୍ଜା ପ୍ରଦାନ କରେ।

# 'ତୁମ୍ବାଡ୍-୨'ର ସୁଟିଂ ଅପ୍‌ଡେଟ୍

ଜୁନ୍ ମାସ ଶେଷ ହୋଇଯିବ ଓ ପୂରା ଦେଶ ଏ ସମୟରେ ମନସୁନ୍ ଅପେକ୍ଷାରେ ରହିଛି। କିନ୍ତୁ ସାଧାରଣ ଜନତା ଓ କୃଷକମାନଙ୍କ ବ୍ୟତୀତ ମନୋରଞ୍ଜନ ଦୁନିଆରେ ମଧ୍ୟ କିଛି ଲୋକ ଅପେକ୍ଷା କରି ରହିଛନ୍ତି ମନସୁନ୍‌ର ଆଗମନକୁ। ଏଠାରେ କଲ୍ଟ କ୍ଲାସିକ ଫିଲ୍ମ 'ତୁମ୍ବାଡ଼-୨' ବିଷୟରେ କୁହାଯାଉଛି ଯାହାର ନିର୍ମାତାମାନେ ଅସଲି ବର୍ଷାରେ ଫିଲ୍ମର ସୁଟିଂ କରିବା ପାଇଁ ଚାହୁଁଛନ୍ତି। ୨୦୧୮ରେ ରିଲିଜ ହୋଇଥିଲା ଫିଲ୍ମ 'ତୁମ୍ବାଡ଼'। ସେଥିରେ ଲଗାତର ହୋଇଥିବା ମୂଷଳଧାରା ବର୍ଷା ଓ କାଦୁଅରେ ଲୋମହର୍ଷଣକାରୀ ଦୃଶ୍ୟଗୁଡ଼ିକ ଦର୍ଶକମାନଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଥିଲେ। ଏହି ଖାସ୍ ପରିସ୍ଥିତିକୁ କ୍ୟାମେରାରେ କଏଦ କରିବା ପାଇଁ ନିର୍ମାତାମାନେ ପୂରା ଚାରିଟି ମନସୁନ୍‌କୁ ଅପେକ୍ଷା କରି ରହିଥିଲେ ଓ ଏଥିପାଇଁ ଫିଲ୍ମଟିର ନିର୍ମାଣ କେତେ ବର୍ଷ ପରେ ଶେଷ ହୋଇଥିଲା। ଏବେ ଖବର ଆସୁଛି ଏହାର ସିକ୍ୱେଲର ନିର୍ମାଣ ବିଷୟରେ ଯାହାର ପ୍ରସ୍ତୁତିକୁ ନେଇ ନିର୍ମାତାମାନେ ମହାରାଷ୍ଟ୍ରର ଜଙ୍ଗଲଗୁଡ଼ିକରେ ମନସୁନ୍‌ର ପିଛା କରୁଛନ୍ତି। ଏଥର ମହାରାଷ୍ଟ୍ରର ମନସୁନ୍ ଅଜବ ପ୍ରକାରର ଓ ଅନିଶ୍ଚିତତା ମଧ୍ୟରେ ଚାଲିଛି। ଏପରି ସ୍ଥଳେ ପ୍ରଡକ୍ସନ୍ ଦଳ ଅନେକ ପ୍ରକାରର ସର୍ଟକଟ୍ ରାସ୍ତା ଆପଣାଇବା ସହିତ ସେଟ୍‌ରେ ନକଲି ପାଣିର ବ୍ୟବସ୍ଥା କରିବା ପାଇଁ ମନା କରୁଛି। ସେମାନଙ୍କ ଅନୁସାରେ ନକଲି ପାଣି 'ତୁମ୍ବାଡ଼'ର ଅସଲି ଓ ଭୟଙ୍କର ଅନୁଭବକୁ କମ୍ କରାଇଦେବ। ତେଣୁ ଯେଉଁଠାରେ ଭୟଙ୍କର ବର୍ଷାର ସମ୍ଭାବନା ରହିଛି 'ତୁମ୍ବାଡ଼' ଟିମ୍ ସେହି ସ୍ଥାନର ସନ୍ଧାନରେ ଅଛନ୍ତି। ତେବେ 'ତୁମ୍ବାଡ଼-୨'ର କାହାଣୀକୁ ନେଇ ସୋହମ୍ ଶାହା ଓ ତାଙ୍କର ପୂରା ଦଳ ସମସ୍ତଙ୍କୁ ସସ୍ପେନ୍ସରେ ରଖିଛନ୍ତି। ଏଥର ଏହି ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ନେଇଛନ୍ତି ଆଦେଶ ପ୍ରସାଦ। ଆକ୍ଟର୍-ପ୍ରଡ୍ୟୁସର୍ ସୋହମ୍ ଶାହ ନିଜର କମ୍ପାନୀ ସୋହମ୍ ଶାହା ଫିଲ୍ମସ୍ ଅନ୍ତର୍ଗତ ୩ ଡିସେମ୍ବର, ୨୦୨୭ରେ ଫିଲ୍ମଟିକୁ ରିଲିଜ କରେଇବେ। ଏଥିରେ ବିନାୟକ ରାଓ ଭୂମିକାରେ ଫେରିବେ ସୋହମ ଶାହା। ନୱାଜୁଦ୍ଦିନ ସିଦ୍ଦିକୀ ଓ ଆଲିଆ ଭଟ୍ଟ ମଧ୍ୟ ଏଥିରେ ପ୍ରମୁଖ ଭୂମିକାରେ ନଜର ଆସିବେ।










ବୈଶ୍ୱିକ ମଞ୍ଚରେ ଭାରତୀୟ ଭାଷାଗୁଡ଼ିକର ପ୍ରଭାବ ଲଗାତର ବୃଦ୍ଧି ପାଉଛି। ଆମ ଦେଶର ତିନୋଟି ଭାଷାକୁ ଅଧିକ କୁହାଯାଉଥିବା ଦଶଟି ଭାଷା ମଧ୍ୟରେ ସ୍ଥାନ ମିଳିଛି। ଏଥ୍‌ନୋଲଗ୍‌ର ନୂଆ ରିପୋର୍ଟ ଅନୁସାରେ ହିନ୍ଦୀ ଦୁନିଆର ତୃତୀୟ ସବୁଠାରୁ ଅଧିକ କୁହାଯାଉଥିବା ଭାଷା ଭାବରେ ନିଜର ସ୍ଥାନକୁ ବଜାୟ ରଖିଛି। ଏହା ସହିତ ବଙ୍ଗାଳୀ ଓ ଉର୍ଦ୍ଦୁ ମଧ୍ୟ ବୈଶ୍ୱିକ ଶୀର୍ଷ ୧୦ଟି ଭାଷା ମଧ୍ୟରେ ଅଛନ୍ତି। ପାଖାପାଖି ୬୧୧.୨ ମିଲିଅନ୍ ବକ୍ତାଙ୍କ ସହିତ ହିନ୍ଦୀ ଦୁନିଆରେ ତୃତୀୟ ଅଧିକ କୁହାଯାଉଥିବା ଭାଷା। ମୁଖ୍ୟତଃ ଆମ ଦେଶ, ନେପାଳ, ମରିସସ୍ ଓ ଫିଜି ପରି ଦେଶଗୁଡ଼ିକ ସହିତ ଦୁନିଆରେ ଭାରତୀୟ ପ୍ରବାସୀ ସମୁଦାୟଙ୍କ ମଧ୍ୟରେ ହିନ୍ଦୀ ଭାଷାର ଖୁବ୍ ପ୍ରଚଳନ ରହିଛି। ହିନ୍ଦୀ କହୁଥିବା ଏକ ବଡ଼ ସଂଖ୍ୟା କେବଳ ଇଂରାଜୀ ଓ ମାଣ୍ଡାରିନ୍ ଚୀନୀ ପରେ ଦୁନିଆର ପ୍ରଭାବଶାଳୀ ଭାଷାଗୁଡ଼ିକ ମଧ୍ୟରେ ନିଜର ସ୍ଥାନକୁ ବଜାୟ ରଖିବାରେ ସାହାଯ୍ୟ କରିଛନ୍ତି। ବଙ୍ଗାଳୀ ଭାଷା ବୈଶ୍ୱିକ ସୂଚୀରେ ସପ୍ତମ ସ୍ଥାନରେ ଅଛି। ଏହି ଭାଷା ବାଂଲାଦେଶ ଓ ଭାରତର ପଶ୍ଚିମବଙ୍ଗ, ତ୍ରିପୁରା ଓ ଆସାମର କିଛି ଭାଗରେ ବଡ଼ ସଂଖ୍ୟାରେ କୁହାଯାଏ। ୨୭୦ ମିଲିଅନ୍‌ରୁ ଅଧିକ କୁହାଯାଉଥିବା ବଙ୍ଗାଳୀ ଦକ୍ଷିଣ ଏସିଆରେ ସବୁଠାରୁ ଅଧିକ ବ୍ୟବହୃତ ହେଉଥିବା ଭାଷା ମଧ୍ୟରୁ ଅନ୍ୟତମ। ଏହି ରାଙ୍କିଙ୍ଗ୍‌ରେ ଉର୍ଦ୍ଦୁ ରହିଛି ଦଶମ ସ୍ଥାନରେ। ଏହା ପାକିସ୍ତାନ ଓ ଆମ ଦେଶର ଅଲଗା ଅଲଗା ସ୍ଥାନରେ କୁହାଯାଏ। ଉତ୍ତର ପ୍ରଦେଶ, ତେଲେଙ୍ଗାନା, ଦିଲ୍ଲୀ, ଜାମ୍ମୁ ଓ କାଶ୍ମୀର, ବିହାର ଆଦିରେ ଏହି ଭାଷାର ଅଧିକ ପ୍ରଚଳନ ରହିଛି। ହିନ୍ଦୀ ଭାଷାର କବିତା, ସାହିତ୍ୟ ଓ ସିନେମାର ପରମ୍ପରା ପିଢ଼ି ପରେ ପିଢ଼ି ଏହାର ପ୍ରଭାବକୁ ବଜାୟ ରଖିଛି।

# ଡାଇବେଟିସ୍ ଓ 'ବି' ଗ୍ରୁପ୍




ଡାଇବେଟିସ୍‌ର ବିପଦ ବୃଦ୍ଧି ପାଇବା କଥା ଆସିଲେ ପ୍ରଥମେ ଖାଦ୍ୟପେୟ, ମୋଟାପଣ ଓ ଖରାପ ଜୀବନଶୈଳୀର ଚର୍ଚ୍ଚା ଆରମ୍ଭ ହୋଇଯାଏ। ଯଦି କେହି କହେ ଯେ ଆପଣଙ୍କ ବ୍ଲଡ୍ ଗ୍ରୁପ୍ 'ବି' ଏଥିପାଇଁ ଦାୟୀ ହୋଇପାରେ ତେବେ ଆଶ୍ଚର୍ଯ୍ୟ ହେବେ ନିଶ୍ଚିତ। ଏକ ନୂଆ ଅଧ୍ୟୟନରେ କୁହାଯାଇଛି ଯେ 'ବି' ବ୍ଲଡ୍ ଗ୍ରୁପ୍‌ର ଲୋକମାନଙ୍କୁ ଟାଇପ୍-୨ ଡାଇବେଟିସ୍‌ର ବିପଦ ଅନ୍ୟ ବ୍ଲଡ୍ ଗ୍ରୁପ୍ ଅପେକ୍ଷା ୨୮ ପ୍ରତିଶତ ଅଧିକ ଥାଏ। ଅଧ୍ୟୟନକାରୀମାନେ ପୂର୍ବରୁ କରିଥିବା ୫୧ଟି ଅଧ୍ୟୟନର ଆକଳନକୁ ଦେଖିବା ପରେ ନୂଆ ଅଧ୍ୟୟନ ସହିତ ତୁଳନା କରିଥିଲେ। ତେବେ ଏହି ତଥ୍ୟ ୬,୮୭୦ ଲୋକଙ୍କ ସହିତ ଜଡ଼ିତ ଆକଳନଗୁଡ଼ିକ ଉପରେ ଆଧାରିତ। ଏହି ଫଳାଫଳ ସେହି ସମସ୍ତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କନେକ୍ସନ୍‌ରେ ରହିଥିବାର ମଜଭୁତ ପ୍ରମାଣ ମିଳିଛି। ଏହାର ଅର୍ଥ ନୁହେଁ ଯେ କେବଳ 'ବି' ବ୍ଲଡ୍ ଗ୍ରୁପ୍‌ର ପ୍ରତି ବ୍ୟକ୍ତିକୁ ଡାଇବେଟିସ୍ ହୋଇଥାଏ। ଏହା କେବଳ ବୃଦ୍ଧି ପାଉଥିବା ବିପଦ ଆଡ଼କୁ ଇସାରା କରୁଛି। ବିଶେଷଜ୍ଞମାନଙ୍କ କହିବା ଅନୁସାରେ କେବଳ 'ବି' ବ୍ଲଡ୍ ଗ୍ରୁପ୍‌ର ଲୋକମାନେ ବ୍ୟସ୍ତ ହେବା ଆବଶ୍ୟକ ନାହିଁ। କାରଣ ଡାଇବେଟିସ୍ ହେବା ପଛରେ ରହିଛି ଅନେକ କାରଣ-ଅଧିକ ଓଜନ, କମ୍ ଚଲାବୁଲା କରିବା, ଖରାପ ଖାଦ୍ୟପେୟ ଓ ପରିବାରରେ ପୂର୍ବରୁ କାହାର ଡାଇବେଟିସ୍ ଥିବା। ତେବେ ଆଜିର ସମୟରେ ଏହାକୁ ଏକ ବଡ଼ ରୋଗ ଭାବରେ ଗ୍ରହଣ କରାଯାଇଛି। ବୈଜ୍ଞାନିକମାନେ ମଧ୍ୟ ଏହା ବୁଝିପାରିନାହାନ୍ତି ଯେ 'ବି' ବ୍ଲଡ୍ ଗ୍ରୁପ୍‌ର ଲୋକମାନଙ୍କ ମଧ୍ୟରେ ଏହାର ବିପଦ କାହିଁକି ଅଧିକ ରହିଛି। ଆନ୍ତରେ ଥିବା ବ୍ୟାକ୍ଟେରିଆ ଅର୍ଥାତ ଗଟ୍ ମାଇକ୍ରୋବାୟୋମ୍ ଏଥିରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ତେଣୁ 'ବି' ବ୍ଲଡ୍ ଗ୍ରୁପ୍ ଓ ଟାଇପ୍-୨ ଡାଇବେଟିସ୍‌ର ଯେଉଁ କନେକ୍ସନ୍ ରହିଛି ଏଥିପାଇଁ ଅଧିକ ରିସର୍ଚ୍ଚର ଆବଶ୍ୟକତା ରହିଛି।

### ମହିଳା ଟି-୨୦ ବିଶ୍ୱକପ୍: ଭାରତର ସେମି ଆଶା କାଏମ୍

# ବାଂଲାଦେଶକୁ ୫ ୱିକେଟ୍‌ରେ ହରାଇଲା



**ଶେଫାଳୀଙ୍କ ଅର୍ଦ୍ଧଶତକ, ରାଧାଙ୍କୁ ୩ ୱିକେଟ୍**

**ମାଞ୍ଚେଷ୍ଟର୍,୨୫।୬/ଏଜେନ୍ସି:** ଭାରତ ଟି-୨୦ ବିଶ୍ୱକପ୍‌ରେ ବାଂଲାଦେଶକୁ ୫ ୱିକେଟ୍‌ରେ ହରାଇ ସେମିଫାଇନାଲ୍ ଆଶା ବଜାୟ ରଖିଛି। ମାଞ୍ଚେଷ୍ଟର୍‌ର ଏମିରେଟ୍ସ ଓଲ୍ଡ ଟ୍ରାଫୋର୍ଡରେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ବାଂଲାଦେଶ ପ୍ରଥମେ ୨୦ ଓଭର୍‌ରେ ୮ ୱିକେଟ୍ ହରାଇ ୧୩୬ ରନ୍ କରିଥିଲା। ଜବାବରେ ଭାରତ ଶେଫାଳୀ ବର୍ମାଙ୍କ ୫୩ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ୍ ଏବଂ ଯାସ୍ତିକା ଭାଟିଆଙ୍କ ୨୩ ରନ୍ ବଳରେ ୧୬.୫ ଓଭର୍‌ରେ ୫ ୱିକେଟ୍ ବିନିମୟରେ ଲକ୍ଷ୍ୟ ହାସଲ କରିନେଇଛି।

୧୩୭ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଭାରତ ପକ୍ଷରୁ ଶେଫାଳୀ ବର୍ମା ଓ ସ୍ମୃତି ମନ୍ଧାନା ପ୍ରଥମ ୱିକେଟ୍ ପାଇଁ ୩୧ ରନ୍ ଯୋଗ କରିଥିଲେ। ମନ୍ଧାନା ମାତ୍ର ୮ ରନ୍ କରି କ୍ୟାଚ୍ ଆଉଟ୍ ହୋଇଥିଲେ। ଏହାପରେ ଶେଫାଳୀ ଓ ଯାସ୍ତିକା ଭାଟିଆଙ୍କ ମଧ୍ୟରେ ୪୫ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ଭାରତ ୬ ଓଭର୍‌ରେ ୧ ୱିକେଟ୍ ବିନିମୟରେ ୬୯ ରନ୍ କରି ମହିଳା ଟି-୨୦ ବିଶ୍ୱକପ୍ ଇତିହାସରେ ନିଜର ସର୍ବଶ୍ରେଷ୍ଠ ପାୱାରପ୍ଲେ ସ୍କୋର୍ କରିଥିଲା। ଇତିମଧ୍ୟରେ ଶେଫାଳୀ ଚୌକା ମାରି ୨୯ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ଏହା ଟି-୨୦ ଅନ୍ତର୍ଜାତୀୟରେ ତାଙ୍କର ୧୮ତମ ଅର୍ଦ୍ଧଶତକ। ତେବେ ସେ ୩୪ ବଲ୍‌ରେ ୮ ଚୌକା ଓ ଗୋଟିଏ ଛକା ସହାୟତାରେ ୫୩ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ଯାସ୍ତିକା ଭାଟିଆ ୨୩ ରନ୍ କରି ରିତୁ ମୋନିଙ୍କ ଶିକାର ହୋଇଥିଲେ। ରିଚା ଘୋଷ ୧୦ ଏବଂ ଜେମିମା ରୋଡ୍ରିଗ୍ସ ୨୬ ରନ୍ କରିଥିଲେ। ଶେଷରେ କ୍ୟାପ୍‌ଟେନ୍ ହରମନ୍‌ପ୍ରୀତ୍ ଅପରାଜିତ ୧୩ ରନ୍ କରି ଦୀପ୍ତି ଶର୍ମା (୫*)ଙ୍କ ସହ ଟିମ୍‌କୁ ବିଜୟୀ କରାଇଥିଲେ। ବାଂଲାଦେଶ ପକ୍ଷରୁ ରିତୁ ମୋନୀ ସର୍ବାଧିକ ୨ଟି ୱିକେଟ୍ ନେଇଥିଲେ।

ଏହା ପୂର୍ବରୁ ଟସ୍ ଜିତି ବ୍ୟାଟିଂ ନେଇଥିବା ବାଂଲାଦେଶ ପକ୍ଷରୁ ଜୁଆରିଆ ଫିର୍ଦୌସ୍ (୩୩ ରନ୍) ଓ କ୍ୟାପ୍‌ଟେନ୍ ନିଗାର ସୁଲ୍‌ତାନା (୩୨ ରନ୍) ଗୁରୁତ୍ୱପୂର୍ଣ୍ଣ ଇନିଂସ୍ ଖେଳିଥିଲେ। ଏହା ବ୍ୟତୀତ ଶୋଭନା ମୋସ୍ତାରୀ ୨୨, ନୋର୍‌ନା ଅଖ୍ତର ୧୩ ଏବଂ ଶରମିନ୍ ଅଖ୍ତର ୧୦ ରନ୍‌ର ଯୋଗଦାନ ଦେଇଥିଲେ। ଭାରତ ପକ୍ଷରୁ ରାଧା ଯାଦବ ସର୍ବାଧିକ ୩ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ଶ୍ରୀ ଚରଣୀ ଦୁଇଟି, ରେଣୁକା ସିଂହ ଠାକୁର ଓ ନନ୍ଦିନୀ ଶର୍ମା ୧-୧ ସଫଳତା ପାଇଥିଲେ।

## ସେମିଫାଇନାଲ୍‌ରେ ଇଂଲଣ୍ଡ ପ୍ରଥମ ଟିମ୍

**ଲଣ୍ଡନ,୨୫।୬/ଏଜେନ୍ସି:** ଇଂଲଣ୍ଡ ପ୍ରଥମ ଟିମ୍ ଭାବେ ଚଳିତ ମହିଳା ଟି-୨୦ ବିଶ୍ୱକପ୍‌ର ସେମିଫାଇନାଲ୍‌ରେ ପହଞ୍ଚିଛି। ବୁଧବାର ବିଳମ୍ବିତ ରାତିରେ ଖେଳାଯାଇଥିବା ମ୍ୟାଚ୍‌ରେ ଇଂଲଣ୍ଡ ୩୮ ରନ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ହରାଇ ଦେଇଛି। ଦ ଲର୍ଡ୍ସ ଷ୍ଟାଡିୟମ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ଇଂଲଣ୍ଡ ୭ ୱିକେଟ୍ ବିନିମୟରେ ୧୮୬ ରନ୍ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ ୫ ୱିକେଟ୍ ହରାଇ ୧୪୮ ରନ୍ କରିବାକୁ ସମର୍ଥ ହୋଇଥିଲା। ଅର୍ଦ୍ଧଶତକ ହାସଲ କରିଥିବା ଡାନି ୱ୍ୟାଟ୍-ହଜ୍ ପ୍ଲେୟାର୍ ଅଫ୍ ଦ ମ୍ୟାଚ୍ ହୋଇଥିଲେ। ୧୮୭ ରନ୍‌ର ଜବାବରେ ଇଣ୍ଡିଜ୍ ପକ୍ଷରୁ ଚିନେଲ୍ ହେନ୍‌ରୀ ସର୍ବାଧିକ ଅପରାଜିତ ୫୧ ରନ୍ କରିଥିବା ବେଳେ କ୍ୟାପ୍‌ଟେନ୍ ହେଲି ମାଥ୍ୟୁଜ୍ ୧୪ ରନ୍ କରି ବିବାଦୀୟ ଭାବେ କ୍ୟାଚ୍ ଆଉଟ୍ ହୋଇଥିଲେ। ଇଂଲଣ୍ଡ ପକ୍ଷରୁ ଡାନି ୱ୍ୟାଟ୍-ହଜ୍ ୪୨ ବଲ୍‌ରେ ସର୍ବାଧିକ ୬୫ ରନ୍ କରିଥିଲେ। ଏହା ବ୍ୟତୀତ କ୍ୟାପ୍‌ଟେନ୍ ହିଥର ନାଇଟ୍ ୪୨, ଏଲିସ୍ କ୍ୟାପ୍‌ସି ୨୬, ସୋଫିଆ ଡଙ୍କଲୀ ୧୧ ରନ୍‌ର ଯୋଗଦାନ ଦେଇଥିଲେ।

## ଭାରତ-ଆୟର୍ଲାଣ୍ଡ ମ୍ୟାଚ୍ ସମୟରେ ପରିବର୍ତ୍ତନ

**ସନ୍ଧ୍ୟା ୭ ପରିବର୍ତ୍ତେ ୬ଟାରୁ ଆରମ୍ଭ ହେବ**

**ବେଲ୍‌ଫାଷ୍ଟ,୨୫।୬/ଏଜେନ୍ସି:** ଭାରତ ଓ ଆୟର୍ଲାଣ୍ଡ୍ ମଧ୍ୟରେ ଜୁନ୍ ୨୬ ଓ ୨୮ ତାରିଖରେ ଖେଳାଯିବାକୁ ଥିବା ଦୁଇଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ର ସମୟରେ ପରିବର୍ତ୍ତନ କରାଯାଇଛି। ଉଭୟ ମ୍ୟାଚ୍ ସନ୍ଧ୍ୟା ୭ଟା ପରିବର୍ତ୍ତେ ଏବେ ସନ୍ଧ୍ୟା ୬ଟାରୁ ଆରମ୍ଭ ହେବ। ଆୟର୍ଲାଣ୍ଡ୍ କ୍ରିକେଟ୍ ବୋର୍ଡ ଏହି ସୂଚନା ଦେଇଛି। ଏହି ନିଷ୍ପତ୍ତିର କାରଣ ମହିଳା ଟି-୨୦ ବିଶ୍ୱକପ୍ ମ୍ୟାଚ୍‌ର ସମୟ। ମହିଳା ବିଶ୍ୱକପ୍‌ରେ ଜୁନ୍ ୨୮ ତାରିଖରେ ଭାରତ-ଅଷ୍ଟ୍ରେଲିଆ ମ୍ୟାଚ୍ ସନ୍ଧ୍ୟା ୭ଟାରେ ଖେଳାଯିବ। ଏହି କାରଣରୁ ଆୟର୍ଲାଣ୍ଡ ସିରିଜ୍‌ର ମ୍ୟାଚ୍ ଏକ ଘଣ୍ଟା ପୂର୍ବରୁ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହା ପୂର୍ବରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ପାଞ୍ଚ ମ୍ୟାଚ୍‌ର ଟି-୨୦ ସିରିଜ୍‌ର ମ୍ୟାଚ୍ ସମୟରେ ମଧ୍ୟ ପରିବର୍ତ୍ତନ କରାଯାଇଥିଲା।

### ଫିଫା ବିଶ୍ୱକପ୍: ନକ୍‌ଆଉଟ୍‌ରେ ମରକ୍କୋ-ବ୍ରାଜିଲ୍

# ଇତିହାସ ରଚିଲା ସାଉଥ୍ ଆଫ୍ରିକା

ନ୍ୟୁୟର୍କ,୨୫।୬/ଏଜେନ୍ସି: ଫିଫା ବିଶ୍ୱକପ୍ ୨୦୨୬ର ୧୪ଶ ଦିନ ରୋମାଞ୍ଚରେ ଭରପୂର ରହିଛି। ବ୍ରାଜିଲ୍ ୩-୦ରେ ସ୍କଟ୍‌ଲାଣ୍ଡକୁ ହରାଇ ନକ୍‌ଆଉଟ୍‌ରେ ସ୍ଥାନ ହାସଲ କରିଥିବା ବେଳେ ଆଘାତରୁ ପ୍ରତ୍ୟାବର୍ତ୍ତନ କରିଥିବା ନେମାର୍ ଟୁର୍ଣ୍ଣାମେଣ୍ଟରେ ନିଜର ପ୍ରଥମ ମ୍ୟାଚ୍ ଖେଳିଛନ୍ତି। ହାଇତି ବିପକ୍ଷରେ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ମରକ୍କୋ ୪-୨ରେ ବିଜୟ ହାସଲ କରିଛି। ଅନ୍ୟପକ୍ଷରେ ସ୍ୱିଜରଲାଣ୍ଡ୍ ଗ୍ରୁପ୍-ବି’ ଶୀର୍ଷ ସ୍ଥାନ ହାସଲ କରିଥିବା ବେଳେ ସହ-ଆୟୋଜକ କାନାଡା ଦ୍ୱିତୀୟ ସ୍ଥାନରେ ରହିଛି। ବୋସ୍‌ନିଆ-ହର୍ଜଗୋଭିନା ୩-୧ରେ କତାର୍‌କୁ ହରାଇ ପରବର୍ତ୍ତୀ ରାଉଣ୍ଡର ଆଶା ମଜଭୁତ କରିଛି। ସେହିପରି ଗ୍ରୁପ୍-ଏ’ରେ ସାଉଥ୍ କୋରିଆକୁ ହରାଇ ସାଉଥ୍ ଆଫ୍ରିକା ଇତିହାସ ରଚି ପ୍ରଥମ ଥର ବିଶ୍ୱକପ୍‌ର ନକ୍‌ଆଉଟ୍‌ରେ ପହଞ୍ଚିଛି। ମେକ୍ସିକୋ ଠାରୁ ହାରି ଚେକିଆ ବିଶ୍ୱକପ୍‌ରୁ ବାହାର ହୋଇଛି।

## ହାଇତିର ସ୍ୱପ୍ନ ଚୂରମାର କଲା ମରକ୍କୋ



ଆଟ୍‌ଲାଣ୍ଟା ଷ୍ଟାଡିୟମ୍‌ରେ ହାଇତିକୁ ୪-୨ ଗୋଲ୍‌ରେ ହରାଇ ମରକ୍କୋ ଗ୍ରୁପ୍-ସି’ର ଦ୍ୱିତୀୟ ସ୍ଥାନରେ ରହି ନକ୍‌ଆଉଟ୍ ରାଉଣ୍ଡରେ ସ୍ଥାନ ହାସଲ କରିଛି। ମ୍ୟାଚ୍‌ରେ ହାଇତି ଦୁଇଥର ଅଗ୍ରଣୀ ହାସଲ କରିଥିଲା। ନେଲୀ ଜୋସେଫ୍ ୧୦ମ ମିନିଟ୍‌ରେ ଗୋଲ୍ ଦେଇ ଟିମ୍‌କୁ ଆଗୁଆ କରିଥିଲେ। ଏହାପରେ ଅଚରଫ୍ ହାକିମି ୩୯ତମ ମିନିଟ୍‌ରେ ବରାବର ଗୋଲ୍ ଦେଇଥିଲେ। କିନ୍ତୁ ଦୁଇ ମିନିଟ୍ ପରେ ୱିଲ୍‌ସନ୍ ଇସିଡୋର୍ ପୁଣିଥରେ ହାଇତିକୁ ଅଗ୍ରଣୀ କରିଥିଲେ। ମାତ୍ର ମରକ୍କୋ ହାର୍ ମାନିନଥିଲା। ଇସ୍ମାଇଲ୍ ସାଇବାରୀ ହାଫ୍ ଟାଇମ୍ ପୂର୍ବରୁ ସ୍କୋର୍ ୨-୨ କରିଥିଲେ। ଏହାପରେ ବଦଳ ଖେଳାଳି ସୁଫିୟାନ୍ ରହିମି ୭୮ତମ ମିନିଟ୍‌ରେ ନିର୍ଣ୍ଣାୟକ ଗୋଲ୍ କରିଥିବା ବେଳେ ୮୯ତମ ମିନି୍‌ରେ ଗେସ୍‌ସିମ୍ ୟାସିନ୍ ଚତୁର୍ଥ ଗୋଲ୍ ଦେଇ ହାଇତିର ଆଶା ସମାପ୍ତ କରିଥିଲେ। ବିଶ୍ୱକପ୍ ୨୦୨୨ର ସେମିଫାଇନାଲିଷ୍ଟ ମରକ୍କୋ ଟିମ୍ ପୁଣିଥରେ ସାବ୍ୟସ୍ତ କରିଦେଇଛି ଯେ ଚଳିତ ଥର ମଧ୍ୟ ଲମ୍ବା ଦୌଡ଼ ଲାଇବାର କ୍ଷମତା ରଖିଛି।

## ଫେରିଲେ ନେମାର, ସ୍କଟ୍‌ଲାଣ୍ଡକୁ ହରାଇଲା ବ୍ରାଜିଲ୍



ପାଞ୍ଚ ଥରର ବିଶ୍ୱ ଚାମ୍ପିଅନ୍ ବ୍ରାଜିଲ୍ ୩-୦ ଗୋଲ୍‌ରେ ସ୍କଟ୍‌ଲାଣ୍ଡକୁ ହରାଇ ନକ୍‌ଆଉଟ୍ ରାଉଣ୍ଡରେ ପ୍ରବେଶ କରିଛି। ଷ୍ଟାର୍ ୱିଙ୍ଗର୍ ଭିନିସିୟସ୍ ଜୁନିୟର୍ ଦୁଇଟି ଗୋଲ୍ ଦେଇ ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିଲେ। ଭିନିସିୟସ୍ ମ୍ୟାଚ୍‌ର ସପ୍ତମ ମିନିଟ୍‌ରେ ପ୍ରଥମ ଏବଂ ହାଫ୍ ଟାଇମ୍‌ର ଠିକ୍ ପୂର୍ବରୁ ଦ୍ୱିତୀୟ ଗୋଲ୍ ଦେଇଥିଲେ। ତାଙ୍କ ସହିତ ମାଥିୟସ୍ କୁହ୍ନା ମଧ୍ୟ ଗୋଟିଏ ଗୋଲ୍ କରିଥିଲେ। ଏହି ମ୍ୟାଚ୍‌ର ସବୁଠୁ ବଡ଼ ଖବର ନେମାରଙ୍କ ପ୍ରତ୍ୟାବର୍ତ୍ତନ ଥିଲା। ଆହତ କାରଣରୁ ପ୍ରାରମ୍ଭିକ ଦୁଇଟି ମ୍ୟାଚ୍ ଖେଳିପାରି ନଥିବା ନେମାର୍ ୭୬ତମ ମିନିଟ୍‌ରେ ପଡ଼ିଆକୁ ଓହ୍ଲାଇଥିଲେ। ଷ୍ଟାଡିୟମ୍‌ରେ ଉପସ୍ଥିତ ବ୍ରାଜିଲ୍ ପ୍ରଶଂସକ ତାଙ୍କର ଜୋରଦାର ସ୍ୱାଗତ କରିଥିଲେ। ଏହି ବିଜୟ ସହ ବ୍ରାଜିଲ୍ ଗ୍ରୁପ୍-ସି’ ଶୀର୍ଷ ସ୍ଥାନ ହାସଲ କରିଥିବା ବେଳେ ସ୍କଟ୍‌ଲାଣ୍ଡ୍ ପୁଣିଥରେ ଗ୍ରୁପ୍‌ରେ ରାଉଣ୍ଡରେ ଆଗକୁ ବଢ଼ିବାରେ ବିଫଳ ହୋଇଛି।



## ପ୍ରଥମ ଥର ନକ୍‌ଆଉଟ୍‌ରେ ସାଉଥ୍ ଆଫ୍ରିକା

ଗ୍ରୁପ୍-ଏ’ର ନିର୍ଣ୍ଣାୟକ ମ୍ୟାଚ୍‌ରେ ସାଉଥ୍ ଆଫ୍ରିକା ୧-୦ ଗୋଲ୍‌ରେ ସାଉଥ୍ କୋରିଆକୁ ହରାଇ ଇତିହାସ ରଚିଛି। ୬୩ତମ ମିନିଟ୍‌ରେ ଥାପେଲୋ ମାସେକୋ ମ୍ୟାଚ୍‌ର ଏକମାତ୍ର ଗୋଟିଏ ଦେଇ ନିଜ ଟିମ୍‌କୁ ବିଜୟୀ କରାଇବା ସହିତ ପ୍ରଥମ ଥର ଫିଫା ବିଶ୍ୱକପ୍‌ର ନକ୍‌ଆଉଟ୍‌ରେ ପହଞ୍ଚାଇଛନ୍ତି। ମାସୋକ ସାଉଥ୍ କୋରିଆ ବିପକ୍ଷରେ ବିଜୟୀ ଗୋଲ୍ ଦେଇ ଇତିହାସ ପୃଷ୍ଠାରେ ନିଜ ନାମ ଲିପିବଦ୍ଧ କରିଛନ୍ତି। ୨୨ ବର୍ଷ ୨୨୫ ଦିନ ବୟସରେ ଗୋଲ୍ କରିବାରେ ମାସେକୋ ଏବେ ଫିଫା ବିଶ୍ୱକପ୍‌ରେ ସାଉଥ୍ ଆଫ୍ରିକାର ଦ୍ୱିତୀୟ ସର୍ବକନିଷ୍ଠ ଖେଳାଳି ହୋଇଛନ୍ତି। ଏହି ବିଜୟ ସହିତ ସାଉଥ୍ ଆଫ୍ରିକା ଗ୍ରୁପ୍‌ର ଦ୍ୱିତୀୟ ସ୍ଥାନରେ ପହଞ୍ଚିଛି ଏବଂ ରାଉଣ୍ଡ୍ ଅଫ୍ ୩୨ରେ ସହ-ଆୟୋଜକ କାନାଡାକୁ ରବିବାର ଲସ୍ ଏଞ୍ଜେଲ୍ସରେ ଭେଟିବ। କୋରିଆକୁ ନକ୍‌ଆଉଟ୍ ସ୍ଥାନ ହାସଲ ପାଇଁ କେବଳ ଡ୍ର’ର ଆବଶ୍ୟକତା ଥିବାବେଳେ ଟିମ୍ ସେଥିରେ ବିଫଳ ହୋଇଛି।

ସବୁଠୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ସାଉଥ୍ କୋରିଆ ପୁରା ମ୍ୟାଚ୍‌ରେ ୬୯ ପ୍ରତିଶତ ବଲ୍ କବ୍‌ଜା ରଖିଥିଲା ଏବଂ ୬୭୨ ପାସ୍ ପୂରା କରିଥିଲା। କିନ୍ତୁ ଏହି ଅଗ୍ରଣୀକୁ ଗୋଲ୍‌ରେ ପରିବର୍ତ୍ତନ କରିପାରି ନଥିଲା। ଅନ୍ୟପକ୍ଷରେ ସାଉଥ୍ ଆଫ୍ରିକା ସୀମିତ ସୁଯୋଗର ଉନ୍ନତ ଉପଯୋଗ କରି ଇତିହାସ ରଚିଛି। ଅବଶ୍ୟ ପରାଜୟ ସତ୍ତ୍ୱେ କୋରିଆର ଆଶା ପୂରା ସମାପ୍ତ ହୋଇନାହିଁ। ଟିମ୍ ଗ୍ରୁପ୍‌ର ତୃତୀୟ ସ୍ଥାନରେ ରହିଛି ଏବଂ ଟିମ୍‌ର ନଜର ଏବେ ଅନ୍ୟ ଗ୍ରୁପ୍‌ର ଫଳାଫଳ ଉପରେ ରହିବ। ଯଦି କୋରିଆ ୮ ସର୍ବଶ୍ରେଷ୍ଠ ତୃତୀୟ ସ୍ଥାନର ଟିମ୍‌ରେ ସାମିଲ ହୁଏ ତେବେ ନକ୍‌ଆଉଟ୍ ଟିକେଟ୍ ହାସଲ କରିପାରେ।

## ଗ୍ରୁପ୍-ବି’ ଶୀର୍ଷରେ ସ୍ୱିଜରଲାଣ୍ଡ୍, କାନାଡା ଦ୍ୱିତୀୟ



ସ୍ୱିଜରଲାଣ୍ଡ୍ ୨-୧ରେ ସହ-କାନାଡ଼ାକୁ ହରାଇ ଗ୍ରୁପ୍-ବି’ର ଶୀର୍ଷ ସ୍ଥାନ ହାସଲ କରିଛି। ପ୍ରଥମ ହାଫ୍‌ରେ ଉଭୟ ଟିମ୍ କୌଣସି ଗୋଲ୍ କରିପାରି ନଥିଲେ। କିନ୍ତୁ ଦ୍ୱିତୀୟ ହାଫ୍ ଆରମ୍ଭରେ ରୁବେନ୍ ଭର୍ଗାସ୍ ସ୍ୱିଜରଲାଣ୍ଡ୍‌କୁ ଆଗ୍ରଣ ପ୍ରଦାନ କରିଥିଲେ। ଏହାପରେ ଯୁବ ଷ୍ଟାର୍ ଜୋହାନ୍ ମଞ୍ଜାମ୍ବୀ ୫୭ତମ ମିନିଟ୍‌ରେ ଦ୍ୱିତୀୟ ଗୋଲ୍ ଦେଇ ଟିମ୍‌ର ସ୍ଥିତି ମଜଭୁତ କରିଦେଇଥିଲେ। କାନାଡା ପକ୍ଷରୁ ପ୍ରମିସ୍ ଡେଭିଡ୍ ୭୬ତମ ମିନିଟ୍‌ରେ ଗୋଟିଏ ଗୋଲ୍ ଶୁଝାଇଥିଲେ ମଧ୍ୟ ଟିମ୍ ସ୍କୋର୍ ସମାନ କରିପାରି ନଥିଲା। ପରାଜୟ ସତ୍ତ୍ୱେ କାନାଡ଼ା ପ୍ରଥମ ତର ବିଶ୍ୱକପ୍ ନକ୍‌ଆଉଟ୍ ରାଉଣ୍ଡରେ ପହଞ୍ଚିବାରେ ସଫଳ ହୋଇଛି। ଅବଶ୍ୟ ସେ ନିଜ ଘରୋଇ ପଡ଼ିଆ ଭାଙ୍କୁଭର୍‌ରେ ପରବର୍ତ୍ତୀ ମ୍ୟାଚ୍ ଖେଳିବାର ସୁଯୋଗ ହାତଛଡ଼ା କରିଛି।

## ଆଶା ବଜାୟ ରଖିଲା ବୋସ୍‌ନିଆ



କତାର୍‌କୁ ୩-୧ ଗୋଲ୍‌ରେ ହରାଇ ବୋସ୍‌ନିଆ-ହର୍ଜଗୋଭିନା ପରବର୍ତ୍ତୀ ରାଉଣ୍ଡରେ ପହଞ୍ଚିବା ଆଶାକୁ ମଜଭୁତ କରିଛି। ୧୮ ବର୍ଷୀୟ କେରିମ୍ ଅଲାଜବେଗୋଭିଚ୍ ୨୯ତମ ମିନିଟ୍‌ରେ ଗୋଲ୍ ଦେଇ ଟିମ୍‌କୁ ଅଗ୍ରଣୀ କରିଥିଲେ। ଏହାପରେ କତାର୍‌ର ସୁଲ୍‌ତାନ ଅଲ୍-ବ୍ରାକୋଙ୍କ ଆତ୍ମଘାତୀ ଗୋଲ୍ ବଳରେ ସ୍କୋର୍ ୨-୦ ହୋଇଥିଲା। ହସନ୍ ଅଲ୍ ହାୟଦୋସ୍‌ଙ୍କ ଗୋଲ୍ ଜରିଆରେ କତାର୍ ପ୍ରତ୍ୟାବର୍ତ୍ତନ ଉଦ୍ୟମ କରିଥିଲେ ମଧ୍ୟ ୮୦ମ ମିନିଟ୍‌ରେ ଏରମିନ୍ ମହମିକ୍ ତୃତୀୟ ଗୋଲ୍ ଦେଇ ମ୍ୟାଚ୍ ସମାପ୍ତ କରିଥିଲେ। ଗ୍ରୁପ୍-ବି’ର ତୃତୀୟ ସ୍ଥାନରେ ରହିଥିବା ବୋସ୍‌ନିଆ-ହର୍ଜଗୋଭିନା ଏବେ ସର୍ବଶ୍ରେଷ୍ଠ ତୃତୀୟ ସ୍ଥାନର ଟିମ୍‌ଙ୍କ ମଧ୍ୟରେ ସାମିଲ ହୋଇ ରାଉଣ୍ଡ୍ ଅଫ୍ ୩୨ରେ ସ୍ଥାନ ହାସଲର ପ୍ରବଳ ଦାବିଦାର ହୋଇଛି।

## ଚେକିଆକୁ ବାହାର କଲା ମେକ୍ସିକୋ

ଗ୍ରୁପ୍-ଏ’ର ଦ୍ୱିତୀୟ ମ୍ୟାଚ୍‌ରେ ସହ-ଆୟୋଜକ ମେକ୍ସିକୋ ଦ୍ୱିତୀୟ ହାଫ୍‌ରେ ଚମତ୍କାର ପ୍ରଦଶନ କରି ଚେକିଆକୁ ୩-୦ ଗୋଲ୍‌ରେ ହରାଇ ଦେଇଛି। ପ୍ରଥମ ହାଫ୍‌ରେ ଦୁଇ ଟିମ୍ ମଧ୍ୟରେ କଡ଼ା ଟକ୍କର ହୋଇଥିଲେ ମଧ୍ୟ କେହି ଗୋଲ୍ କରିପାରି ନଥିଲେ। ମାତ୍ର ଦ୍ୱିତୀୟ ହାଫ୍‌ରେ ମେକ୍ସିକୋ ସମ୍ପୂର୍ଣ୍ଣ ଭାବେ ମ୍ୟାଚ୍ ଉପରେ କବ୍‌ଜା ଜମାଇଥିଲା। ୫୫ତମ ମିନିଟ୍‌ରେ ରାଉଲ୍ ଜେମିନେଜ୍‌ଙ୍କ ପାସ୍‌ରେ ମାତେଓ ଚାଭେଜ୍ ଗୋଲ୍ ଦେଇ ମେକ୍ସିକୋର ଖାତା ଖୋଲିଥିଲେ। ଏହାର ମାତ୍ର ୬ ମିନିଟ୍ ପରେ ଜୁଲିୟନ୍ କ୍ୱିନୋନେସ୍ ଚେକିଆ ଡିଫେନ୍ସର ତ୍ରୁଟିର ଫାଇଦା ଉଠାଇ ଦ୍ୱିତୀୟ ଗୋଲ୍ କରିଥିଲେ। ଷ୍ଟପେଜ୍ ଟାଇମ୍‌ରେ ଅଲ୍‌ଭାରୋ ଫିଦାଲ୍‌ଗୋ ତୃତୀୟ ଗୋଲ୍ କରି ବିଜୟ ଉପରେ ମୋହର ଲଗାଇଥିଲେ। ଏହି ବିଜୟ ସହିତ ମେକ୍ସିକୋ ପ୍ରଥମ ଥର ବିଶ୍ୱକପ୍ ଗ୍ରୁପ୍ ପର୍ଯ୍ୟାୟରେ ସମସ୍ତ ମ୍ୟାଚ୍ ଜିତି ‘ପରଫେକ୍ଟ ଗ୍ରୁପ୍ ଷ୍ଟେଜ୍’ ପୂରା କରିଛି। ଅନ୍ୟପକ୍ଷରେ ୨୦ ବର୍ଷ ପରେ ବିଶ୍ୱକପ୍‌କୁ ଫେରିଥିବା ଚେକିଆ ଟିମ୍‌ର ଯାତ୍ରା ଗ୍ରୁପ୍ ଚରଣରେ ହିଁ ଶେଷ ହୋଇଛି।



# ମୋଦୀଙ୍କୁ ଭେଟିଲେ ଆମାଜନ୍ ସିଇଓ



**ଆଗାମୀ ୪ବର୍ଷରେ ଭାରତରେ ନିବେଶ କରିବେ ୪୮ ବିଲିୟନ୍ ଡଲାର**

**ନୂଆଦିଲ୍ଲୀ, ୨୫।୬/ଏଜେନ୍ସି:** ଅନ୍‌ଲାଇନ୍ ଜାଏଣ୍ଟ୍ ଆମାଜନ୍ କମ୍ପାନୀ ନିଜ ଇ-କମର୍ସ ପ୍ଲାଟଫର୍ମ ଏବଂ ଏଆଇ ଓ କ୍ଲାଉଡ୍ ଭିତ୍ତିଭୂମିର ସମ୍ପ୍ରସାରଣ ପାଇଁ ୨୦୨୬ ରୁ ୨୦୩୦ (୪ ବର୍ଷରେ) ମଧ୍ୟରେ ଭାରତରେ ୪୮ ବିଲିୟନ ଡଲାର ନିବେଶ କରିବାକୁ ଯୋଜନା କରୁଛି। ଏହିକ୍ରମେ ଆମାଜନ ସିଇଓ ଆଣ୍ଡି ଜାସି ଗୁରୁବାର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି। ଜାସି ଭାରତ ପ୍ରତି ଆମାଜନର ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି ଏବଂ ୨୦୩୦ ସୁଦ୍ଧା ଦେଶରେ ଏଆଇ ଏବଂ କ୍ଲାଉଡ୍ ଭିତ୍ତିଭୂମି ସମ୍ପ୍ରସାରଣ ପାଇଁ ଅତିରିକ୍ତ ୧୩ ବିଲିୟନ ଡଲାର ନିବେଶ କରିବାକୁ ଯୋଜନା ଘୋଷଣା କରିଛନ୍ତି। ୨୦୨୬ରୁ ୨୦୩୦ ମଧ୍ୟରେ ଏଆଇ ଏବଂ କ୍ଲାଉଡ୍ ଭିତ୍ତିଭୂମିର ସମ୍ପ୍ରସାରଣ ଏବଂ ସହାୟତା ପାଇଁ ଆମାଜନର ସମୁଦାୟ ଯୋଜନାବଦ୍ଧ ନିବେଶକୁ ୨୧ ବିଲିୟନ ଡଲାରରୁ ଅଧିକକୁ ନେଇଯାଉଛି (ଯାହା ସମୁଦାୟ ୪୮ ବିଲିୟନ ଡଲାର ନିବେଶର ଏକ ଅଂଶ), ଯାହା ଏହାକୁ ଦେଶରେ ସବୁଠାରୁ ବଡ଼ ବିଶ୍ୱସ୍ତରୀୟ ଏଆଇ ଏବଂ କ୍ଲାଉଡ୍ ଭିତ୍ତିଭୂମି ନିବେଶକାରୀଙ୍କ ମଧ୍ୟରୁ ଅନ୍ୟତମ ଭାବରେ ପ୍ରତିଷ୍ଠିତ କରୁଛି। ଏହି ନିବେଶ ମୁମ୍ବାଇ ଏବଂ ହାଇଦ୍ରାବାଦରେ ଏଡବ୍ଲ୍ୟୁଏସ୍ ଡାଟା ସେଣ୍ଟର କ୍ଷମତା ବୃଦ୍ଧି କରିବ, ଯାହାଫଳରେ ଷ୍ଟାର୍ଟଅପ୍, ଏଣ୍ଟରପ୍ରାଇଜ୍ ଏବଂ ସରକାରୀ ସଂଗଠନଗୁଡ଼ିକୁ କଷ୍ଟମ୍ ଏଆଇ ଚିପ୍ସ, ମ୍ୟାନେଜ୍ଡ ଏଆଇ ସେବା, ସୁରକ୍ଷିତ ଓ ନିର୍ଭରଯୋଗ୍ୟ କ୍ଲାଉଡ୍ ପ୍ରଯୁକ୍ତିବିଦ୍ୟା ଏବଂ ଡେଭଲପର୍ ଟୁଲ୍ସ ଉପଲବ୍ଧ ହେବ, ଯାହା ଦ୍ୱାରା ସେମାନେ ଶୀଘ୍ର ନୂତନତ୍ୱ ଆଣିପାରିବେ, ଦ୍ରୁତ ଗତିରେ ଅଭିବୃଦ୍ଧି କରିପାରିବେ ଏବଂ ବିଶ୍ୱସ୍ତରରେ ଗ୍ରାହକମାନଙ୍କୁ ସେବା ଯୋଗାଇ ପାରିବେ। ପ୍ରକାଶ, ୨୦୧୦-୨୦୩୦ ମଧ୍ୟରେ ଭାରତରେ ଆମାଜନର ସମୁଦାୟ ନିବେଶ ୮୮ ବିଲିୟନ ଡଲାରରୁ ଅଧିକ ରହିଛି। ଜାସି କହିଛନ୍ତି, ତାଙ୍କ କମ୍ପାନୀ ଓ ସେ ନିଜେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ‘ବିକଶିତ ଏବଂ ଆତ୍ମନିର୍ଭର ଭାରତ’ର ଦୂରଦୃଷ୍ଟି ଦ୍ୱାରା ଅନୁପ୍ରାଣିତ ଏବଂ ଭାରତର ବିକାଶ ଯାତ୍ରାରେ ଏକ ଦୀର୍ଘକାଳୀନ ଅଂଶୀଦାର ହେବା ପାଇଁ ପ୍ରତିବଦ୍ଧ। ଜାସି ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ତାଙ୍କ ନେତୃତ୍ୱ ପାଇଁ ଧନ୍ୟବାଦ ଜଣାଇଥିଲେ ଏବଂ ଭାରତର ବଢୁଥିବା ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ, ଯେଉଁଠାରେ ଆମାଜନ ଇ-କମର୍ସ, ଏଆଇ ଏବଂ କ୍ଲାଉଡ୍, ଏବଂ ମନୋରଞ୍ଜନ ସହିତ ଅନ୍ୟାନ୍ୟ କେତେକ ବ୍ୟବସାୟ ପରିଚାଳନା କରୁଛି। ସୂଚନାଯୋଗ୍ୟ ଭାରତ ସରକାରଙ୍କ ପ୍ରାଥମିକତା ଅନୁଯାୟୀ, ଆମାଜନ୍ କମ୍ପାନୀ ଏଆଇ-ଚାଳିତ ଡିଜିଟାଲାଇଜେସନ, ରପ୍ତାନି ବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟି ଉପରେ ନିଜର ଦୃଢ଼ ଧ୍ୟାନ ଜାରି ରଖିବ। କମ୍ପାନୀ ୩.୮ ମିଲିୟନ (୩୮ ଲକ୍ଷ) ନିଯୁକ୍ତିକୁ ସହାୟତା କରିବା, ୮୦ ବିଲିୟନ ଡଲାରର ସମୁଦାୟ ରପ୍ତାନି କରିବା, ୧୫ ମିଲିୟନ (୧.୫ କୋଟି) କ୍ଷୁଦ୍ର ବ୍ୟବସାୟ ପାଇଁ ଏଆଇ ଲାଭ ସକ୍ଷମ କରିବା ଏବଂ ୪ ମିଲିୟନ (୪୦ ଲକ୍ଷ) ସରକାରୀ ସ୍କୁଲ ଛାତ୍ରଛାତ୍ରୀଙ୍କୁ ଏଆଇ ଶିକ୍ଷା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛି।

### ‘ଡିଜିଟାଲ୍ ଆରେଷ୍ଟ’ ଠକେଇ ବିରୁଦ୍ଧରେ ବଡ଼ କାର୍ଯ୍ୟାନୁଷ୍ଠାନ

## ୧୬ ରାଜ୍ୟର ୮୦ରୁ ଅଧିକ ସ୍ଥାନରେ ସିବିଆଇ ଚଢ଼ଉ

**ନୂଆଦିଲ୍ଲୀ, ୨୫।୬/ଏଜେନ୍ସି:** ‘ଡିଜିଟାଲ୍ ଆରେଷ୍ଟ’ ବା ସାଇବର ଠକେଇ ସହିତ ଜଡ଼ିତ ଅପରାଧୀଙ୍କ ବିରୁଦ୍ଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ସିବିଆଇ। ରିପୋର୍ଟ ଅନୁସାରେ ଦେଶର ପ୍ରାୟ ୧୬ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୮୦ରୁ ଅଧିକ ସ୍ଥାନରେ ବ୍ୟାପକ ସର୍ଚ୍ଚ ଅପରେସନ୍ କରିଛି ଏହି ତଦନ୍ତ ଏଜେନ୍ସି। ସିବିଆଇର ଏହି ସର୍ଚ୍ଚ ଅପରେସନ୍ ‘ଅପରେସନ୍ ଚକ୍ର-୬’ ଅଧୀନରେ କରାଯାଇଥିଲା, ଯାହା ଭାରତୀୟ ଏବଂ ବିଦେଶୀ ନାଗରିକଙ୍କୁ ଟାର୍ଗେଟ୍ କରୁଥିବା ଆନ୍ତର୍ଜାତୀୟ ସାଇବର-ସକ୍ଷମ ଆର୍ଥିକ ପ୍ରତାରଣା ନେଟୱର୍କଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିବା ପାଇଁ ଏକ ବଡ଼ ପ୍ରୟାସର ବୃହତ୍ ଅଂଶବିଶେଷ। ସିବିଆଇର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇ କହିଛନ୍ତି ଯେ, ଏହି ମାମଲାଟି ୨୦୨୬ ମେ ମାସରେ ରୁଜୁ ହୋଇଥିବା ଏକ ଅନୁସନ୍ଧାନ ସହିତ ଜଡ଼ିତ, ଯେଉଁଥିରେ ଅଭିଯୁକ୍ତମାନେ ନିଜକୁ ସିବିଆଇ, ଇଡି କିମ୍ବା ନାର୍କୋଟିକ୍ସ କଣ୍ଟ୍ରୋଲ୍ ବ୍ୟୁରୋ (ଏନ୍‌ସିବି) ଭଳି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଅଧିକାରୀ ଭାବେ ପରିଚୟ ଦେଇ ନିରୀହ ଲୋକଙ୍କୁ ଶୋଷଣ କରୁଥିଲେ। ତେବେ ଏହି ବ୍ୟାପକ ଚଢ଼ାଉ ସମୟରେ ସିବିଆଇ ୨ ଜଣ ପ୍ରମୁଖ ଅଭିଯୁକ୍ତଙ୍କୁ ଗିରଫ କରିଛି, ଯେଉଁମାନେ ଏହି ସିଣ୍ଡିକେଟ୍‌ର ମୁଖ୍ୟ ପରିଚାଳକ ଥିଲେ। ଏହା ସହିତ ଅଭିଯାନ ସମୟରେ ବିପୁଳ ପରିମାଣର ଡିଜିଟାଲ୍ ପ୍ରମାଣ, ମୋବାଇଲ୍ ଫୋନ୍, ଲାପଟପ୍, ବ୍ୟାଙ୍କ ଖାତା ସମ୍ବନ୍ଧୀୟ ଦଲିଲ ଏବଂ ପ୍ରତାରଣା ପାଇଁ ବ୍ୟବହୃତ ହେଉଥିବା ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି।


ନିତିଦିନ NITIDIN

NEW AGE MEDIA & PUBLICATIONS PVT. LTD.

Shed No.- TS-2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha

Invite application for the following posts:

| Name of the post | Location | Experience |
| --- | --- | --- |
| District Correspondence (DC) | Dhenkanal & Ganjam (Berhampur) | Having more than 3 years experience in Newspaper Tread |

Interested candidates may submit their Resume/CV through e-mail at hr@nitidin.com or Contact : 7681055980


## ଜମ୍ମୁ-କାଶ୍ମୀର ପୁଲିସ୍ ଷ୍ଟେସନ ଉପରେ ଆକ୍ରମଣ: ୪୦ ସେନାକର୍ମୀଙ୍କ ବିରୋଧରେ ଏଫ୍‌ଆଇଆର୍

**ଶ୍ରୀନଗର, ୨୫।୬/ଏଜେନ୍ସି:** ଜମ୍ମୁ-କାଶ୍ମୀରର କିଶୱାଡ଼ା ପୁଲିସ ଷ୍ଟେସନ ଉପରେ ଚଢ଼ାଉ କରିବା, ପୁଲିସ୍ କର୍ମଚାରୀଙ୍କୁ ମାଡ଼ ମାରିବା ଏବଂ ଷ୍ଟେସନ୍ ଭଙ୍ଗାରୁଜା କରାଯିବା ମାମଲାରେ ଭାରତୀୟ ସ୍ଥଳସେନା (୧୭ ରାଷ୍ଟ୍ରୀୟ ରାଇଫଲ୍ସ)ର କମାଣ୍ଡିଂ ଅଫିସର କର୍ଣ୍ଣେଲ ଏନ୍ ଅରୁଣ ଗାନ୍ଧୀ, ମେଜର ବିକାଶ ଶର୍ମା, ନାଏବ ସୁବେଦାର ଶଙ୍କର ଗୁରଖେଙ୍କ ସମେତ ୪୦ସୈନିକଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ ହୋଇଛି। ଜମ୍ମୁ କାଶ୍ମୀର ପୁଲିସ୍ ଏହି ଏଫ୍‌ଆଇଆର୍‌ରେ ଅଭିଯୋଗ କରିଛି ଯେ, ସେମାନଙ୍କ ଉପରେ ସେନା କର୍ମଚାରୀଙ୍କ ଏହି ଆକ୍ରମଣ ସମ୍ପୂର୍ଣ୍ଣ ଯୋଜନାବଦ୍ଧ ଥିଲା ଏବଂ ଏଥିରେ କିଛି ପୁଲିସ୍ କର୍ମଚାରୀ ଆହତ ହୋଇଛନ୍ତି। ସୁତରାଂ ଏହି ସେନା କର୍ମଚାରୀଙ୍କ ବିରୋଧରେ ହତ୍ୟା ଉଦ୍ୟମ ଏବଂ ସରକାରୀ ସମ୍ପତ୍ତି ନଷ୍ଟ କରିବା ଅଭିଯୋଗ ଆଣିଛି ଜମ୍ମୁ କାଶ୍ମୀର ପୁଲିସ୍। ଏହି ସେନା କର୍ମଚାରୀଙ୍କ ବିରୋଧରେ କିଶ୍ୱାଡ଼ର ଆଥୋଲି ପୁଲିସ୍ ଷ୍ଟେସନ ଭିତରକୁ ଜବରଦସ୍ତି ପଶି ସରକାରୀ ଅଧିକାରୀ ଓ ପୁଲିସ୍ କର୍ମଚାରୀଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ତେବେ ସେନା ପକ୍ଷରୁ କୁହାଯାଇଛି ଯେ ସେମାନେ ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରିବେ। ମିଳିତ ତଦନ୍ତର ନିଷ୍କର୍ଷ ଆଧାରରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବର୍ତ୍ତମାନ ତଦନ୍ତ ଚାଲୁ ରହିଥିବାରୁ ଏହି ପର୍ଯ୍ୟାୟରେ ଅଧିକ କିଛି ମନ୍ତବ୍ୟ ଦେବା ଉଚିତ୍ ହେବ ନାହିଁ। ରିପୋର୍ଟ ଅନୁଯାୟୀ, କିଶ୍ୱାଡ଼ର ଆସିଷ୍ଟାଣ୍ଟ ଆଞ୍ଚଳିକ ପରିବହନ ଅଧିକାରୀ, ସେନାର ଏକ ଗାଡ଼ି ଜବତ କରିବା ପରେ ସୈନ୍ୟମାନେ ପୁଲିସ୍ ଷ୍ଟେସନ ଉପରେ ଚଢ଼ାଉ କରିଥିଲେ। ସେନାବାହିନୀ ଦ୍ୱାରା ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଆଥୋଲି ପୁଲିସ୍ ଷ୍ଟେସନର ଡିଏସପି ବିଜୟ କୁମାର ଭଗତ ଏବଂ ଷ୍ଟେସନ ହାଉସ୍ ଅଫିସର ଏସଏଚଓ ଅମୃତ କାଟୋଚ୍ ପ୍ରମୁଖ ସାମିଲ ଅଛନ୍ତି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra